RNI No.ODIODI/2010/33031
୧୭ ବର୍ଷ Volume-17
ISSUE -205 ସଂଖ୍ୟା-୨୦୫
ଭୁବନେଶ୍ୱର, ଶନିବାର ୩୧ ଅକ୍ଟୋବର ୨୦୨୬
Bhubaneswar, Saturday 31 October, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



ଆକାଶମାର୍ଗରୁ ବନ୍ୟା ସ୍ଥିତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ





ଭୁବନେଶ୍ୱର,୩୦।୧୦(ନି.ପ୍ର.): ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ପ୍ରଳୟଙ୍କରୀ ବର୍ଷା ଯୋଗୁଁ ଦକ୍ଷିଣଓଡ଼ିଶାର ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ସଙ୍ଗୀନ ହୋଇପଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ହେଲିକପ୍ଟର ଯୋଗେ ଆକାଶମାର୍ଗରୁ ପ୍ରଭାବିତ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବନ୍ୟା ସ୍ଥିତି ଓ କ୍ଷୟକ୍ଷତିର ତଦାରଖ କରିଛନ୍ତି। ଜଳପ୍ରଳୟ ଯୋଗୁ ଜଳବନ୍ଦୀ ଅବସ୍ଥାରେ ଥିବା ପ୍ରଭାବିତଙ୍କ ପାଖରେ ଖାଦ୍ୟ ସାମଗ୍ରୀ ପହଂଚାଇବାକୁ ପ୍ରଶାସନ ଏବେ ପ୍ରାଥମିକତା ଦେଇ ଏୟାର ଡ୍ରପିଂ କରାଉଛି। ଆଉ ଏସବୁ ମଧ୍ୟରେ ଆସନ୍ତା ନଭେମ୍ବର ୨ ତାରିଖରେ କେନ୍ଦ୍ରୀୟ ଟିମ୍ ଓଡ଼ିଶା ଆସି କ୍ଷୟକ୍ଷତିର ଆକଳନ କରିବେ ବୋଲି ଜଣାପଡ଼ିଛି।ଆକାଶମାର୍ଗରୁ ପରିସ୍ଥିତିର ଆକଳନ କରିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ବିପତ୍ତି ସମୟରେ ରାଜ୍ୟବାସୀଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ମୋର ସର୍ବୋଚ୍ଚ ପ୍ରାଥମିକତା। ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ଆକାଶମାର୍ଗରୁ ଗଞ୍ଜାମ ଓ ଗଜପତି ଜିଲ୍ଲାର ପ୍ରଭାବିତ ଅଂଚଳଗୁଡ଼ିକର ସ୍ଥିତି ଅନୁଧ୍ୟାନ କଲି। ପ୍ରଭାବିତଙ୍କ ନିକଟରେ ଖାଦ୍ୟ, ପାନୀୟ ଜଳ ଓ ଜରୁରୀ ସ୍ୱାସ୍ଥ୍ୟସେବା ଯେପରି ବିନା ବାଧାରେ ପହଂଚିପାରିବ, ସେଥିପାଇଁ ସମଗ୍ର ପ୍ରଶାସନ ଅହୋରାତ୍ର କାର୍ଯ୍ୟ କରୁଛି। ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛି। ଏଥିସହ ବିପର୍ଯ୍ୟସ୍ତ ରାସ୍ତାଘାଟର ପୁନରୁଦ୍ଧାର, ବିଦ୍ୟୁତ ସରବରାହ ସ୍ୱାଭାବିକ କରିବା ଓ ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ପାଇଁ ପ୍ରଶାସନକୁ ସମ୍ପୂର୍ଣ୍ଣ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କଠିନ ସମୟରେ ସରକାର ଦୃଢ଼ତାର ସହ ସହ ଛିଡ଼ା ହୋଇ ରହିଛନ୍ତି।

କନ୍ଧମାଳରେ ୩ଜଣଙ୍କ ମୃତ୍ୟୁ ଘଟଣା: ଆର୍ଥିକ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/ ଫୁଲବାଣୀ୩୦।୧୦(ନି.ପ୍ର.): କନ୍ଧମାଳ ଜିଲ୍ଲାରେ ବାତ୍ୟା 'ଅର୍ଣ୍ଣବ' ଜନିତ ପ୍ରବଳ ବର୍ଷାରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ସମୟରେ ରାଇକିଆ ବ୍ଲକ ମାଣିକେଶ୍ୱର ପଞ୍ଚାୟତର ଡାଙ୍ଗେଶି ଗ୍ରାମରେ ୩ଜଣଙ୍କ ମୃତ୍ୟୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ଡାଙ୍ଗେଶି ଗ୍ରାମର ଦମ୍ପତି ଅଚ୍ୟୁତ ପ୍ରଧାନ, ଅନୀଷା ପ୍ରଧାନ ଏବଂ ସେମାନଙ୍କ ଶିଶୁସନ୍ତାନଙ୍କର ଦୁଃଖଦ ପ୍ରାଣହାନି ଘଟିଛି। ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଉଛି।ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି (ଉଗଜର)ରୁ ୪ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ, ପ୍ରବଳ ବର୍ଷାରେ ଗ୍ରାମର ୧୫ ଘର ଧୋଇଯାଇଥିବା ଜଣାପଡ଼ିଛି।ଘଟଣାସ୍ଥଳରେ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ଓ ଏସପି ରମେନ୍ଦ୍ର ପ୍ରସାଦ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।

ଚାଷୀଙ୍କ ଉନ୍ନତି ଓ ଆର୍ଥିକ ବିକାଶ ହିଁ ଓଡ଼ିଶାର ସାମଗ୍ରୀକ ବିକାଶକୁ ଆଗକୁ ନେବ- ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୧୦(ନି.ପ୍ର.): ଦେଶର କୃଷକ ସମାଜକୁ ଆର୍ଥିକ ଭାବେ ଅଧିକ ସଶକ୍ତ ଓ ଆତ୍ମନିର୍ଭରଶୀଳ କରିବା ଦିଗରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ 'ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି' ଅର୍ଥାତ୍ 'ପିଏମ୍ କିଷାନ' ଯୋଜନାର ୨୪ତମ କିସ୍ତି ସହାୟତା ରାଶି ସିଧାସଳଖ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଛି। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜୁରାଟର ବନାସକାଣ୍ଠା ଠାରେ ଅନୁଷ୍ଠିତ ଜାତୀୟ ସମାରୋହରୁ ଆଭାସୀ ମାଧ୍ୟମରେ ଏହି ସହାୟତା ରାଶି ବଣ୍ଟନର ଶୁଭାରମ୍ଭ କରିଛନ୍ତି। ସାରା ଦେଶରେ ୯.୩୪ କୋଟି ରୁ ଅଧିକ ଚାଷୀଙ୍କୁ ୧୮,୬୯୦ କୋଟି ଟଙ୍କା ପ୍ରଦାନ କରାଯାଇଛି।

ଓଡ଼ିଶାର ୩୫ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କ ଆକାଉଣ୍ଟକୁ ଗଲା ପିଏମ୍ କିଷାନ ଟଙ୍କା

ଗୁଜୁରାଟର ବନାସକାଣ୍ଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଏହି କାର୍ଯ୍ୟକ୍ରମକୁ ଓଡିଶାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଏବଂ ରାଜ୍ୟର ଅନ୍ୟାନ୍ୟ ମନ୍ତ୍ରୀ ଓ ବିଧାୟକମାନେ ସିଧାପ୍ରସାରଣ ଦେଖିଥିଲେ।

ଏହି ଅବସରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତର କୃଷକମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ସିଧାସଳଖ କଥା ମଧ୍ୟ ହୋଇଥିଲେ, ଯାହାକି କୃଷକ ମହଲରେ ବେଶ୍ ଉତ୍ସାହ ସୃଷ୍ଟି କରିଥିଲା। ଏହି ଜାତୀୟ କାର୍ଯ୍ୟକ୍ରମ ଅବସରରେ ଓଡ଼ିଶାର ୩୫ ଲକ୍ଷ ୩୮ ହଜାରରୁ ଉର୍ଦ୍ଧ୍ୱ ଯୋଗ୍ୟ କୃଷକଙ୍କ ବ୍ୟାଙ୍କ ଜମାଖାତାକୁ ଡିବିଟି ଜରିଆରେ ୨ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଭାବରେ ସମୁଦାୟ ୭୦୭.୬୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ, ପଞ୍ଚାୟତ, ପ୍ୟାକ୍ସ ଏବଂ ମଣ୍ଡି ସ୍ତରରେ ଅତ୍ୟନ୍ତ ଉତ୍ସାହର ସହ ପାଳିତ ହୋଇଯାଇଛି।ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ଏହି



ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଆମ ପାଇଁ କୃଷକ ସମାଜ କେବଳ ଚାଷୀ ନୁହନ୍ତି, ସେମାନେ ଆମ ପାଇଁ ଅନ୍ନଦାତା। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଅନ୍ନଦାତାଙ୍କୁ ସେମାନଙ୍କ ନ୍ୟାଯ୍ୟ ଅଧିକାର ପ୍ରଦାନ କରିବା ପାଇଁ ପ୍ରଥମ ଦିନରୁ ହିଁ ବିଭିନ୍ନ ଯୁଗାନ୍ତକାରୀ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ରାଜ୍ୟର କୌଣସି ଜଣେ ବି ଯୋଗ୍ୟ କୃଷକ ଯେପରି ଏହି ଯୋଜନାର ସହାୟତାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଆମ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି। ଚାଷୀଭାଇମାନେ ସେମାନଙ୍କର ନିକଟସ୍ଥ ରାଜସ୍ୱ କାର୍ଯ୍ୟାଳୟ କିମ୍ବା କୃଷି କାର୍ଯ୍ୟାଳୟକୁ ଯାଇ ଆଗ୍ରିଷ୍ଟାକ୍ ପୋର୍ଟାଲରେ ତୁରନ୍ତ ପଞ୍ଜୀକରଣ କରାଇନେବାକୁ ସେ ଅନୁରୋଧ କରିଥିଲେ। କୃଷକମାନଙ୍କ ଉନ୍ନତି ଓ ଆର୍ଥିକ ବିକାଶ ହିଁ ଓଡ଼ିଶାର ସାମଗ୍ରୀକ ବିକାଶକୁ ଆଗକୁ ନେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।କେନ୍ଦ୍ର ସରକାରଙ୍କ ପିଏମ୍ କିଷାନ ଯୋଜନା ସହିତ ତାଳ ଦେଇ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ସିଏମ୍ କିଷାନ ଯୋଜନା କାର୍ଯ୍ୟକ୍ରମ କରୁଛନ୍ତି। ଏହି ଯୋଜନା ମାଧ୍ୟମରେ ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ବାର୍ଷିକ ୪ ହଜାର ଟଙ୍କା ଏବଂ ଭୂମିହୀନ କୃଷି ପରିବାରକୁ ଜୀବନଜୀବିକା ସହାୟତା ବାବଦରେ ୧୨,୫୦୦ ଟଙ୍କା ପ୍ରଦାନ କରାଯାଉଛି। ଏଥିରେ ସହରାଞ୍ଚଳର ଚାଷୀ ଏବଂ ବିଶେଷ ଭାବେ ଦୁର୍ବଳ ଜନଜାତି ଗୋଷ୍ଠୀର ଚାଷୀମାନଙ୍କୁ ମଧ୍ୟ ସାମିଲ କରାଯାଇଛି। ସେହିପରି ସିଏମ୍ କିଷାନ ହିତାଧିକାରୀଙ୍କ ପିଲାମାନଙ୍କ ଉଚ୍ଚଶିକ୍ଷା ପାଇଁ ଉଦ୍ଦିଷ୍ଟ କୃଷି ବିଦ୍ୟାନିଧି ଯୋଜନା ଅଧୀନରେ ଡାକ୍ତରୀ, ଇଞ୍ଜିନିୟରିଂ, କୃଷି ଏବଂ ଆନୁସଙ୍ଗିକ ବୈଷୟିକ ପାଠ୍ୟକ୍ରମ ପଢ଼ିବା ପାଇଁ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ୨୦୨୪-୨୫ରେ ୧୩,୯୨୩ ପିଲାଙ୍କୁ ୫୩.୬୯ କୋଟି ଟଙ୍କା କୃଷି ବିଦ୍ୟାନିଧି ବୃତ୍ତି ଦିଆଯାଇଥିବା ବେଳେ ୨୦୨୫-୨୬ରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରି ୬୮,୯୧୦ ପିଲାଙ୍କୁ ୨୯୧.୬୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ପୂର୍ବ ବର୍ଷ ଅପେକ୍ଷା ଏହି ପରିମାଣ ପ୍ରାୟ ୫ ଗୁଣ ବୃଦ୍ଧି ହୋଇଛି। ଚଳିତ ଶିକ୍ଷାବର୍ଷରେ ରେକର୍ଡ ସଂଖ୍ୟକ ମେଧାବୀ ଛାତ୍ରଛାତ୍ରୀଙ୍କୁ କୋଟିକୋଟି ଟଙ୍କାର ଅର୍ଥରାଶି ଛାତ୍ରବୃତ୍ତି ବାବଦରେ ପ୍ରଦାନ କରାଯାଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହା ରାଜ୍ୟର କୃଷି ଇତିହାସରେ ଏକ ଅଭୂତପୂର୍ବ ସଫଳତା।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ସମୃଦ୍ଧ କୃଷକ ଯୋଜନା ମାଧ୍ୟମରେ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯାଉଥିବାବେଳେ ଚଳିତ ବର୍ଷ ଲକ୍ଷାଧିକ ଚାଷୀ ପଞ୍ଜୀକରଣ କରିଛନ୍ତି। ଏହାଦ୍ୱାରା ଅନ୍ନଦାତାମାନଙ୍କ ମୁହଁରେ ଆଜି ଆନନ୍ଦର ଲହରି ଖେଳିଯାଇଛି। ବିଗତ ଦିନରେ ଲଗାଣ ବର୍ଷା, ବନ୍ୟା ଏବଂ ସାମ୍ପ୍ରତିକ ବାତ୍ୟା ପରବର୍ତ୍ତୀ ବର୍ଷା ଯୋଗୁଁ ରାଜ୍ୟର କେତେକ ଜିଲ୍ଲାରେ ଫସଲ ନଷ୍ଟ ହୋଇଥିବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଦୃଢ଼ ଆଶ୍ୱାସନା ଦେଇ କହିଛନ୍ତି ଯେ, ଯେତେ ବିପତ୍ତି ଆସୁ ନ କାହିଁକି, ଆପଣଙ୍କ ସରକାର ଓ ମୁଖ୍ୟମନ୍ତ୍ରୀ ସର୍ବଦା ଆପଣଙ୍କ ଦୁଃଖସୁଖରେ ସାଥୀ ହୋଇ ଠିଆ ହୋଇଛନ୍ତି। କ୍ଷତିଗ୍ରସ୍ତ ଫସଲର ଆକଳନ କରାଯାଇ ନିୟମାନୁଯାୟୀ ଚାଷୀମାନଙ୍କୁ ଯଥାଶୀଘ୍ର ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯିବ।

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ନିଜର ବକ୍ତବ୍ୟ ରଖି କହିଥିଲେ ଯେ, ରାଜ୍ୟରେ କୃଷକଙ୍କ ସର୍ବାଙ୍ଗୀନ କଲ୍ୟାଣ ପାଇଁ ପିଏମ୍ କିଷାନ ଏବଂ ସିଏମ୍ କିଷାନ ଭଳି ଅନେକ ଯୁଗାନ୍ତକାରୀ ଯୋଜନାମାନ ସଫଳତାର ସହ ପ୍ରଣୟନ କରାଯାଇଛି। ସାମ୍ପ୍ରତିକ 'ଅର୍ଣ୍ଣବ' ବାତ୍ୟା ଯୋଗୁଁ ସୃଷ୍ଟ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନଙ୍କୁ କ୍ଷୟକ୍ଷତିର ଆକଳନ ଅନୁଯାୟୀ ଅତିଶୀଘ୍ର ସହାୟତା ରାଶି ଯୋଗାଇ ଦିଆଯିବ। ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକର ମୁକାବିଲା ସମୟରେ ରାଜ୍ୟ ସରକାର ସବୁବେଳେ ଚାଷୀଙ୍କ ସାଥିରେ ଅଛନ୍ତି ଏବଂ ରହିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଯାଦବ, ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ଶୁଭ୍ରାଂଶୁ ମିଶ୍ର, ସୁବ୍ରତ କୁମାର ପଣ୍ଡାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ନକ୍ସଲମୁକ୍ତ ସରଣ୍ଡା ଜଙ୍ଗଲରୁ ଶକ୍ତିଶାଳୀ ଲ୍ୟାଣ୍ଡମାଇନ ଜବତ

ରାଉରକେଲା ୩୦।୧୦(ନି.ପ୍ର.): ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ସୀମାନ୍ତ ଝାଡ଼ଖଣ୍ଡ ସରଣ୍ଡା ଜଙ୍ଗଲରୁ ନକ୍ସଲ ମୂଳପୋଛ ହୋଇଥିବା ନେଇ ସରକାର ଘୋଷଣା କରିଥିଲେ। ଏହି ନକ୍ସଲମୁକ୍ତ ଜଙ୍ଗଲରେ ପୁଣିଥରେ ନକ୍ସଲଙ୍କ ଗତିବିଧି ଚିହ୍ନଟ କରାଯାଇଛି। ନକ୍ସଲ ସଂଗଠନ ଏକ ବଡ଼ ହିଂସାକାଣ୍ଡ ଯୋଜନା କରିଥିବା ବେଳେ ସୁରକ୍ଷାବାହିନୀ ଏହାକୁ ବିଫଳ କରିଛନ୍ତି। ଜଙ୍ଗଲ ମଧ୍ୟରୁ ଦୁଇଟି ଶକ୍ତିଶାଳୀ ଲ୍ୟାଣ୍ଡମାଇନ୍ ଉଦ୍ଧାର କରାଯାଇଛି।

ମିଳିଥିବା ସୂଚନାରେ, ପଶ୍ଚିମ ସିଂହଭୂମିର ସରଣ୍ଡା ଜଙ୍ଗଲରେ ନକ୍ସଲ ବିରୋଧୀ ଅଭିଯାନ ସମୟରେ ସୁରକ୍ଷା ବାହିନୀକୁ ଏକ ବଡ଼ ସଫଳତା ମିଳିଛି। କିରିବୁରୁ ଅଞ୍ଚଳର ବାହାଡା ଗ୍ରାମ ନିକଟରେ କୋୟନା ନଦୀ କୂଳରେ ମାଟି ତଳେ ଲୁଚାଇ ରଖାଯାଇଥିବା ଦୁଇଟି ଶକ୍ତିଶାଳୀ ଲ୍ୟାଣ୍ଡମାଇନ ଉଦ୍ଧାର କରାଯାଇଛି। ସିଆରପିଏଫର ୧୯୩ତମ ବାଟାଲିୟନ ଏବଂ ଝାଡ଼ଖଣ୍ଡ ପୁଲିସ ମିଳିତ ଦଳ ଏକ ସର୍ଚ୍ଚ ଅପରେସନ୍ କରୁଥିଲେ। ସର୍ଚ୍ଚ ସମୟରେ, ମାଟି ତଳେ ପୋତା ଯାଇଥିବା ବିସ୍ଫୋରକଗୁଡ଼ିକୁ ପାଇଲେ। ପରବର୍ତ୍ତୀ ସମୟରେ, ବୋମା ନିଷ୍କ୍ରିୟକାରୀ ଦଳ ଉଭୟ ଲ୍ୟାଣ୍ଡମାଇନକୁ ସୁରକ୍ଷିତ ଭାବରେ ନିଷ୍କ୍ରିୟ କରିଦେଇଥିଲେ।

ଉଲ୍ଲେଖଯୋଗ୍ୟ, କିଛି ମାସ ପୂର୍ବରୁ, ଏହି ଦୁଇଟି ଆଇଇଡି ମିଳିଥିବା ସ୍ଥାନଠାରୁ ଅଳ୍ପ ଦୂରରେ ପୁଲିସ ଏବଂ ନକ୍ସଲ ମଧ୍ୟରେ ଏକ ବଡ଼ ଏନକାଉଣ୍ଟର ହୋଇଥିଲା। ଏନକାଉଣ୍ଟରରେ ମୁଣ୍ଡ ଉପରେ ୧ କୋଟି ଟଙ୍କା ପୁରସ୍କାର ଥିବା ନକ୍ସଲ ନେତା ପ୍ରତିମ ମାଝି ଓରଫ ଅନଳ ଓରଫ ଅନିଳ ଓରଫ ତୁଫାନ୍ ଦା ଏବଂ ୫୦ ଲକ୍ଷ ଟଙ୍କା ପୁରସ୍କାର ପାଇଥିବା ଅନମୋଲ ଦା ସମେତ ମୋଟ ୧୭ ଜଣ ନକ୍ସଲ ନିହତ ହୋଇଥିଲେ। ଏନକାଉଣ୍ଟର ସ୍ଥଳରୁ ମାତ୍ର ଦୁଇରୁ ତିନି କିଲୋମିଟର ଦୂରରେ

ଆନ୍ଧ୍ର ଓ ଓଡ଼ିଶାର ସ୍ଥିତିକୁ ନେଇ ଚିନ୍ତା ପ୍ରକାଶ କଲେ ରାହୁଲ ଗାନ୍ଧୀ

ଭୁବନେଶ୍ୱର,୩୦।୧୦(ନି.ପ୍ର.): ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ହୋଇଥିବା ପ୍ରବଳ ଲଗାଣ ବର୍ଷା ଏବଂ ବନ୍ୟା ଦକ୍ଷିଣ ଓଡ଼ିଶା ସମେତ ପଡ଼ଶୀ ଆନ୍ଧ୍ରପ୍ରଦେଶରେ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ବିଶେଷ କରି ଓଡ଼ିଶାର ଗଞ୍ଜାମ ଏବଂ ଗଜପତି ଜିଲ୍ଲାରେ ବନ୍ୟା ପ୍ରକୋପ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଥିବା ବେଳେ ପ୍ରଜାଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏହି ପ୍ରାକୃତିକ ବିପର୍ଯ୍ୟୟରେ ହୋଇଥିବା ଧନଜୀବନ କ୍ଷତିକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗଭୀର ଦୁଃଖ ଓ ଚିନ୍ତା ପ୍ରକାଶ କରିଛନ୍ତି।ସୋସିଆଲ ମିଡିଆ ଏକ୍ସ ରେ ଏକ ପୋଷ୍ଟ ଶେୟାର କରି ରାହୁଲ ଗାନ୍ଧୀ ଲେଖିଛନ୍ତି ଯେ, ଆନ୍ଧ୍ରପ୍ରଦେଶରେ ବାତ୍ୟା 'ଅର୍ଣ୍ଣବ'ର



ତାଣ୍ଡବ ଏବଂ ଓଡ଼ିଶାରେ ଲଗାଣ ବର୍ଷା ଯୋଗୁଁ ସୃଷ୍ଟ ବନ୍ୟା ପରିସ୍ଥିତି ତାଙ୍କୁ ଗଭୀର ଭାବେ ବ୍ୟଥିତ କରିଛି। ଏହି ବିପର୍ଯ୍ୟୟରେ ଯେଉଁମାନେ ନିଜର ପ୍ରିୟଜନଙ୍କୁ ହରାଇଛନ୍ତି, ସେମାନଙ୍କ ପରିବାର ପ୍ରତି ସେ ଶୋକସନ୍ତପ୍ତ ସମବେଦନା ଜଣାଇଛନ୍ତି। ଏହାସହ ନିଜର ଘରଦ୍ୱାର, ଜୀବିକା ଏବଂ ସୁରକ୍ଷା ହରାଇଥିବା ସମସ୍ତ ପ୍ରଭାବିତ ଲୋକଙ୍କ ସହ ସେ ରହିଛନ୍ତି ବୋଲି ପ୍ରକାଶ କରିଛନ୍ତି। ଏହି ସଙ୍କଟଜନକ ସମୟରେ ପ୍ରଭାବିତ ପ୍ରତ୍ୟେକ ପରିବାର ପାଖରେ ତୁରନ୍ତ ଉଦ୍ଧାର, ରିଲିଫ୍ ଏବଂ ପୁନର୍ବାସ ସହାୟତା ପହଞ୍ଚାଇବାକୁ ସେ ସରକାରମାନଙ୍କୁ ଆହ୍ୱାନ ଦେଇଛନ୍ତି।

ରାଷ୍ଟ୍ରପତିଙ୍କ ତିନିଦିନିଆ ଓଡ଼ିଶା ଗସ୍ତ ବାତିଲ

ରାଇରଙ୍ଗପୁର ,୩୦।୧୦(ନି.ପ୍ର.): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ତିନିଦିନିଆ ଓଡ଼ିଶା ଗସ୍ତ ବାତିଲ ହୋଇଛି। ପାଣିପାଗରେ ଅଚାନକ ପରିବର୍ତ୍ତନକୁ ଲକ୍ଷ୍ୟ ରଖି ଏହି ଗସ୍ତ ବାତିଲ ହୋଇଥିବା ସୂଚନା ମିଳିଛି। ସେ ଦୁଇ ଦିନ ପରିବର୍ତ୍ତେ ତିନି ଦିନ ପାଇଁ ଓଡ଼ିଶା ଗସ୍ତ କରିଥାନ୍ତେ। ଏକାଧିକ ଉନ୍ନୟନମୂଳକ କାର୍ଯ୍ୟରେ ଯୋଗ ଦେଇଥାନ୍ତେ। ତେବେ ରାଷ୍ଟ୍ରପତିଙ୍କ ଗସ୍ତ ଆସନ୍ତା ଜାନୁଆରିରେ ହୋଇପାରେ। ସୂଚନାଯୋଗ୍ୟ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅକ୍ଟୋବର ୨୮ ଏବଂ ୨୯ରେ ଓଡ଼ିଶା ଗସ୍ତ କରିଥାନ୍ତେ। ତେବେ ତାଙ୍କର ଏହି ଗସ୍ତସୂଚୀରେ ପରିବର୍ତ୍ତନ କରାଯାଇଥିଲା। ସେ ଓଡ଼ିଶାକୁ ନଭେମ୍ବର ୪ ଏବଂ ୫ରେ ଆସିବାର ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କର ଗସ୍ତ ତିନିଦିନ ପାଇଁ ଅର୍ଥାତ ନଭେମ୍ବର ୩ରୁ ୫ ତାରିଖ ଯାଏଁ ହେବ ବୋଲି ସ୍ଥିର ହୋଇଥିଲା।

ମହିଳା କନଷ୍ଟେବଲଙ୍କ ସ୍ୱାମୀଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାସ

୩ ନାବାଳକ ସମେତ ୯ ଗିରଫ

କେନ୍ଦୁଝର,୩୦।୧୦(ନି.ପ୍ର.): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅଞ୍ଚଳରେ ଜଣେ ମହିଳା କନଷ୍ଟେବଲଙ୍କ ସ୍ୱାମୀଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାସ ହୋଇଛି। ଏହି ଘଟଣାରେ ପୁଲିସ ୯ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୩ ଜଣ ନାବାଳକ ଅଛନ୍ତି। ଲୁଟ୍ ପାଇଁ ସେମାନେ ଏହି ହତ୍ୟା କରିଥିବା କହିଛନ୍ତି କେନ୍ଦୁଝର ଏସ୍‌ପି ନୀତୀନ କୁଶଲକର।

ଏହି ଘଟଣାର ତଦନ୍ତ ସମ୍ବନ୍ଧୀୟ ସବିଶେଷ ସୂଚନା ପରେ ଦିଆଯିବ ବୋଲି ଏସ୍‌ପି କହିଛନ୍ତି। ଏହା ସହିତ କହିଛନ୍ତି ଯେ ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ଏରାଗୋଳା ଗ୍ୟାଙ୍ଗର ସଦସ୍ୟ। ଏହି ଗ୍ୟାଙ୍ଗ ସାଧାରଣତଃ ସୁନା ଚେନ୍ ଛିନତାଇ ଓ ବାଇକ୍ ଡିକି ଭାଙ୍ଗି ଟଙ୍କା ଲୁଟ୍ କରିଥାଏ। ଗିରଫ ଅଭିଯୁକ୍ତମାନେ ଯାଜପୁର ଜିଲ୍ଲା କେଳର ବାସିନ୍ଦା।

ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ପୁଲିସ୍ ଆଜି ୬ ଜଣଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏସନ୍ କରିଛି। ସିନ୍ ରିକ୍ରିଏସନ୍ ବେଳେ ସେଠାରେ



ଉପସ୍ଥିତ ମୃତକଙ୍କ ମା' ଓ ପରିବାର ଲୋକେ ଭାବବିହ୍ୱଳ ହୋଇପଡ଼ିଥିଲେ। ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡ ଦେବାକୁ ସେମାନେ ଦାବି କରିଥିଲେ।


ମୃତକଙ୍କ ନାଁ ତ୍ରିଲୋଚନ ମହନ୍ତ। ତାଙ୍କ ପତ୍ନୀ କେନ୍ଦୁଝର ଜିଲ୍ଲା ପାଟଣା ଥାନାରେ କନଷ୍ଟେବଲ ଭାବେ ନିଯୁକ୍ତ ହୋଇଛନ୍ତି। ତ୍ରିଲୋଚନ କେନ୍ଦେଇପଶିରେ ଏକ ଜନସେବା କେନ୍ଦ୍ର ଚଳାଉଥିଲେ। ପ୍ରତିଦିନ ରାତିରେ ଦୋକାନ ବନ୍ଦ କରି ଟଙ୍କାପଇସା ଧରି ସେ ପାଟଣାସ୍ଥିତ ତାଙ୍କ ବାସଭବନକୁ ଫେରୁଥିଲେ। ସେପ୍ଟେମ୍ବର ୨୮ ତାରିଖ ରାତିରେ ମଧ୍ୟ ସେ ଦୋକାନ ବନ୍ଦ କରି ଟଙ୍କାପଇସା ଧରି ସ୍କୁଟିରେ ପାଟଣା ସ୍ଥିତ ଘରକୁ ଫେରୁଥିବା ବେଳେ ଲୁଟ୍ ଉଦ୍ଦେଶ୍ୟରେ ତାଙ୍କୁ କରାଯାଇଥିଲା ଆକ୍ରମଣ। ଅଭିଯୁକ୍ତମାନେ ତାଙ୍କୁ ପ୍ରଥମେ ଭୁଜାଲିରେ ଆକ୍ରମଣ କରିଥିଲେ। ପରେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ଲୁଟ୍ ପାଇଁ ଏହି ହତ୍ୟାକାଣ୍ଡ ହୋଇଥିବା ପୁଲିସ ସନ୍ଦେହ କରିଥିଲା। ସେହି ଅନୁସାରେ ତଦନ୍ତ ଆଗେଇ ଥିବା ବେଳେ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ୩ଟି ଟିମ୍ ଗଠନ କରାଯାଇଥିଲା। ଶେଷରେ ପୁଲିସ ଅଭିଯୁକ୍ତମାନଙ୍କଚ ଧରିବାରେ ସଫଳ ହୋଇଛି।

ଖସିପଡ଼ିଲା ହେଲିକପ୍ଟର

ପାଇଲଟ ଓ କ୍ରାଇମ ବ୍ରାଞ୍ଚ ଇନ୍ସପେକ୍ଟରଙ୍କ ସମେତ ୬ ମୃତ

ନୂଆଦିଲ୍ଲୀ,୩୦।୧୦: ଉତ୍ତରାଖଣ୍ଡର ଚମୋଲୀ ଜିଲ୍ଲା ଯୋଶୀମଠ ନିକଟରେ ଆଜି ଅପରାହ୍ନରେ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ହେଲିକପ୍ଟରରେ ଜଣେ ପାଇଲଟ ଓ ୫ ଜଣ ଯାତ୍ରୀ ଥିଲେ। ସମସ୍ତଙ୍କର ମୃତ୍ୟୁ ହୋଇଯାଇଛି।

ମୃତ ପାଇଲଟଙ୍କ ନାଁ ହିମାଂଶୁ। ତାଙ୍କ ଘର ଦିଲ୍ଲୀରେ। ମୃତ ଯାତ୍ରୀମାନେ ହେଉଛନ୍ତି, ପ୍ରତାପ, ଅରୁଣ, ଶଙ୍କର ଗୌଡ଼, ସୁଧୀର କେ ଓ ଏସ୍‌ଏସ୍ ନଟରାଜ। ଏମାନେ ସମସ୍ତେ କର୍ଣ୍ଣାଟକାର। ଅରୁଣ ବେଙ୍ଗାଲୁରୁ ପୁଲିସ୍ କ୍ରାଇମବ୍ରାଞ୍ଚରେ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ହେଲିକପ୍ଟରଟି ବଦ୍ରିନାଥରୁ ଡେରାଡୁନ ଫେରୁଥିବା ବେଳେ ଯୋଶୀମଠ ଅଞ୍ଚଳରେ ମାରୱାଡ଼ି ବ୍ରିଜ୍ ଉପରେ ଓ ଜେପି ପାୱାର ହାଉସ୍ ଆଡ଼କୁ ଥିବା ପାହାଡ଼ିଆ ସ୍ଥାନରେ ଅପରାହ୍ନ ପ୍ରାୟ ୨ଟା ବେଳେ ଖସି ପଡ଼ିଥିଲା। ଏହି ହେଲିକପ୍ଟରଟି ଟ୍ରାନ୍ସ ଭାରତ ଏଭିଏସନ୍‌ର। ବଦ୍ରିନାଥରୁ ଫେରୁଥିବା ବେଳେ ଯୋଶୀମଠ ଅଞ୍ଚଳରେ ଏହା ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଏହା ପରେ ପରେ ହେଲିକପ୍ଟରଟି ସେହି ଅଞ୍ଚଳରେ ଖସି ପଡ଼ିଥିବା ଜଣାପଡ଼ିଥିଲା। ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହେବା ପରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ପୁଲିସ୍‌ଠାରୁ ମିଳିଥିବା ସୂଚନା ଅନୁଯାୟୀ, ଉଦ୍ଧାର କାର୍ଯ୍ୟ ପାଇଁ ସ୍ଥାନୀୟ ପୁଲିସ୍, ଏସ୍‌ଡିଆରଏଫ୍, ସେନା ଓ ଆଇଟିବିପିର ଯବାନଙ୍କୁ



ଘଟଣାସ୍ଥଳକୁ ପଠାଯାଇଥିଲା।ଏହି ଦୁର୍ଘଟଣା ଘଟିଥିବା ନେଇ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ମଧ୍ୟ ସ୍ପଷ୍ଟ କରିଥିଲେ। ସମସ୍ତ ଯାତ୍ରୀ ସୁରକ୍ଷିତ ଥିବେ ବୋଲି ସେ ଆଶା ରଖିଥିଲା। ସେ ତାଙ୍କ 'ଏକ୍ସ'ରେ ଲେଖିଥିଲେ ଯେ ସେ ସ୍ଥିତି ଉପରେ ନଜର ରଖିଛନ୍ତି। ଜିଲ୍ଲା ପ୍ରଶାସନ, ବିପର୍ଯ୍ୟୟ ପରିଚାଳନା ବିଭାଗ ଓ ଏସ୍‌ଡିଆରଏଫ ପକ୍ଷରୁ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି।



କଣ୍ଟିଲୋରୁ ଦଶପଲ୍ଲା ୪୮ନଂ ରାଜ୍ୟ ରାଜପଥ ଶୋଚନୀୟ

ରାସ୍ତା ସାରା ବାଲି ଗଦାକୁ ମାଳମାଳ ଖାଲ

ଖଣ୍ଡପଡ଼ା, ୩୦।୧୦ :(ମନ୍ଥନ) ଖଣ୍ଡପଡ଼ା ବ୍ଲକ ଅଧୀନ ଆଦିକ୍ଷେତ୍ର କଣ୍ଟିଲୋରୁ ଗଣିଆଦେଇ ଦଶପଲ୍ଲାକୁ ସଂଯୋଗ କରୁଥିବା ରାସ୍ତା ଏବେ ପଥଚାରୀଙ୍କ ପାଇଁ ମରଣଯନ୍ତା ପାଲଟିଲାଣି। ୪୮ନଂ ରାଜ୍ୟ ରାଜପଥ ଅଧୀନ ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଲୋକ ପଶ୍ଚିମ ଓଡିଶାକୁ ଯାତାୟତ କରୁଥିବା ବେଳେ ଗତ ୬ ମାସ ହେବ ସ୍ଥିତି ଦୟନୀୟ ହୋଇପଡିଛି। ରାସ୍ତା ଅଧୀନ ଘଣାଶାଳିଆ, ବଡବାଣପୁର, ରାଜକିଆର ବଜାର ଉପକଣ୍ଠ, ସପନା ତୋଟା, ଆରସି ସାମନ୍ତରାୟ, ଆଡକଟା ପଞ୍ଚାୟତ ଅଧୀନ କାଳିକାପ୍ରସାଦ ସହ ଦଶପଲ୍ଲାକୁ ସଂଯୋଗ କରୁଥିବା ରାସ୍ତାରେ ଏବେ ମାଳମାଳ ଖାଲ। ଏପରିକି ମହାନଦୀର ସିଧାମୂଳା ଏବଂ ପଡୋଶୀ କଟକ ଜିଲ୍ଲାର ଏକାଧିକ ଘାଟରୁ ଦୈନିକ ଶହ ଶହ ବାଲି ବୋଝେଇ ହାଇଓ୍ୱା ଉକ୍ତ ରାସ୍ତା ଦେଇ ଚଳାଚଳ କରୁଥିବା ଦେଖିବାକୁ ମିଳୁଛି। ଫଳରେ ରାସ୍ତାରେ ଥିବା ସ୍ପିଡବ୍ରେକର ଭଳି ସ୍ଥାନରେ ବାଲି ଗଦା ମଧ ସୃଷ୍ଟି ହେଲାଣି। ରାସ୍ତା ମରାମତି ନିମନ୍ତେ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ଦାବି କରିଆସୁଥିବା ବେଳେ ଏ ଦିଗରେ କିନ୍ତୁ ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ ହେଉଛି। ପୂର୍ତ୍ତବିଭାଗ ଦାୟିତ୍ୱରେ ଥିବା ଉକ୍ତ ରାସ୍ତାର



ମରାମତି ଓ ରକ୍ଷଣାବେକ୍ଷଣ ହେଉନଥିବାରୁ ବାରମ୍ବାର ଅଭିଯୋଗ ହୋଇଆସୁଥିବା ବେଳେ ବିଭାଗ କିନ୍ତୁ ନୀରବଦ୍ରଷ୍ଟା। ବିଶେଷକରି ବଡବାଣପୁର ବଜାର ଠାରୁ ଗ୍ରାମ ଉପକଣ୍ଠ ପର୍ଯ୍ୟନ୍ତ ରାସ୍ତାରେ ବର୍ଷତମାମ ପାଣି ଜମି ରହୁଥିବା ବେଳେ ଆଜିଯାଏଁ ଡ୍ରେନ ନିର୍ମାଣ କରାଯାଇନଥିବା ଦେଖିବାକୁ ମିଳିଛି। ଏଭଳି କ୍ଷେତ୍ରରେ ରାସ୍ତାଦେଇ ଯାଉଥିବା ପଥଚାରୀ ଏବଂ ପର୍ଯ୍ୟଟକ ମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମହାନଦୀରେ ଅନେକ ବେଆଇନ ବାଲିଘାଟ ତିଆରି ହୋଇଥିବା ବେଳେ ଦିନରାତି ଭାରିଯାନ ଯୋଗେ ଲଘୁ ଖଣିଜ ପରିବହନ ଯୋଗୁଁ ସମସ୍ୟା ଜଟିଳ ହେଲାଣି। ସେହିପରି ଭାରିଯାନ ଚଳାଚଳ ଉପରେ କଟକଣା ନଥିବାରୁ ରାସ୍ତା ଦେଇ ସନ୍ଧ୍ୟା ସମୟରେ ଯାତାୟତ କରିବା କାଠିକର ପାଠ ହେଲାଣି। ଗତ ପ୍ରାୟ ୨ ବର୍ଷ ତଳେ ରାସ୍ତା ମରାମତି ସହ ପୁନରୁଦ୍ଧାର ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ କିନ୍ତୁ କରାଯାଉନାହିଁ। ଫଳରେ ମାସ ମାସ ଧରି ରାସ୍ତା ସାରା ଖାଲ ଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳୁଥିବା ବେଳେ ଦୁର୍ଘଟଣା ମାନ ମଧ ଘଟୁଛି। ନୟାଗଡ ଜିଲ୍ଲା ପ୍ରଶାସନ ୩ ବ୍ଲକର ବୃହତ୍ତର ସ୍ୱାର୍ଥଦୃଷ୍ଟିରୁ ତୁରନ୍ତ ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହୋଇଛି।

ସମୁଦ୍ର ଗର୍ଭରେ ଗ୍ୟାସନ୍ଧାନ ସାମ୍ନାକୁ ଆସିଲା ଓଏନଜିସିର ବିଶାଳ ଜାହାଜ ଚିତ୍ର

ଗୋପ,୩୦।୧୦ :(ମନ୍ଥନ) ଚନ୍ଦ୍ରଭାଗା ଉପକୂଳରୁ ୪୩ କିଲୋମିଟର ଦୂର ସମୁଦ୍ର ଗର୍ଭରେ ପ୍ରାକୃତିକ ଗ୍ୟାସର ବଡ଼ ଭଣ୍ଡାର ମିଳିବା ପରେ ଏବେ ଓଏନଜିସି ଦ୍ୱାରା ନିୟୋଜିତ ବିଶାଳ ଖନନ ଜାହାଜର ଚିତ୍ର ସାମ୍ନାକୁ ଆସିଛି। ମହାନଦୀ ବେସିନ୍‌ର 'ହିରାଣାକୁଡ଼ି' ବ୍ଲକ୍ (ମହାନଦୀ ଡିପ୍ ୱାଟର ବ୍ଲକ୍ ୧୮.୧) ଅଧୀନରେ ସମୁଦ୍ର ପତ୍ତନରୁ ୧୪୨୫ ମିଟର ଗଭୀରତାରେ ଏହି ହାଇଡ୍ରୋକାର୍ବନ୍ ବା ପ୍ରାକୃତିକ ଗ୍ୟାସର ସନ୍ଧାନ ମିଳିଛି। କିଛି ଦିନ ତଳେ ଓଏନଜିସି ଏବଂ ରାଜ୍ୟ ମୁଖ୍ୟମନ୍ତ୍ରୀ ଟ୍ୱିଟ୍ ଜରିଆରେ ଏହି ସଫଳତା ବାବଦରେ ସୂଚନା ଦେଇଥିଲେ। ୨୦୧୮ରେ ଓଡ଼ିଶା ଉପକୂଳରେ ସେସ୍‌ମିକ୍ ସର୍ଭେ ପରେ ଗୋପ ଅଞ୍ଚଳରେ ଖନନ ଆରମ୍ଭ ହୋଇଥିଲା। ସମୁଦ୍ର ଭିତରେ ମିଳିଥିବା ଏହି ବିଶାଳ ଗ୍ୟାସ୍ ଭଣ୍ଡାର ଓଡ଼ିଶାର ଅର୍ଥନୀତି ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିବା ସହ ଦେଶର ତୈଳ ଓ ଗ୍ୟାସ୍ ଆବଶ୍ୟକତା ପୂରଣରେ ବଡ଼ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।

ଲୋକଙ୍କ ସୁରକ୍ଷା ଓ ସୁବିଧା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, ସମସ୍ୟାକୁ ବୁଝି ତାହାର ସମାଧାନ ହିଁ ଆମର ଲକ୍ଷ୍ୟ - ମେୟର

ବ୍ରହ୍ମପୁର,୩୦।୧୦ :(ମନ୍ଥନ) ବାତ୍ୟା 'ଅର୍ଣ୍ଣବ'କୁ ଆଖି ଆଗରେ ରଖି ଦୀର୍ଘ ଚାରି ଦିନ ଧରି ଲଗାଣ ବର୍ଷାରେ ଭିଜି ମହାନଗର ନିଗମ ମାନନୀୟ ମେୟର ଅବିଳମ୍ବେ ଜନ ସାଧାରଣଙ୍କ ସୁବିଧା ଓ ସୁରକ୍ଷା ପାଇଁ ନିଜର ଆପ୍ରାଣ ପ୍ରଚେଷ୍ଟା ଜାରି ରଖିଥିବା ଦେଖିବାକୁ ମିଳିଛି। ନିଗମ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ବନ୍ୟାର ପ୍ରକୋପ ବୃଦ୍ଧି ପାଇଥିବା ବେଳେ, ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ ଓ ନିଗମ ଉପ ମେୟର ଇ.ବିବେକ ରେଡ୍ଡୀଙ୍କ ସମେତ ନିଜ ସମର୍ଥକ ଓ ସହଯୋଗୀଙ୍କୁ ନେଇ ସମସ୍ତ ୱାର୍ଡରେ ପହଞ୍ଚି ବିଭିନ୍ନ ସମସ୍ୟାର ତଦାରଖ କରିଥିଲେ। ସେଥି ମଧ୍ୟରୁ ଆଙ୍କୁଲି ଅଞ୍ଚଳରେ ବାତ୍ୟା ଆଶ୍ରୟ ସ୍ଥଳୀ ଓ ଜଳ ନିଷ୍କାସନ ବ୍ୟବସ୍ଥା ଓ ରାସ୍ତା ସଫେଇ କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ, ବର୍ଷା ହେଲେ ଯେପରି ରାସ୍ତାରେ ପାଣି ଜମି ନରହେ ଏବଂ ଲୋକ ମାନେ ଯାତାୟାତରେ ଅସୁବିଧା ନ ଭୋଗନ୍ତି, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନିଆଗଲା । ସେହିପରି କୌତୁକି ନଗର ଠାରେ ଜଳ ନିଷ୍କାସନ ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରାଯିବା ସହ ବର୍ଷା ଜଳ ଯେପରି ଜମା ନ ରହେ ଏବଂ ସ୍ଥାନୀୟ ବାସିନ୍ଦା ମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି, ସେଥିପ୍ରତି ଗୁରୁତ୍ୱ ଦିଆଗଲା । ପରେ ଅନ୍ନପୂର୍ଣ୍ଣା ନଗର ଠାରେ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରାଯାଇଥିବା ପରେ ଗଜପତି ନଗର କର୍ପୋରେଟର ସମୀର କୁମାର ମିଶ୍ରଙ୍କ ସୂଚନା ପରେ ମେୟର, ଉପ ମେୟର ଏବଂ ତାଙ୍କ ଟିମ୍ ବାହାନା ନାଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ । ଏହାସହ ଏହି ବିପଦ ସମୟରେ ଜନ ସାଧାରଣଙ୍କ ସୁରକ୍ଷା ଓ ସୁବିଧାକୁ ଗୁରୁତ୍ୱ ଦେଇ ପରିସ୍ଥିତି ଉପରେ ନଜର ରଖାଯାଉଛି ବୋଲି କହିଥିଲେ। ତେବେ ଏହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଅଞ୍ଚଳରେ ପରିଦର୍ଶନ କରି ସମସ୍ତ ସମସ୍ୟା ଗୁଡ଼ିକୁ ଗୁରୁତ୍ୱ ଦେଇଥିବା ନେଇ କର୍ପୋରେଟର ଧନ୍ୟବାଦ ଅର୍ପଣ କରିଥିଲେ। ତେବେ ଏହି ସଙ୍କଟମୟ ସମୟରେ କେହି ଯେପରି ଭୋକିଲା ନ ରହନ୍ତି, ସେଥି ପାଇଁ ସାମୂହିକ ସହଯୋଗ, ସହାନୁଭୂତି ଓ ମାନବିକତାର ଭାବନା ନେଇ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଆଶ୍ରୟ ନେଇଥିବା ଜନ ସାଧାରଣଙ୍କୁ ଖାଦ୍ୟ ବଣ୍ଟନ କରିବା ସେବା କାର୍ଯ୍ୟ ଆୟୋଜନ କରାଯାଇଥିଲା। ସେହିପରି ଉପ ମେୟର ଶ୍ରୀ ରେଡ୍ଡୀଙ୍କ ୱାର୍ଡ ଅନ୍ତର୍ଗତ ଆମ୍ବପୁଆ ସ୍ଥିତ ଆଶ୍ରୟ ସ୍ଥଳୀ ପରିଦର୍ଶନ କରି ସେଠାରେ ଆଶ୍ରୟ ନେଇଥିବା ଲୋକ ମାନଙ୍କ ପାଇଁ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଆବଶ୍ୟକୀୟ ବ୍ୟବସ୍ଥାର ସମୀକ୍ଷା କରିଥିବା ସହ ସେମାନେ କିଭଳି ସୁରକ୍ଷିତ ଏବଂ ଆରୋଗ୍ୟ ରହିବେ ସେନେଇ ଗୁରୁତ୍ୱାରୋପ କରିଥିଲେ। ପରେ ଆମ୍ବପୁଆର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରାଯାଇ ଜନ ସାଧାରଣଙ୍କ ସୁରକ୍ଷା ଓ ଆବଶ୍ୟକୀୟ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଗଲା। ପରେ ନିକଟସ୍ଥ ଗୋପାଳପୁର ଛକ ଓ ଏହାର ଆଖପାଖ ଅଞ୍ଚଳକୁ ମଧ୍ୟ ପରିଦର୍ଶନ କରାଯାଇଥିବା ଦେଖିବାକୁ ମିଳିଥିଲା। ପରେ ୧୭ ନମ୍ବର ୱାର୍ଡ କର୍ପୋରେଟର ଦୁର୍ଗା ଲାୟକଙ୍କ ସୂଚନା ଅନୁଯାୟୀ ଉକ୍ତ ୱାର୍ଡ ସମସ୍ୟା ପୂର୍ଣ୍ଣ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଓ ବାତ୍ୟା ଆଶ୍ରୟ ସ୍ଥଳୀରେ ଆଶ୍ରୟ ନେଇଥିବା ଲୋକଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ଏନେଇ କର୍ପୋରେଟର ଶ୍ରୀ ଲାୟକ୍ ମେୟର, ଉପ ମେୟର ଏବଂ ତାଙ୍କ ଟିମ୍‌କୁ ସାଧୁବାଦ ଜଣାଇଥିଲେ।

ଲଗାଣ ବର୍ଷାରେ ଧାନ ଫସଲ କ୍ଷତି

ଖଣ୍ଡପଡ଼ା, ୩୦।୧୦ :(ମନ୍ଥନ) ଖଣ୍ଡପଡ଼ା ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ଶହ ଶହ ହେକ୍ଟର ଧାନ ଫସଲ ପାଣିରେ ଲୋଟିଛି। ଧାନ ଫସଲ କ୍ଷତି ଯୋଗୁ ଚାଷୀକୁଳକୁ ଶକ୍ତ ଆଘାତ ଲାଗିଥିବା ବେଳେ ବର୍ଷକର ପରିଶ୍ରମ ମାଟିରେ ମିଶିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଗତ ୩ ଦିନ ଧରି ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଖଣ୍ଡପଡ଼ା ବ୍ଲକ୍ ରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ତୁହାକୁ ତୁହା ବର୍ଷା, ପବନ ଯୋଗୁ ଧାନ ଫସଲ ଜମିରେ ଶୋଇପଡ଼ିଥିବା ବେଳେ ଆଉ ଅମଳ ହେବନି ବୋଲି ଚାଷୀ କହିଲେଣି। ମଙ୍ଗଳବାର ବର୍ଷା ନ ଥିବା ବେଳେ ଗତକାଲି ଏବଂ ଆଜି ଦିନତମାମ ଅବିଶ୍ରାନ୍ତ ବର୍ଷା ଲାଗି ରହିଥିଲା। ଫଳରେ ନଦୀ ତଟବର୍ତ୍ତୀ ଅଞ୍ଚଳରେ ଥିବା ଧାନ ଜମି ଜଳମଗ୍ନ ହୋଇଛି। ଖଣ୍ଡପଡ଼ାର ୨୨ ଗୋଟି ପଞ୍ଚାୟତରେ ଲଗାଣ ବର୍ଷା ଅନୁଭୂତ ହୋଇଥିବା ବେଳେ ଧାନ ଫସଲ ବେଶୀ ପ୍ରଭାବିତ ହୋଇଛି। ଧାନ ସହିତ କୋବି, ବାଇଗଣ, ଟମାଟୋ, ଭେଣ୍ଡି, ମୁକ୍ସା ଆଦି ଶସ୍ୟ ଜାତୀୟ ଫସଲ ନଷ୍ଟ ସୂଚନା ମିଳିଛି।



ମହିଳାଙ୍କୁ ଅସଦାଚରଣ ହତ୍ୟା ଧମକ ଘଟଣାରେ ଯୁବକ ଗିରଫ

ଅସ୍ତରଙ୍ଗ,୩୦।୧୦ :(ମନ୍ଥନ) ଅସ୍ତରଙ୍ଗ ଥାନା ଅନ୍ତର୍ଗତ ମାଳଦା ଗ୍ରାମରେ ଜୈନେକା ମହିଳାଙ୍କୁ ଅସଦାଚରଣ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ପୋଲିସ ସୂତ୍ରରୁ ପ୍ରକାଶ ଉକ୍ତ ଗ୍ରାମର ପବିତ୍ର ଦାସ (୪୫) ନିଶାସକ୍ତ ଅବସ୍ଥାରେ କୁନି ଦାସଙ୍କୁ ଟଣାଓଟରା କରି ହତ୍ୟା ଧମକ ଦେଇ ଗ୍ରାମରେ ଉତ୍ତେଜନା ସୃଷ୍ଟି କରି ଗ୍ରାମବାସୀଙ୍କୁ ଗାଳି ଗୁଲଜ କରିଥିଲା। ଗ୍ରାମକୁ କିଛି ଘଣ୍ଟା ଧରି ନିଜ କବାଜରେ ରଖି ଆତଙ୍କ ସୃଷ୍ଟି କରିଥିଲା।ଅଭିଯୋଗକାରିଣୀ କୁନି ଦାସ ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ। ଅଭିଯୋଗକୁ ଭିତ୍ତି କରି ଥାନା ଅଧିକାରିଣୀ ରୀତା ବେହେରାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ମାଳଦା ଗ୍ରାମରେ ପହଞ୍ଚି ପବିତ୍ରକୁ କାବୁ କରି ଥାନାକୁ ଆଣିଥିଲେ। ତଦନ୍ତକାରୀ ଅଧିକାରୀ ଅନିରୁଦ୍ଧ ଜାଲି ଆତଙ୍କକାରୀ ପବିତ୍ରଙ୍କର ଅସ୍ତରଙ୍ଗ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ତାଙ୍କୁ କୋର୍ଟରେ ହଜାର କରାଯାଇଥିଲା। ମାନ୍ୟବର କୋର୍ଟ ତାଙ୍କ ଜାମିନ ନାମଞ୍ଜୁର କରି ଜେଲ ହଜାତକୁ ପଠାଇ ଦେଇଛନ୍ତି। ଥାନା କେଶ ନଂ ୨୮୧/୨୦୨୬ରେ ବିଭିନ୍ନ ସଙ୍ଗିନୀ ବିଏନଏସ ଦଫାରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରିଣୀ ରୀତା ବେହେରା ସୂଚନା ଦେଇଥିଲେ। ଏଠାରେ ସୂଚନା ଥାଉ କି ପବିତ୍ର ବହୁ ସମୟରେ ଗ୍ରାମରେ ଏମିତି ଆତଙ୍କ ସୃଷ୍ଟି କରିଥାଏ। ତାଙ୍କ ପଛରେ ଏକ ରାଜନୈତିକ ପୃଷ୍ଠ ପୋଷାକତା ଥିବାରୁ ସେ ଏମିତି ଘଟଣା ସବୁବେଳେ କରୁଥିବା ଗ୍ରାମବାସୀମାନେ କହିଛନ୍ତି।

ତୁରେଇ ନିଯୁକ୍ତି ମାଳରେ ଜଂଘା ମନ୍ଦିର କମିଟିକୁ ଭୂମିଦାନ ସହ ଭୂମିପୂଜନ ଅନୁଷ୍ଠିତ


କୁଚିଣ୍ଡା,୩୦।୧୦ :(ମନ୍ଥନ) ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ତୁରେଇ ନିକ୍ତିମାଳଠାରେ ପ୍ରସିଦ୍ଧ ଜଂଘା ମନ୍ଦିର ପରିସରରେ ଏକ ମହତ ତଥା ଆଧାତ୍ମିକ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଯାଇଛି। ସ୍ୱର୍ଗତ ଉମେଶ ନାଏକଙ୍କ ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ପରିବାରବର୍ଗଙ୍କ ପକ୍ଷରୁ ମନ୍ଦିର ପାର୍ଶ୍ୱରେ ଥିବା ୪ ଡିସମିଲ ଜମି ଶ୍ରୀ ଜଂଘା ମନ୍ଦିର କମିଟିକୁ ବିଧିବଦ୍ଧ ଭାବେ ଶୁକ୍ରବାର ଦାନ କରାଯିବା ସହ ଶୁଭ ଭୂମିପୂଜନ କାର୍ଯ୍ୟ ସମାପନ ହୋଇଛି। ଲବଣୀଧର ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱର୍ଗତ ଉମେଶ ନାଏକଙ୍କ ପରିବାର ପକ୍ଷରୁ ବାପା ଜଗଦୀଶ ନାଏକ ଓ ମାତା ଗଜମତି ନାଏକ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇ ଭୂମିଦାନ କରିଥିଲେ। ସେହିପରି ବଡ଼ ଝିଅ ବାସନ୍ତୀ ନାଏକ, ଜ୍ୱାଇଁ ପ୍ରଦୀପ ନାଏକ, ସାନ ଝିଅ ସଞ୍ଜୁଲତା ନାଏକ ଏବଂ ଜ୍ୱାଇଁ ଲୋକନାଥ ନାଏକ ପ୍ରମୁଖ ଉପସ୍ଥିତ ରହି ଏହି ମହତ ଦାନ କାର୍ଯ୍ୟରେ ସାମିଲ ହୋଇଥିଲେ। ପୂଜକ ଆଦିତ୍ୟ ପୁରୋହିତଙ୍କ ଦ୍ୱାରା ବୈଦିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ



ଭୂମିପୂଜନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ମନ୍ଦିର କମିଟିର ସଭାପତି ବୈଦନାଥ ନାଏକ, ଉପସଭାପତି ବିଦ୍ୟାଧର ନାଏକ, ସମ୍ପାଦକ ଶ୍ରୀବତ୍ସ ନାଏକଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ତଥା ଗ୍ରାମବାସୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିରର ଉନ୍ନତି ଓ ବିକାଶ ପାଇଁ ପରିବାର ପକ୍ଷରୁ କରାଯାଇଥିବା ଏଭଳି ତ୍ୟାଗପୂତ କାର୍ଯ୍ୟକୁ କମିଟି ଏବଂ ସ୍ଥାନୀୟ ଅଞ୍ଚଳବାସୀ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ସମଗ୍ର କାର୍ଯ୍ୟକ୍ରମକୁ ସଫଳ କରିବାରେ ଲବଣୀଧର ନାଏକ, ଅଧୀର ନାଏକ, ଅଦିଲ ନାଏକ, ଇନ୍ଦ୍ରଜିତ ନାଏକ, କୃଷ୍ଣ ନାଏକ, ରଶ୍ମି ନାଏକ, ପବିତ୍ର ନାଏକ, ସୁଦର୍ଶନ ନାଏକ, ଦୀନବନ୍ଧୁ ନାଏକ, ବାବୁଲୁ ନାଏକ, ସୋମନାଥ ନାଏକ ଏବଂ ଶ୍ରୀବଚ୍ଛ ନାଏକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଆଗାମୀ ଦିନରେ ଏହି ଦାନ ଜମି ମନ୍ଦିରର ଉନ୍ନୟନମୂଳକ କାର୍ଯ୍ୟ ତଥା ଭକ୍ତମାନଙ୍କ ସୁବିଧା ପାଇଁ ବ୍ୟବହାର କରାଯିବ ବୋଲି କମିଟି ପକ୍ଷରୁ ପ୍ରକାଶ କରାଯାଇଛି।

ଏନ ଏ ସି ପକ୍ଷରୁ ବେଆଇନ ପଲିଥିନ ବିକ୍ରି କରୁଥିବା ଦୋକାନୀଙ୍କ ଉପରେ ଚଢ଼ାଉ ଜରିମାନା ସହ ୩ ବସ୍ତା ଜବତ

ଧାମନଗର, ୩୦।୧୦ :(ମନ୍ଥନ) ଧାମନଗର ଏନ ଏ ସି କାର୍ଯ୍ୟାଳୟ ପକ୍ଷରୁ ଦୋକାନ ବଜାରରେ ବେଆଇନ ପଲିଥିନ ବିକ୍ରି କରୁଥିବା ଦୋକାନୀଙ୍କ ଉପରେ ଚଢ଼ାଉ ୩ ବସ୍ତା ପଲିଥିନ ଜବତ ସହ ଜରିମାନା ଆଦାୟ କରାଯାଇଛି। ପଲିଥିନ ବ୍ୟବହାର ଉପରେ ରୋକ ଲଗାଇବା ଓ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଉଦ୍ଦେଶ୍ୟରେ ଧାମନଗର ଏନ୍‌ଏସି ପକ୍ଷରୁ ଏହି ଯାଞ୍ଚ ଓ ଚଢ଼ାଉ କରାଯାଇଥିଲା।ଗୁରୁବାର ସନ୍ଧ୍ୟାରେ ଏନ୍‌ଏସି ର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଦେବବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ପୋଲିସ ସହାୟତାରେ ସହରାଞ୍ଚଳରେ ଥିବା ବିଭିନ୍ନ ଦୋକାନ



ବଜାର ଉପରେ ଚଢ଼ାଉ କରି ଯାଞ୍ଚ କରାଯାଇଥିଲା। ଏହି ସମୟରେ ୩ ବସ୍ତା ବେଆଇନ ପଲିଥିନ ଜବତ କରିଛନ୍ତି। ଚଢ଼ାଉରେ ବେଳେ କନିଷ୍ଠ ଓ ସହକାରୀ ଯନ୍ତ୍ରୀ ନୀଳକଣ୍ଠ ନାୟକ,ସସ୍ମିତା ନାୟକ,ଶରତ ଦାସ,ମନୋଜ ଦାସଙ୍କ ସମେତ ଅନ୍ୟ ଅଧିକାରୀମାନେ ସାମିଲ ହୋଇଥିଲେ। ପଲିଥିନ ବ୍ୟବହାର ଯୋଗୁଁ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବା ସହ ମଣିଷର ସ୍ୱାସ୍ଥ୍ୟ ଉପରେ ମଧ କୁପ୍ରଭାବ ପଡ଼ିବା,ନାଳନର୍ଦ୍ଦମା ଅବରୋଧ ଭଳି ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଏହାର ବ୍ୟବହାର ରୋକିବା ପାଇଁ ନିୟମିତ ଯାଞ୍ଚ ସହ ଦୋକାନୀ ଓ ଗ୍ରାହକଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ଅଧିକାରୀ ମତପ୍ରକାଶ କରିଛନ୍ତି।

ବିଭିନ୍ନ ଅଞ୍ଚଳରେ ବିପର୍ଯ୍ୟୟ ମୁକାବିଲା ପାଇଁ ବ୍ୟାପକ ପଦକ୍ଷେପ

ବ୍ରହ୍ମପୁର,୩୦।୧୦ :(ମନ୍ଥନ) ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ନିଗମ କମିଶନର ଶ୍ରୀମତୀ ଏ ସସ୍ୟ ରେଡ୍ଡୀ ନିର୍ଦ୍ଦେଶ କ୍ରମେ, ବ୍ରହ୍ମପୁର ସହରରେ ଲଗାଣ ବର୍ଷା ଯୋଗୁଁ ସ୍ୱାଭାବିକ ଜୀବନ ଯାତ୍ରା ବାଧାପ୍ରାପ୍ତ ହୋଇଥିଲେ, ମଧ ବିଭିନ୍ନ ଅଞ୍ଚଳରେ ବିପର୍ଯ୍ୟୟ ମୁକାବିଲା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇ ଥିଲା। ନିଗମ ପକ୍ଷରୁ ସୂଚନା ଅନୁସାରେ ୧୨ଟି ଅସ୍ଥାୟୀ ଆଶ୍ରୟ ସ୍ଥଳୀରୁ ସମୁଦାୟ ୭୧୨ଜଣ, ଅର୍ଥାତ୍ ୨୧୫ ଜଣ ପୁରୁଷ, ୩୫୨ ଜଣ ମହିଳା ଏବଂ ୧୩୫ ଜଣ ଶିଶୁ ମାନଙ୍କୁ ସ୍ଥାନାନ୍ତର କରାଯାଇ, ସେମାନଙ୍କ ଖାଦ୍ୟପେୟ ଏବଂ ସ୍ୱାସ୍ଥ୍ୟ ପରୀକ୍ଷାର ବ୍ୟବସ୍ଥା କରାଯାଇଥିଲା। ସେହିପରି ଓଡରାଫ ଏବଂ ଅଗ୍ନିଶମ ବାହିନୀଙ୍କ ସହାୟତାରେ ଅନସୂୟା ନଗରର ଏକ ବୃଦ୍ଧାଶ୍ରମରୁ ୧୨ଜଣ ଅନ୍ତେବାସୀ, ସଦାନନ୍ଦ ବିହାରରୁ ଜଣେ ଗର୍ଭବତୀ ମହିଳା, କଳିଙ୍ଗ ବିହାରରୁ ଜଣେ ଏକାକିନୀ ମହିଳା ତଥା ରାଜୀବ ବିହାରରୁ ଏକ ବୃଦ୍ଧ ଦମ୍ପତିଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଏଥି ସହିତ ଓଡରାଫ ଟିମ ଦ୍ୱାରା ସଦାନନ୍ଦ ବିହାର ଏବଂ ଆଙ୍କୁଲି ବୈଷ୍ଣବ ନଗର ଠାରେ ଜଳବନ୍ଦୀ ଥିବା ଲୋକଙ୍କ ପାଇଁ ମଧ ରିଲିଫ ସାମଗ୍ରୀ ପହଞ୍ଚାଇ ଦିଆଯାଇଥିଲା। ସେହିପରି ଜଳେଶ୍ୱର ବିହାର ଅଞ୍ଚଳ ସମ୍ପୂର୍ଣ୍ଣ ଜଳାର୍ଣ୍ଣବ ହୋଇଥିବା ବେଳେ, ସେଠାରେ ନିଗମ ଅଧିକାରୀ, ଯନ୍ତ୍ରୀ ଏବଂ



ଗୋଷାଣିନୂଆଗାଁ ପୋଲିସ ପହଞ୍ଚି ଜବର ଦଖଲ ହଟାଇବା ସହ ଜଳ ନିଷ୍କାସନକୁ ସ୍ୱାଭାବିକ କରାଇ ଥିଲେ। ସେସପୁଲ ଜରିଆରେ ଗଜପତି ନଗର, ରଘୁପତି ନଗର, ଶାନ୍ତି ନଗର, କୃଷ୍ଣ ନଗର ମୁନିସିପାଲିଟି କଲୋନୀ, କଳିଙ୍ଗ ନଗର, ଅନ୍ଧ ପସରା ରୋଡ, ନେହେରୁ ନଗର, ଗାନ୍ଧୀ ନଗର, ସୁବୁଦ୍ଧି କଲୋନୀ, ବ୍ରହ୍ମା ନଗର, ଜ୍ୟୋତି ନଗର, ଗୋଷାଣିନୂଆଗାଁ ଚଣ୍ଡୀ ମନ୍ଦିର ସାହି, ଅଶୋକ ନଗର ଆଦି ଅଞ୍ଚଳର ରାସ୍ତା ଏବଂ ଘର ମାନଙ୍କରୁ ନିଗମ ଦ୍ୱାରା ବର୍ଷାଜଳ ନିଷ୍କାସନ କରାଯାଇଥିଲା। ସେହିପରି ପମ୍ପ ଜରିଆରେ ଫାଷ୍ଟ ଗେଟ ଶ୍ରମିକ ସ୍କୁଲ, ବିଦ୍ୟୁତପୁରୀ କଲୋନୀ, ଲାଞ୍ଜିପଲ୍ଲୀ, ଗଜପତି ନଗର ଇତ୍ୟାଦି ଅଞ୍ଚଳରେ ଜଳ ନିଷ୍କାସିତ ହୋଇଥିଲା। ସେହିପରି ଉଭୟ ଓଡ୍ରାଫ ଓ ଅଗ୍ନିଶମ ବାହିନୀଙ୍କ ସହାୟତାରେ ବିଭିନ୍ନ ସ୍ଥାନରେ ତତ୍ପରତାର ସହ ବର୍ଷା ପବନରେ ଉପୁଡି ଯାଇଥିବା ଗଛ ଗୁଡିକୁ କଟା ଯାଇଥିଲା। ତେବେ ନିଗମ କାର୍ଯ୍ୟାଳୟର ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମରେ ଗୁରୁବାରେ ପ୍ରାପ୍ତ ସମୁଦାୟ ୧୩୬ଟି ଅଭିଯୋଗ ମଧ୍ୟରୁ ୧୩୧ଟି ଅଭିଯୋଗ କେବଳ ବର୍ଷାଜଳ ନିଷ୍କାସନ ସମ୍ପର୍କିତ ଥିବା ବେଳେ, ନିଗମ ପକ୍ଷରୁ ତ୍ୱରିତ ସମାଧାନ ପାଇଁ ଯଥା ସାଧ ଉଦ୍ୟମ କରାଯାଇଥିଲା। ଗୁରୁବାର ସନ୍ଧ୍ୟା ସୁଦ୍ଧା ବର୍ଷା ଏବଂ ପବନର ପ୍ରକୋପ କମିଥିଲେ ମଧ ବୃହତ୍ତର ଜନ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ମହାନଗର ନିଗମର କଣ୍ଟ୍ରୋଲ ରୁମ ଏବଂ ଅସ୍ଥାୟୀ ଆଶ୍ରୟ ସ୍ଥଳୀ ଗୁଡ଼ିକୁ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରଖିବାକୁ କମିଶନର ଶ୍ରୀମତୀ ଏ ସସ୍ୟ ରେଡ୍ଡୀ ନିର୍ଦ୍ଦେଶ ଦେଇଛନ୍ତି।

୪୨ ଗ୍ରାମ ହିରୋଇନ ଜବତ, ଯୁବକ ଗିରଫ

ଗୋପ, ୩୦।୧୦ :(ମନ୍ଥନ) ପୁରୀ ଜିଲ୍ଲା ଅବକାରୀ ବିଭାଗ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ମଧାହ୍ନ ସମୟରେ କୌଣସି ସୂତ୍ରରୁ ଖବର ପାଇ ନିମାପଡା ଅବକାରୀ ରେଞ୍ଜ ନିରୀକ୍ଷକ ଦେବେନ୍ଦ୍ର ବେହେରାଙ୍କ ପ୍ରତ୍ୟେ । ତ୍ୟେକ୍ଷ ତତ୍ତ୍ୱାବଧାନରେ କୋଣାର୍କ ଅବକାରୀ ଥାନା ଅଧିକାରୀ ରେଣୁକା ମଲ୍ଲିକଙ୍କ ମଲ୍ଲିକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ ଅବକାରୀ ଟିମ କୋଣାର୍କ ବସଷ୍ଟାଣ୍ଡ ନିକଟରେ ଚଢ଼ାଉ କରି କୋଣାର୍କ ଏନଏସି ୭ନଂ ୱାର୍ଡ ବାଣପଦା ଗ୍ରାମର ତାପସ କୁମାର ଭୂୟାଁ (୪୫) ବର୍ଷର ଜଣେ ଯୁବକ ଙ୍କୁ ଘଟଣା ସ୍ଥଳରୁ ଗିରଫ କରି ୪୨ ଗ୍ରାମର ବ୍ରାଉନ ସୁଗାର (ହେରୋଇନ) ଜବତ କରିଛନ୍ତି । କୋଣା ଶାର୍କ ଅବକାରୀ ଥାନା ପକ୍ଷରୁ ୧୧୨ / ୨୬ / ୨୭ରେ ଏକ ଏନଡିପିଏସ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋଣାର୍କ ଅବକାରୀ ଥାନା ପୋଲିସ କୋର୍ଟ ଚାଲାଣ କରିଛ ରିଛନ୍ତି । ଜବତ ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ପ୍ରାୟ ୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି । ଗୁରୁବାର ଅବକାରୀ ବିଭାଗ ଗ ପକ୍ଷରୁ ହୋଇଥିବା ଚଢ଼ାଉରେ ଅବକାରୀ କର୍ମଚାରୀ ସବିତା ସାହୁ,ସେକ ୱାରିସ ଓ ଫିରୋଜ ମହାନନ୍ଦିଆ ପ୍ରମୁଖ ସାମିଲ ହୋଇଥିଲେ ।

ଶାନ୍ତି କମିଟି ବୈଠକର ଫଟୋକୁ ବିକୃତ କରି ସୋସିଆଲ ମିଡିଆରେ ଭାଇରାଲ୍ ଅଭିଯୋଗ:କାର୍ଯ୍ୟାନୁଷ୍ଠାନ ଦାବି

ଧାମନଗର,୩୦।୧୦ :(ମନ୍ଥନ) ଧାମନଗର ଗତ ୦୯/୧୦/୨୦୨୬ ରିଖରେ ଧାମନଗର ବ୍ଲକ ପଞ୍ଚାୟତ ସମିତି ସଭାଗୃହ ପରିସରରେ ପର୍ବପର୍ବାଣୀ ଶାନ୍ତି ଶୃଙ୍ଖଳାକୁ ନେଇ ଶାନ୍ତି କମିଟିର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା।ଦୁଃଖ ଓ ପରିତାପର ବିଷୟ ଯେ ଏହି ବୈଠକର ପ୍ରକୃତ ଫଟୋକୁ କିଛି ଅସାମାଜିକ ବ୍ୟକ୍ତି ଅସତ୍ ଉଦ୍ଦେଶ୍ୟ ରଖି ଡିଜିଟାଲ୍ ମାଧ୍ୟମରେ ବିକୃତ କରିଛନ୍ତି। ସେମାନେ ଉକ୍ତ ଫଟୋରେ ଥିବା ସଭ୍ୟମାନଙ୍କର ପୋଷାକ ଟୋପିକୁ ବଦଳାଇ (ଗେରୁଆ ଟୋପି ଲଗାଇ) ତାହାକୁ ଫେସବୁକ୍ ଏବଂ ଅନ୍ୟାନ୍ୟ ସୋସିଆଲ ମିଡିଆରେ ଭାଇରାଲ୍ କରିଛନ୍ତିଓ ଆମର ଏହି ଲିଖିତ ଏତଲା କୁ ଭିତି କରି ଦୋଶୀ ବିରୋଧରେ ଭାରତୀୟ ନ୍ୟାୟ ସଂଗୀତା ୨୦୨୩ର ପ୍ରଜୋଜ୍ୟ ଧାରା (ମାନହାନୀ, ମଥ୍ୟା ଦଲିଲ, ଇଲେକ୍ଟ୍ରୋନିକ ରେକୋର୍ଡ ତିଆରୀ ଜନଅସାନ୍ତକାରୀ, ଓ ସମ୍ମାନ ଉଦ୍ଦେଶ୍ୟଧାରା) ଏବଂ ତ୍ୟଥ ପ୍ରେଯୁକ୍ତି ଆଇନ ୨୦୦୦ ର ପ୍ରଜୋଜ୍ୟ ଧାରା ଅନୁଯାଇ ଏତାଲା ରୁଜୁ କରି ଆଇନ ଗତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ଆମେ ଅନୁରୋଧ କରୁଛି। ବିଦ୍ର-ଫେସବୁକ ପେଜ୍ ରେ ପୋଷ୍ଟ ହୋଇଥିବା ପେଜର ନାମ-ମୁସଲମାନ କା ଆୱାଜ ହ୍ୱାର୍ଟସ ଆପ୍ ର ନମ୍ବର- ୯୭୯୨୩୪୯୭୦୧ ପୋଷ୍ଟ କରାଯାଇଛି।ଏହି କାର୍ଯ୍ୟ ଦ୍ୱାରା ଅଞ୍ଚଳରେ ସାମ୍ପ୍ରଦାୟିକ ସଦ୍ଭାବ ବିଗାଡ଼ିବା ଏବଂ ଶାନ୍ତ କମିଟିର ମର୍ଯ୍ୟଦା ହାନି କରିବା ଜନସାଧାରଣଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରିବାର ଷଡ଼ଯନ୍ତ କରିଥିବା ବ୍ୟକ୍ତିଙ୍କ କାର୍ଯ୍ୟକୁ ନିନ୍ଦା କରିବା ସହ ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱ ଦେଇ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶାନ୍ତି କମିଟିର ସଦସ୍ୟ ଦାବି ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଏମଡି ପ୍ରତାପ ସାମଲ,ଜଗବନ୍ଧୁ ପ୍ରଧାନ,ଏମଡି ହବିବୁର ରହେମାନ,ଏମଡି ମଞ୍ଜୁରୁଲ ହକ୍,ସେକ ଜାଫର ଅଲ୍ଲୀ,ସେକ ରୋସ୍ତମ(ବାଟୋ), ସୁଶାନ୍ତ କୁମାର ରାଉତ,ସେକ ଅସଲାମ,ଏମଡି ଫକିରୁଦ୍ଦିନ, ସେକ ମୁସ୍ତାକଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ଧାମନଗର ତହସିଲଦାର ତଥା ଶାନ୍ତି କମିଟିର ଆବାହକ ଜ୍ଞାନରଞ୍ଜନ ସାହୁ,ଆଇଆଇସି ଶୁଭ୍ରଜିତ ଦାଶଙ୍କୁ ଭେଟି ଲିଖିତ ଦାବି କରିଛନ୍ତି। ଏହି ଘଟଣାର ତଦନ୍ତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଉଭୟ ଅଧିକାରୀ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଟଙ୍କା ଓ ସୁନାଚେନ୍ ଲୁଟ୍, ଜଣେ ଗିରଫ

କାକଟପୁର,୩୦।୧୦ :(ମନ୍ଥନ) ପୁରୀ ଜିଲ୍ଲାର କାକଟପୁର ଥାନା ଅଞ୍ଚଳରେ ଗାଡ଼ି ଅଟକାଇ ଦୁଇ ଭାଇଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ନଗଦ ଟଙ୍କା ଓ ସୁନାଚେନ୍ ଲୁଟ୍ ଅଭିଯୋଗରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କାକଟପୁର ଥାନା ଅନ୍ତର୍ଗତ ରସୁଲପୁର ପଞ୍ଚାୟତର ସଂଡ଼ାସ ଗ୍ରାମର ବାଇଧର ବେହେରାଙ୍କ ପୁଅ କୁଲୁ ବେହେରା (୪୨)। ତାଙ୍କୁ କୋର୍ଟ ଚାଲାଣ କରାଯିବା ପରେ ଜେଲ୍ ହାଜତକୁ ପଠାଯାଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। କାକଟପୁର ପୁଲିସରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଗତ ୨୩ ତାରିଖ ସନ୍ଧ୍ୟା ପ୍ରାୟ ୬ଟା ୧୦ ମିନିଟ୍ ସମୟରେ କାକଟପୁର ମେଡିକାଲ ଛକରେ



ଥିବା ରମେଶ ପାତ୍ର ମିଷ୍ଟାନ୍ନ ଭଣ୍ଡାର ର ମାଲିକ ଶିବପ୍ରସାଦ ପାତ୍ର (୪୪) ଓ ତାଙ୍କ ସାନଭାଇ ଜ୍ୟୋତିରଞ୍ଜନ ପାତ୍ର ମାରୁତି କାର୍‌ରେ ଛେନା ସଂଗ୍ରହ କରି ଫେରୁଥିଲେ। ଏହି ସମୟରେ କିଛି ଲୋକ ସେମାନଙ୍କ କାର୍‌କୁ ଅଟକାଇ ଜୋରଜବରଦସ୍ତ ଗାଡ଼ିରୁ ବାହାର କରିଥିଲେ। ପରେ ଠେଙ୍ଗା, ଲାଠି ଓ ଅନ୍ୟାନ୍ୟ ମାରଣାସ୍ତ୍ରରେ ଉଭୟଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଉଭୟ ଭାଇ ଗୁରୁତର ଆହତ ହୋଇଥିଲେ। ଏଥି ସହ ଅଭିଯୁକ୍ତମାନେ ଶିବପ୍ରସାଦଙ୍କ ପକେଟରୁ ୧୦ ହଜାର ଟଙ୍କା ଓ ବେକରୁ ଗୋଟିଏ ସୁନାଚେନ୍ ଛଡ଼ାଇ ନେବା ସହ କାର୍‌ଟିକୁ ଭଙ୍ଗାରୁଜା କରିଥିବା ଏବଂ ସଂଗୃହୀତ ପ୍ରାୟ ୪ କୁଇଣ୍ଟାଲ ଛେନାକୁ ମୁଖ୍ୟ ରାସ୍ତାରେ ଫିଙ୍ଗି ଦେଇଥିବା ଏତଲାରେ ଦର୍ଶାଯାଇଛି। ଏନେଇ ଶିବପ୍ରସାଦ ପାତ୍ର ଗତ ୨୪ ତାରିଖରେ କାକଟପୁର ଥାନାରେ ଅଭିଯୋଗ କରିଥିଲେ।ଅଭିଯୋଗ ଆଧାରରେ କାକଟପୁର ଥାନା ପୁଲିସ କେସ୍ ନଂ ୩୮୮/୨୦୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ମାମଲାରେ କୁଲୁ ବେହେରାଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତ ମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି ।

ଆଞ୍ଚଳିକ ମନ୍ଥନ

ଶନିବାର,୩୧ ଅକ୍ଟୋବର ୨୦୨୬, ଭୁବନେଶ୍ୱର Saturday,31 October 2026, Bhubaneswar



ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ଜିଲ୍ଲାସ୍ତରୀୟ ସମାରୋହ



ନବରଙ୍ଗପୁର,୩୦।୧୦ :(ମନ୍ଥନ) ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନାର ୨୪ତମ କିସ୍ତି ପ୍ରଦାନ ଅବସରରେ ନବରଙ୍ଗପୁର ଜିଲ୍ଲାସ୍ତରୀୟ ସମାରୋହ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କିସ୍ତିରେ ଜିଲ୍ଲାର ମୋଟ ୧,୦୯,୧୫୬ ଜଣ ଯୋଗ୍ୟ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୨୧ କୋଟି ୮୩ ଲକ୍ଷ ୧୨ ହଜାର ଟଙ୍କା ହସ୍ତାନ୍ତର କରାଯାଇଛି।ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ନବରଙ୍ଗପୁରଙ୍କ ନେତୃତ୍ୱରେ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ଉପସ୍ଥିତ ଚାଷୀମାନଙ୍କୁ ଉତ୍ସାହିତ କରିବା ସହ ଜିଲ୍ଲାରେ ବହୁମୁଖୀ ଫସଲ ଚାଷ ଓ କୃଷିର ବିବିଧକରଣକୁ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ଚାଷୀଙ୍କ ଆର୍ଥିକ ଓ ସାମାଜିକ ଉନ୍ନତି ହିଁ ସମୃଦ୍ଧ ଓଡ଼ିଶା ଗଠନର ମୂଳ ଆଧାର ବୋଲି ସେ ମତବ୍ୟକ୍ତ କରିଥିଲେ।କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଶ୍ରୀ ଗୌରୀଶଙ୍କର ମାଝୀ, ସ୍ୱତନ୍ତ୍ର ବିକାଶ ପରିଷଦର ଉପାଧ୍ୟକ୍ଷ ଶ୍ରୀ ଲଙ୍ଗରାଜ ଭତ୍ରା ଏବଂ ଅତିରିକ୍ତ ଜିଲ୍ଲାପାଳ ଡଃ ପ୍ରମୋଦ ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଓ ବୈଜ୍ଞାନିକବୃନ୍ଦ ତଥା କୃଷି ବିଭାଗର ଅଧିକାରୀମାନେ ଚାଷୀଙ୍କୁ ବିଭିନ୍ନ କୃଷିଭିତ୍ତିକ ଯୋଜନା, ଆଧୁନିକ ଚାଷ ପ୍ରଣାଳୀ ଓ ଉପଲବ୍ଧ ସରକାରୀ ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ।ପ୍ରାରମ୍ଭରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅତିଥି ଓ ଚାଷୀମାନଙ୍କୁ ସ୍ୱାଗତ ଜଣାଇବା ସହ ପିଏମ୍-କିଷାନ ଯୋଜନାର ଉଦ୍ଦେଶ୍ୟ ଏବଂ ଚାଷୀଙ୍କ ଆର୍ଥିକ ସଶକ୍ତୀକରଣରେ ଏହାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିମାନେ ଚାଷୀଙ୍କ ଆୟ ବୃଦ୍ଧି, କୃଷି କାର୍ଯ୍ୟରେ ଆର୍ଥିକ ସହାୟତା ଏବଂ ସରକାରୀ ଯୋଜନାର ସୁଫଳ ତୃଣମୂଳସ୍ତରରେ ପହଞ୍ଚାଇବାର ଆବଶ୍ୟକତା ଉପରେ ମତପ୍ରକାଶ କରିଥିଲେ।ଏହି ଜିଲ୍ଲାସ୍ତରୀୟ ସମାରୋହରେ ପ୍ରାୟ ୧୦୦ ଜଣ ଚାଷୀ ଯୋଗଦେଇଥିବାବେଳେ କୃଷି ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ରର ଅଧିକାରୀମାନେ ଚାଷୀଙ୍କ ସହ ଭାବ ବିନିମୟ କରି ସେମାନଙ୍କୁ ବିଭିନ୍ନ କୃଷି ଯୋଜନାର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ।

ପିଏମ୍-କିସାନ ୨୪ତମ କିସ୍ତି: କେନ୍ଦୁଝରରେ ୧,୮୪,୩୪୪ ଚାଷୀ ଚିହ୍ନଟ

କେନ୍ଦୁଝର,୩୦।୧୦ :(ମନ୍ଥନ)ପ୍ରଧାନମନ୍ତ୍ରୀ କିସାନ ସମ୍ମାନ ନିଧିର ୨୪ତମ କିସ୍ତି ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଗୁଜରାଟରୁ ଜାରି କରାଯାଇଛି। ଏହି ଅବସରରେ କେନ୍ଦୁଝର ଆମ୍ରା ହଲ୍ ଠାରେ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଝଉଚ ଅଧକ୍ଷା ମମିତା ନାଏକ, ଅତିରିକ୍ତ



ଜିଲ୍ଲାପାଳ ମନ୍ଦରଧର ମହାଳିକ ଉପସ୍ଥିତ ଥିଲେ।ବିଭାଗୀୟ ତଥ୍ୟ ଅନୁଯାୟୀ ଜିଲ୍ଲାର ୧୩ଟି ବ୍ଲକର ୧,୮୪,୩୪୪ ଚାଷୀଙ୍କୁ ସମ୍ଭାବ୍ୟ ହିତାଧିକାରୀ ଭାବେ ଚିହ୍ନଟ କରାଯାଇଛି। (ବ୍ଲକ୍-ୱାରୀ ତାଲିକା ସଂଲଗ୍ନ)ତେବେ ସ୍ଥାନୀୟ ସ୍ତରରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ମଧ୍ୟ ରହିଛି। ଅନେକ ଯୋଗ୍ୟ ଚାଷୀ ଏପର୍ଯ୍ୟନ୍ତ ତାଲିକାରୁ ବାଦ୍ ପଡୁଥିବା ବେଳେ କେତେକ ଅଯୋଗ୍ୟ ବ୍ୟକ୍ତି ସୁବିଧା ପାଉଥିବା ଅଭିଯୋଗ ହେଉଛି। ପ୍ରକୃତ ଚାଷୀ ଯେମିତି ସହାୟତାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ହିତାଧିକାରୀ ଚୟନରେ ସ୍ୱଚ୍ଛତା ଏବଂ ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ ବୋଲି ବିଭିନ୍ନ ଚାଷୀ ସଂଗଠନ ପକ୍ଷରୁ ଦାବି ହେଉଛି।ବାର୍ଷିକ ୬,୦୦୦ ଟଙ୍କାର ଏହି ସହାୟତା ଯୋଗ୍ୟ ଚାଷୀଙ୍କ ପାଖରେ ପହଞ୍ଚିଲେ ହିଁ ଯୋଜନାର ଉଦ୍ଦେଶ୍ୟ ସାର୍ଥକ ହେବ।

ମାନ୍ୟବର କେନ୍ଦ୍ରମନ୍ତ୍ରୀ ଡା. ବୀରେନ୍ଦ୍ର କୁମାରଙ୍କ ସିଆରସି ପରିଦର୍ଶନ

ବଲାଙ୍ଗୀର,୩୦।୧୦ :(ମନ୍ଥନ) ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟର ମାନ୍ୟବର କେନ୍ଦ୍ରମନ୍ତ୍ରୀ ଡ. ବୀରେନ୍ଦ୍ର କୁମାର ଆଜି ବଲାଙ୍ଗିର ସ୍ଥିତ ଦିବ୍ୟାଙ୍ଗଜନଙ୍କ ଦକ୍ଷତା ବିକାଶ, ପୁନର୍ବାସ ଓ ସଶକ୍ତିକରଣ ପାଇଁ କାର୍ଯ୍ୟରତ ସମନ୍ୱିତ ଆଂଚଳିକ କେନ୍ଦ୍ର ସିଆରସି ପରିଦର୍ଶନ କରିଥିଲେ। ଏହି ଅବସରରେ ଅତିଥିଭାବେ କଂଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ବଲାଙ୍ଗିର ଜିଲ୍ଲାପାଳ ଆଇଏଏସ୍ ଗୌରବ ଶିବାଜୀ ଇସାଲୱାର, ଏସ୍ ?ଭିନିତାର ଓଲଟପୁର ନିର୍ଦ୍ଦେଶକ ଡ. ପି.ପି. ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପୁଷ୍ପାଞ୍ଜଳୀ ମିଶ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ମାନ୍ୟବର ମନ୍ତ୍ରୀ ସମସ୍ତ ବିଭାଗ ପରିଦର୍ଶନ ପରେ ମଙ୍ଗଳଦୀପ ପ୍ରଜ୍ଜଳନ, ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଦ୍ୟାଙ୍ଗଜନ ପାଇଁ ସୁଲଭ ପୁନର୍ବାସ ସେବା, ସହାୟକ ଉପକରଣ ଦକ୍ଷତା ବିକାଶ ଏବଂ ସମାବେଶୀ ସୁଯୋଗର ପୁରୁତ୍ୱକୁ ଉଜାଗର କରିଥିଲେ। ପିଏମ୍ଡ଼ିକେ(ଆଲିମ୍କୋ)ବଲାଙ୍ଗିର ଅଧିକାରୀ ସୁରେନ୍ଦ୍ର ଭୋଇ ଅଧ୍ୟକ୍ଷତାରେ ୩୦ ଜଣ ବରିଷ୍ଠ ନାଗରିକ ହିତାଧିକାରୀମାନଙ୍କୁ ସହାୟତା ଉପକରଣ ଏବଂ ୬ ଜଣ ଦିବ୍ୟାଙ୍ଗଜନଙ୍କୁ ଇଲେକ୍ଟ୍ରିକାଲ ସାଇକେଲ ବଂଟନ କରାଯାଇଥିଲା। ଏସ୍ଭିନିତାର ଓଲଟପୁର ସହ ନିର୍ଦ୍ଦେଶକ ସତ୍ୟଜିତ ପଟ୍ଟନାୟକ, ସୁଚି ରଂଜନ ସିଂ, ସିଆରସିର କର୍ମଚାରୀ ଲୁସିକା ନାୟକ, ଜିତେନ୍ଦ୍ର କୁମାର ବାରିକ, ଅମ୍ରିତା



ପ୍ରିତମ, ସୌମ୍ୟଶେଖର ପାଣିଗ୍ରାହୀ, ଦିପକ ନାୟକ, ଶିବାଦୁତି ମହାପାତ୍ର, ସ୍ମୃତିବାଳା ଶତପଥି, ପ୍ରିୟଦର୍ଶନୀ ପ୍ରଧାନ, ରଞ୍ଜିତା ପଣ୍ଡା, ଶତାବ୍ଦି ଜେନା ସାମନ୍ତ, ସୁଧାସ୍ମିକା ମହାନ୍ତି, ଶୁଭସ୍ମିତା ସାହୁ, ଅମିତ ମିଶ୍ର, ହେମନ୍ତ ସାହୁ, ସୁଭେନ୍ଦୁ ସାହୁ, ସନ୍ତୋଷ କାମିଲା, ଲିପନ ଜାଲ, ଶମ୍ଭୁ ସାହୁ ପ୍ରମୁଖ ଅଧିକାରୀ ଉପସ୍ଥିତରହି କାର୍ଯ୍ୟକ୍ରମକୁ ସଫଳ ଥିଲେ। ଛାତ୍ରଛାତ୍ରୀ, ଶିଶୁମାନଙ୍କର ଅଭିଭାବକ ଓ ଜନସାଧାରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ରାଇଘର ଠାକୁର ଅନୁକୂଳ ଚନ୍ଦ୍ର ଉପାସନା କେନ୍ଦ୍ରରୁ ଲୁଟ୍,ଦାନ ହୁଣ୍ଡୀ ଭାଙ୍ଗି ଟଙ୍କା ନେଲେ ଦୁର୍ବୃତ୍ତ

ରାଇଘର,୩୦।୧୦ :(ମନ୍ଥନ)ନବରଙ୍ଗପୁର ଜିଲ୍ଲା ରାଇଘର ସଦର ମହକୁମା ପତ୍ରକଟି ଠାରେ ଥିବା ଠାକୁର ଅନୁକୂଳଚନ୍ଦ୍ର ଉପାସନା କେନ୍ଦ୍ର ଠାରେ ଗତକାଲି ରାତିରେ ଝରକା ଭାଙ୍ଗି କିଛି ଦୁର୍ବୃତ୍ତ ଦାନହୁଣ୍ଡୀ ଭାଙ୍ଗି ବ୍ୟାପକ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି ଏହି ଘଟଣା ସ୍ଥାନୀୟ ଲୋକଙ୍କ ଭିତରେ ଅସନ୍ତୋଷ ଏବଂ ତିବ୍ର ଉଦବେଗ ପ୍ରକାଶ କରିଛି ସୂଚନା ଅନୁଯାୟୀ ଠାକୁର ଅନୁକୂଳଚନ୍ଦ୍ର ଉପାସନା କେନ୍ଦ୍ରର ମୁଖ୍ୟ ଫାଟକ ତାଲା ପଡ଼ିଥିବା ବେଳେ ଦୁର୍ବୃତ୍ତ ମାନେ ମନ୍ଦିରର ଝରକା ଭାଙ୍ଗି ପ୍ରବେଶ କରିଥିଲେ ସେଠାରେ ଥିବା ଦାନ ହୁଣ୍ଡିକୁ ସମ୍ପୂର୍ଣ ଭାଙ୍ଗି ସେଥିରେ ଥିବା ସମସ୍ତ ନଗଦ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି। ହୁଣ୍ଡିରେ କେତେ ଟଙ୍କା ଥିଲା ଏବଂ ଅନ୍ୟ କୌଣସି ପୂଜା ସାମଗ୍ରୀ କିମ୍ବା ମୂଲ୍ୟବାନ ଜିନିଷ ଚୋରି ହୋଇଛି କି ନାହିଁ ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ।ଉପାସନା କେନ୍ଦ୍ରରେ ଅବଶ୍ୟକ ସିସିଟିଭି କେମେରା ବ୍ୟବସ୍ଥା ନଥିବାରୁ ଅପରାଧୀ ମାନେ ସହଯୋରେ ସୁଯୋଗ ନେଉଛନ୍ତି ଘଟଣା ସମ୍ପର୍କରେ ଖବର ପାଇବା ପରେ ରାଇଘର ପୋଲିସ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଦୁର୍ବୃତ୍ତଙ୍କୁ ଚ଼ିହ୍ନଟ କରିବା ସହ ଲୁଟ ଟଙ୍କା ଉଦ୍ଧାର କରିବା ପୋଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି।

ଆଓଲା ଅଧ୍ୟକ୍ଷ ଜ୍ଞାନ ମହାନ୍ତିଙ୍କ ଅକାଳ ବିୟୋଗରେ ଆଠମଲ୍ଲିକ ଓକିଲ ସଙ୍ଘ ତରଫରୁ ସ୍ମୃତିସଭା

ଆଠମଲ୍ଲିକ,୩୦।୧୦ :(ମନ୍ଥନ): ନିଖିଳ ଓଡିଶା ଆଇନଜୀବୀ ସଂଘ ଅଧ୍ୟକ୍ଷ ବରିଷ୍ଠ ଆଇନଜୀବୀ ତଥା ଓଡିଶା ରାଜ୍ୟ ଆଇନଜୀବୀ ପରିଷଦ ସଭ୍ୟ ଜ୍ଞାନରଞ୍ଜନ ମହାନ୍ତି(୬୨)ଙ୍କ ଗତ ୨୬ ତାରିଖ ସୋମବାର ଭୁବନେଶ୍ୱର ର ଏକ ଘରୋଇ ଡାକ୍ତରଖାନା ରେ ଅକାଳ ବିୟୋଗ ହୋଇଯାଇଛି। ସ୍ୱର୍ଗତ ଜ୍ଞାନରଞ୍ଜନ ମହାନ୍ତି ଙ୍କ ଉଦେଶ୍ୟ ରେ ଗୁରୁବାର ଆଠମଲ୍ଲିକ ଓକିଲସଂଘ ପକ୍ଷରୁ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର ଙ୍କ ସଭାପତିତ୍ୱ ରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଆଇନଜୀବୀ ମାନେ ସ୍ୱର୍ଗତ ମହାନ୍ତି ଙ୍କ ଅମରଆତ୍ମା ର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ। ପରେ ତାଙ୍କ ଫଟୋ ଚିତ୍ର ରେ ଧୂପ ଓ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ର ଉପସଭାପତି ଉଗ୍ରସେନ ସେଠି, ସମ୍ପାଦକ ଜିତେନ୍ଦ୍ର କୁମାର ମୁଖି, କୋଷାଧ୍ୟକ୍ଷ ସୁନୀଲ କୁମାର ଶାସନି, ବରିଷ୍ଠ ଆଇନଜୀବୀ ଜିତେନ୍ କୁମାର ମିଶ୍ର, ବାମନ କୁମାର ମିଶ୍ର,ଗଣେଶ ଚନ୍ଦ୍ର କର୍ମୀ, ସନ୍ତୋଷ କୁମାର ତ୍ରିପାଠୀ, ଅର୍ଜୁନ ରାଉଳ, ଦିନେଶ କୁମାର ସିଂହ, ରାମଚନ୍ଦ୍ର କର୍ଣ୍ଣ, ଅବନୀ କୁମାର ଆଚାର୍ଯ୍ୟ, ନାରାୟଣ ଦାଶ,ମାଧବ ଚନ୍ଦ୍ର ସାହୁ, ପ୍ରଭାକର କୁଅଁର ଓ ବାରବୟ ରାମଚନ୍ଦ୍ର ପଧାନ ଉପସ୍ଥିତ ଥିଲେ।ସ୍ୱର୍ଗତ ମହାନ୍ତି ଆଇନଜୀବୀ ସମାଜର କଲ୍ୟାଣ ପାଇଁ ତାଙ୍କର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଲଢେଇ ଜାରି ରଖିଥିଲେ। ସେ ନିଖିଳ ଓଡିଶା ଆଇନଜୀବୀ ସଂଘ ର ସମ୍ପାଦକ, ସଭାପତି ଓ ଶେଷରେ ଅଧ୍ୟକ୍ଷ ପଦବୀ ରେ ରହି ଆଇନଜୀବୀ କଲ୍ୟାଣ ପାଣ୍ଠି କୁ ପର୍ଯ୍ୟାୟକ୍ରମେ ୧୦ କୋଟି କୁ ବୃଦ୍ଧି କରାଇ ପାରିଥିଲେ। ଆଇନଜୀବୀ ସୁରକ୍ଷା ଆଇନ, ଆଇନଜୀବୀ ମାନଙ୍କ ପାଇଁ ଆଡ୍ଭୋକେଟ ଏକାଡେମୀ ପ୍ରତିଷ୍ଠା ଇତ୍ୟାଦି ବହୁ କାର୍ଯ୍ୟ କରିବାକୁ ନିରନ୍ତର ପ୍ରୟାସ ଜାରି ରଖିଥିଲେ।


ଛତ୍ରପୁର ନିର୍ବାଚନମଣ୍ଡଳୀର ବନ୍ୟାଞ୍ଚଳ ବୁଲି ସ୍ଥିତି ପରଖିଲେ ବ୍ରହ୍ମପୁର ସାଂସଦ

ଛତ୍ରପୁର,୩୦।୧୦ :(ମନ୍ଥନ)ଗଞ୍ଜାମ ଜିଲ୍ଲାରେ ବନ୍ୟା ସ୍ଥିତି ଗମ୍ଭୀର ହୋଇଥିବା ବେଳେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଶୁକ୍ରବାର ଛତ୍ରପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ବନ୍ୟାପୀଡ଼ିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି। ସେ ବନ୍ୟାଜଳରେ ପ୍ରଭାବିତ ଅଞ୍ଚଳ ବୁଲିବା ସହ ପାଣି ମଧ୍ୟ ରେ ଯାଇ ସ୍ଥାନୀୟ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଥିଲେ।ସାଂସଦ ବନ୍ୟାଜଳ ନିଷ୍କାସନ, ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ବଣ୍ଟନ ବ୍ୟବସ୍ଥା ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବନ୍ୟାପୀଡ଼ିତ ଲୋକଙ୍କ ନିକଟରେ ତୁରନ୍ତ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଆବଶ୍ୟକ ସହାୟତା ପହଞ୍ଚାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।ସାଂସଦ ପ୍ରଥମେ ଗଞ୍ଜାମ ବ୍ଲକର ୟୁଡ଼ିଏସପୁର ଓ ସନ୍ତୋଷ ପଞ୍ଚାୟତ ପରିଦର୍ଶନ କରିଥିଲେ। ପରେ ବିଭିନ୍ନ ଜଳମଗ୍ନ ଅଞ୍ଚଳ ବୁଲି ସ୍ଥାନୀୟ ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ।ଏହି ଅବସରରେ ବ୍ରହ୍ମପୁର ସାଂସଦଙ୍କ ପ୍ରତିନିଧି ରୁଇନା ପଟ୍ଟନାୟକ, ଆର୍. ସନ୍ତୋଷ ରେଡ୍ଡୀଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବାତ୍ୟା ପରେ ଗଞ୍ଜାମରେ ବନ୍ୟା ବିଭୀଷିକା, ଜଳବନ୍ଦୀରେ ଏକାଧିକ ଗାଁ

କବିସୂର୍ଯ୍ୟନଗର,୩୦।୧୦ :(ମନ୍ଥନ)ବାତ୍ୟା 'ଅର୍ଣ୍ଣବ' ଅବପାତରେ ପରିଣତ ହେବା ପରେ ଲଗାଣ ବର୍ଷା ଯୋଗୁଁ ଗଞ୍ଜାମ ଜିଲ୍ଲାରେ ବନ୍ୟା ଆଶଙ୍କା ଦେଖାଦେଇଛି। ନଦୀର ଜଳସ୍ତର ବୃଦ୍ଧି ଓ ବର୍ଷାଜଳ ଜମିବା ଯୋଗୁଁ ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଉପୁଜିଛି। ବିଶେଷକରି ନଦୀତଳିଆ ଅଞ୍ଚଳର ଲୋକଙ୍କ ମଧ୍ୟରେ ଭୟ ଓ ଆଶଙ୍କା ବଢ଼ିଥିବା ବେଳେ ଚିନ୍ତାରେ ଚାଷୀ ଓ ସାଧାରଣ ଜନତା।କବିସୂର୍ଯ୍ୟନଗର ବ୍ଲକର ସୁନାରିଝୋଳା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭେଟସିଙ୍ଗ ଗ୍ରାମ ଜଳବନ୍ଦୀରେ ରହିଛି। ସେହିପରି ପୁରୁଷୋତ୍ତମପୁର ବ୍ଲକର ଟଙ୍କାଛାଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଟଙ୍କାଛାଇ, ଆମ୍ବିଳାପଲ୍ଲୀ, ଝାଡ଼ବନ୍ଦ ଓ ମହାଛାଇ ଗ୍ରାମ ମଧ୍ୟ ଜଳବନ୍ଦୀ ହୋଇପଡ଼ିଛି।



ଏହି ଗ୍ରାମଗୁଡ଼ିକରେ ଜଳବନ୍ଦୀ ସମସ୍ୟା ଯୋଗୁଁ ଲୋକଙ୍କ ନୈନ୍ଦିନ ଜୀବନ ପ୍ରଭାବିତ ହେବା ସହ ଯାତାୟାତରେ ଅସୁବିଧା ସୃଷ୍ଟି ହୋଇଛି।ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଗଞ୍ଜାମ ଉପଜିଲ୍ଲାପାଳ ଜଳବନ୍ଦୀ ଗ୍ରାମଗୁଡ଼ିକ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜଳବନ୍ଦୀରେ ରହିଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ସହ ସେମାନଙ୍କୁ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ଯୋଗାଇଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜଳବନ୍ଦୀ ଲୋକଙ୍କ ସୁରକ୍ଷା ଓ ଆବଶ୍ୟକୀୟ ସହାୟତା ଯୋଗାଇଦେବା ଉପରେ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି।ଅନ୍ୟପଟେ, ଲଗାଣ ବର୍ଷା ଜାରି ରହିଲେ ନଦୀର ଜଳସ୍ତର ଆହୁରି ବୃଦ୍ଧି ପାଇବା ସହ ଅଧିକ ଅଞ୍ଚଳ ଜଳମଗ୍ନ ହେବାର ଆଶଙ୍କା ରହିଛି। ଏହାକୁ ନେଇ ନଦୀତଳିଆ ଅଞ୍ଚଳର ବାସିନ୍ଦାଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ମୁକାବିଲା କରିବା ସହ ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ ଉଦ୍ଧାର, ସ୍ଥାନାନ୍ତର ଓ ରିଲିଫ୍ ବଣ୍ଟନ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଇଛି।

ଓଡ୍ରାଫ୍ ବୋଟ୍‌ରେ ପହଞ୍ଚିଲା ରିଲିଫ୍ ସାମଗ୍ରୀ, ଜଳବନ୍ଦି ଅଞ୍ଚଳରେ ବିଧାୟକ ଓ ବିଡିଓ

ଛତ୍ରପୁର,୩୦।୧୦ :(ମନ୍ଥନ)ଲଘୁଚାପଜନିତ ପ୍ରବଳ ବର୍ଷା ପରେ ଗଞ୍ଜାମ ଜିଲ୍ଲାରେ ସୃଷ୍ଟି ହୋଇଛି ଭୟାବହ ବନ୍ୟା ପରିସ୍ଥିତି। ଛତ୍ରପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ବନ୍ୟାଜଳ ରାସ୍ତା ଉପରେ ପ୍ରବାହିତ ହେବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବ୍ଲକର ୬ଟି ପଞ୍ଚାୟତ ଜଳବନ୍ଦି ଅବସ୍ଥାରେ ଥିବାବେଳେ ବହୁ ଲୋକ ଜଳବନ୍ଦି ହୋଇ ରହିଛନ୍ତି।ପରିସ୍ଥିତିକୁ ଦୃଷ୍ଟିରେ ରଖି ଜଳବନ୍ଦି ଅଞ୍ଚଳରେ ଓଡ୍ରାଫ୍ ବୋଟ୍ ଯୋଗେ ଛତ୍ରପୁର ବ୍ଲକ ପ୍ରଶାସନ ପକ୍ଷରୁ ରିଲିଫ୍ ସାମଗ୍ରୀ ପହଞ୍ଚାଇ ବଣ୍ଟନ କରାଯାଉଛି। ପୋଟଲାମପୁର, ମହାନାଦପୁର,



ବଉଳଗାଁ ଓ ବଡ଼ ମାଧପୁର ପଞ୍ଚାୟତର ବନ୍ୟା ପ୍ରଭାବିତ ଲୋକଙ୍କ ନିକଟରେ ବୋଟ୍ ଯୋଗେ ଚାଉଳ, ରାସନ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ପହଞ୍ଚାଯାଉଛି।ରିଲିଫ୍ ବଣ୍ଟନ ଓ ଉଦ୍ଧାର କାର୍ଯ୍ୟର ତଦାରଖ ପାଇଁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ନିଜେ ଓଡ୍ରାଫ୍ ବୋଟ୍‌ରେ ଜଳବନ୍ଦି ଅଞ୍ଚଳରେ ପହଞ୍ଚି ସ୍ଥିତି ପରଖିଛନ୍ତି। ତାଙ୍କ ସହ ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜୀତ ସାହୁ, କନିଷ୍ଠ ଯନ୍ତ୍ରୀ ଆକାଶ ପାତ୍ରଙ୍କ ସମେତ ଓଡ୍ରାଫ୍ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ଉଦ୍ଧାର ଓ ସହାୟତା କାର୍ଯ୍ୟରେ ସାମିଲ ହୋଇଛନ୍ତି।ବନ୍ୟା ପ୍ରଭାବିତଙ୍କ ପାଇଁ ବିଭିନ୍ନ ସ୍ଥାନରେ ରୋଷେଇ ବ୍ୟବସ୍ଥା କରାଯାଇଛି। ଏଥିସହ ପନିପରିବା, ରାସନ ସାମଗ୍ରୀ, ଚାଉଳ ଆଦି ରିଲିଫ୍ ଆକାରରେ ପ୍ରଦାନ କରାଯାଉଛି। ଜଳବନ୍ଦି ଅଞ୍ଚଳର ଆବଶ୍ୟକତା ଅନୁଯାୟୀ ଆହୁରି ରିଲିଫ୍ ସାମଗ୍ରୀ ପହଞ୍ଚାଇବା ସହ ଉଦ୍ଧାର ଓ ସହାୟତା କାର୍ଯ୍ୟ ଜାରି ରହିଥିବା ବିଡିଓ ସୂଚନା ଦେଇଛନ୍ତି।

ବଡମୁଳ ଗ୍ରାମରେ ରକ୍ତଦାନ ଶିବିର ଅନୁଷ୍ଠିତ

ଛେଣ୍ଡିପଦା,୩୦।୧୦ :(ମନ୍ଥନ)ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ତଥା ଜରପଡା ଥାନା ଅନ୍ତର୍ଗତ କତଡା ଗ୍ରାମ ପଞ୍ଚାୟତ ଅଧୀନ ବଡମୁଳ ଗ୍ରାମ ଠାରେ ପବିତ୍ର ଗଜ ଲକ୍ଷ୍ମୀ ପୂଜା ପାଳନ ଅବସରରେ ଏକ ଦିନିକିଆ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଲ୍ଡେନ ଷ୍ଟାର କ୍ଲବ ପକ୍ଷରୁ ଆୟୋଜିତ ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ କତଡା ପଞ୍ଚାୟତ ସରପଞ୍ଚ ଶ୍ରୀମତୀ କଳ୍ପନା ପ୍ରଧାନ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁବ ନେତା ରଣଜିତ ପ୍ରଧାନ, ସିଲୁ ସାହୁ, କେଶବ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ତେବେ ପ୍ରତିକୂଳ ପାଣି ପାଗ ସତ୍‌ବେ ଏହି ଶିବିରରେ ମୋଟ ୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଅନୁଗୋଳ ଜିଲ୍ଲା ରେଡ କ୍ରସ ରକ୍ତ ଭଣ୍ଡାର ସମସ୍ତ ପଦାଧିକାରୀ କର୍ମଚାରୀ ମାନେ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ଗୋଲ୍ଡେନ ଷ୍ଟାର କ୍ଲବ ସଭାପତି ଗୁରୁଦେବ ସାହୁ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଦସ୍ୟ ସୁଶାନ୍ତ ସାହୁ, ସୀତାରାମ ସାହୁ, ଦୁର୍ଗା ପ୍ରାସାଦ ସାହୁ, ତପନ ରାଉଳ, ନନ୍ଦନ ବାରିକ, ମଦନ ବାରିକ, ପ୍ରିୟବ୍ରତ ସାହୁ, ସିଦ୍ଧାନ୍ତ ଦେହୁରୀ, ଗଜେନ୍ଦ୍ର ରାଉଳ, ଗଙ୍ଗା ରାଉଳ, ସ୍ୱପନେଶ୍ୱର ସାହୁ, ସିଲୁ ସାହୁ, ଶିବୁନ ସାହୁ, ସିକୁନ ସାହୁ, ରିଙ୍କୁ ସାହୁ, ଏକାଦୁଶିଆ ସାହୁ, ପ୍ରିତିରାଜ ସାହୁ, ସୁବାସ ମୁଦୁଲି, ଗୟାଚାନ୍ଦ ସାହୁ, ସୁଧନ୍ୟା ସାହୁ ପ୍ରମୁଖ ଯୋଗ ଦେଇ ସକ୍ରିୟ ସହଯୋଗ କରିଥିଲେ।


ଅନୁଗୋଳରେ "ବିଶ୍ୱ ମିତବ୍ୟୟିତା ଦିବସ" ପାଳିତ



ଅନୁଗୋଳ,୩୦।୧୦ :(ମନ୍ଥନ) ଆର୍ଥିକ ଶୃଙ୍ଖଳା, ନିୟମିତ ସଞ୍ଚୟ ଏବଂ ଭବିଷ୍ୟତର ଆର୍ଥିକସୁରକ୍ଷା। ସମ୍ପର୍କରେଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ଅନୁଗୋଳ ପଞ୍ଚାୟତସମିତି ସଭାଗୃହ ଠାରେ 'ବିଶ୍ୱ ମିତବ୍ୟୟିତା ଦିବସ' ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ବିଶ୍ୱ ଭୂଷଣ ଯୋଗ ଦେଇ ପ୍ରତ୍ୟେକ ବ୍ୟକ୍ତି ନିଜଉପାର୍ଜିତ ଧନର କିଛି ଅଂଶକୁ ନିୟମିତ ଭାବେ ସଞ୍ଚୟ କରିବା ନିମନ୍ତେ ପ୍ରୋତ୍ସାହନ ଦେଇଥିଲେ।ଜଟିଳ ପରିସ୍ଥିତି ସମୟରେ ଏହି ସଞ୍ଚିତ ଜମା ରାଶି ଭବିଷ୍ୟତରେ ଉପଯୋଗୀ ହୋଇଥାଏ ବୋଲିସେ କହିଥିଲେ। ସରକାରୀ ସ୍ୱଳ୍ପ ସଞ୍ଚୟ ଯୋଜନା ଯଥା- ସୁକନ୍ୟା ସମୃଦ୍ଧି ଯୋଜନା, ପବ୍ଲିକପ୍ରୋଭିଡେଣ୍ଟ ଫଣ୍ଡ, ଜାତୀୟ ସଞ୍ଚୟ ପ୍ରମାଣ ପତ୍ର, ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା, ମାସିକ ଆୟଯୋଜନା, ରିକରିଂ ଡିପୋଜିଟ୍ ଦ୍ୱାରା ନିଜ ପରିବାରର ଆର୍ଥିକ ସ୍ଥିତି ସୁଦୃଢ କରିବାକୁ ବୈଠକରେଆଲୋଚନା ହୋଇଥିଲା। ଆଜିର ଡିଜିଟାଲ ଯୁଗରେ ଓ.ଟି.ପି ଠକେଇ, ନକଲି ଆପ୍, ଅଜଣାଲିଙ୍କ୍, ଅନଲାଇନ୍ ଗେମିଂ, ଲଟେରୀ, କ୍ରେଡିଟ୍ କାର୍ଡ ଠକେଇ ଓ ନକଲି ନିବେଶ ପ୍ରଲୋଭନ ଭଳିସାଇବର (କେଇ ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଶ୍ରୀ ଜଗନ୍ନାଥ ସେନାପତି,ତାଳଚେର ସ୍ୱଳ୍ପ ସଞ୍ଚୟ ଅଧିକାରୀ ଶ୍ରୀ ରାମଚନ୍ଦ୍ର ବିଶ୍ୱାଳ, ସାଇବର ପୋଲିସ ଅଧିକାରୀ ଶ୍ରୀବିବେକାନନ୍ଦ ମହାନ୍ତ, ଆଇ.ଟି ଏକ୍ସପର୍ଟ ସନ୍ଧ୍ୟାରାଣୀ ସାମଲ, ଡାକଘର ବ୍ୟବସାୟ ଅଧିକାରୀ ଶ୍ରୀସୁଜିତ୍ କୁମାର ଦେହୁରୀଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ ଓ ବହୁ ସଂଖ୍ୟାରେଜନସାଧାରଣ ଉପସ୍ଥିତ ଥିଲେ।

ପିଏମ୍ କିଷାନର ୨୪ତମ କିସ୍ତି ବିତରଣ ସମାରୋହ ଆୟୋଜିତ

ଅନୁଗୋଳ, ୩୦।୧୦ :(ମନ୍ଥନ) ଜିଲ୍ଲା କୃଷି ଓ ଚାଷୀ ସଶକ୍ତିକରଣ ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ 'ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି' ଯୋଜନାର ୨୪ତମ କିସ୍ତି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁଜୁରାଟର ବନସକଣ୍ଠାଠାରୁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କୃଷକଙ୍କ ପାଇଁ ଏହି ୨୪ତମ କିସ୍ତିର ସହାୟତା ରାଶି ଜାରି କରିଥିବା ବେଳେ, ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ର ସଭାଗୃହରେ ଏହି ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। ଏହି ସମାବେଶରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ମାନ୍ୟବର ପାଲଲହଡା ବିଧାୟକ ଶ୍ରୀ ଅଶୋକ



ମହାନ୍ତି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବବିତା ପ୍ରଧାନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ମାନ୍ୟବର ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଶ୍ରୀ ସୁଦିପ ଗଡ଼ନାୟକ, ମାନ୍ୟବର ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଶ୍ରୀ ଚୌଧୁରୀ ପ୍ରଧାନ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଦିବ୍ୟ ସ୍ୱରୂପ ପଣ୍ଡା, କୃଷି ବିଜ୍ଞାନ କେନ୍ଦ୍ରର ପ୍ରମୁଖ ବୈଜ୍ଞାନିକ ଡ଼. ଦେବାଶିଷ ମିଶ୍ରଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ, ଚାଷୀ , ମହିଳା କୃଷିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ପ୍ରଧାନମନ୍ତ୍ରୀ କିଷାନ ଯୋଜନାର ସଫଳତା ଉପରେ ଆଲୋକପାତ କରିଥିଲେ। ୨୪ତମ କିସ୍ତି ମାଧ୍ୟମରେ ଜିଲ୍ଲାର ସମୁଦାୟ ୧ ଲକ୍ଷ ୨୮ ହଜାର ୩୩୪ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି। ଏହି ଅବସରରେ ସେମାନଙ୍କ ଆକାଉଣ୍ଟକୁ ମୋଟ ୨୫ କୋଟି ୬୬ ଲକ୍ଷ ୬୮ ହଜାର ଟଙ୍କାର ସହାୟତା ରାଶି ସିଧାସଳଖ ପ୍ରଦାନ କରାଯାଇଛି।ଯେଉଁ ଚାଷୀମାନଙ୍କର ଇ-କଏଭ କିମ୍ବା ବ୍ୟାଙ୍କ ଆଧାର ସଂଯୋଗୀକରଣ ବାକି ରହିଛି, ସେମାନେ କୃଷି ବିଭାଗର ସହାୟତାରେ ଏହାକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ବୈଷୟିକ ଅଧିକାରୀମାନେ ବିସ୍ତୃତ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଶନିବାର ୩୧ ଅକ୍ଟୋବର, ୨୦୨୬, ଭୁବନେଶ୍ୱର
Saturday October 31, 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ଏକତାର ମହାନାୟକ

ଭାରତର ଇତିହାସ କେବଳ ରାଜାମହାରାଜାଙ୍କ ଶାସନ, ଯୁଦ୍ଧବିଗ୍ରହ ଓ ସାମ୍ରାଜ୍ୟର ଉତ୍ଥାନପତନର କାହାଣୀ ନୁହେଁ, ଏହା ଅସଂଖ୍ୟା ତ୍ୟାଗ, ଅସୀମ ଧୈର୍ଯ୍ୟ, ଅଟଳ ଆତ୍ମବିଶ୍ୱାସ ଏବଂ ଜାତୀୟ ଆତ୍ମାର ଅଦମ୍ୟ ଶକ୍ତିର ଏକ ଅବିସ୍ମରଣୀୟ ଗାଥା। ଏହି ଗାଥାର ଏକ ଉଜ୍ଜ୍ୱଳ ଅଧ୍ୟାୟ ହେଉଛନ୍ତି ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ। ତାଙ୍କ ନାମ ଉଚ୍ଚାରଣ କରିବାମାତ୍ରେ ଆମ ମନରେ ଭାସିଉଠେ ଏକ ଦୃଢ଼ଶକ୍ତିର ମଣିଷଙ୍କ ପ୍ରତିଛବି, ଯିଏ ଅସଂଖ୍ୟା ବାଧାବିଘ୍ନ ସତ୍ତ୍ୱେ ଭାରତର ଏକତାକୁ ନିଜ ଜୀବନର ପରମ ଲକ୍ଷ୍ୟ କରିଥିଲେ। ତାଙ୍କ ଜନ୍ମଦିନ ଅକ୍ଟୋବର ୩୧କୁ ଜାତୀୟ ଏକତା ଦିବସ ଭାବେ ପାଳନ କରିବା କେବଳ ଜଣେ ମହାନ ନେତାଙ୍କୁ ସ୍ମରଣ କରିବା ନୁହେଁ, ବରଂ ଭାରତର ଅଖଣ୍ଡତା, ଭାଇଚାରା, ସାମ୍ବିଧାନିକ ମୂଲ୍ୟବୋଧ ଓ ସାମୂହିକ ଦାୟିତ୍ୱ ପ୍ରତି ଆମର ଅଙ୍ଗୀକାରକୁ ପୁନର୍ବାର ଦୃଢ଼ କରିବାର ଏକ ମହତ୍ୱପୂର୍ଣ୍ଣ ଅବସର। ୧୮୭୫ ମସିହା ଅକ୍ଟୋବର ୩୧ରେ ଗୁଜରାଟର ନଡିଆଦରେ ଜନ୍ମଗ୍ରହଣ କରିଥିବା ପଟେଲ ସାଧାରଣ କୃଷକ ପରିବାରରୁ ନିଜ ଜୀବନଯାତ୍ରା ଆରମ୍ଭ କରିଥିଲେ। ତାଙ୍କ ପିତା ଝାଭେରଭାଇ ଓ ମାତା ଲାଡବାଇଙ୍କ ସଂସ୍କାର ତାଙ୍କ ମନରେ ପରିଶ୍ରମ, ସାହସ, ଶୃଙ୍ଖଳା ଓ କର୍ତ୍ତବ୍ୟନିଷ୍ଠାର ମୂଳଦୁଆ ପକାଇଥିଲା। ଜୀବନର ପ୍ରତ୍ୟେକ ପରୀକ୍ଷାରୁ ସେ ଧୈର୍ଯ୍ୟ ଓ ଆତ୍ମବିଶ୍ୱାସର ସହିତ ସାମ୍ନା କରିଥିଲେ। ଆଇନ ଶିକ୍ଷା ଗ୍ରହଣ କରି ସେ ଜଣେ ସଫଳ ଆଇନଜୀବୀ ଭାବେ ପ୍ରତିଷ୍ଠା ଲାଭ କରିଥିଲେ, କିନ୍ତୁ ନିଜସ୍ୱ ସଫଳତାର ସୀମାରେ ତାଙ୍କ ଜୀବନ ଅଟକି ରହିନଥିଲା। ଦେଶର ପରାଧୀନତା, ଲୋକଙ୍କ ଦୁର୍ଦ୍ଦଶା ଓ ବ୍ରିଟିଶ ଶାସନର ଅନ୍ୟାୟ ତାଙ୍କୁ ଜାତୀୟ ଆନ୍ଦୋଳନରେ ସାମିଲ ହେବାକୁ ପ୍ରେରିତ କରିଥିଲା। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ପ୍ରଭାବିତ ହୋଇ ସେ ସ୍ୱାଧୀନତା ସଂଗ୍ରାମକୁ ନିଜ ଜୀବନର ମୁଖ୍ୟ ଲକ୍ଷ୍ୟ କରିଥିଲେ। ଖେଡା ସତ୍ୟାଗ୍ରହ ଓ ବାରଡୋଲି ଆନ୍ଦୋଳନରେ ତାଙ୍କ ନେତୃତ୍ୱ ଜନସାଧାରଣଙ୍କ ମନରେ ଅସାଧାରଣ ସାହସ ସୃଷ୍ଟି କରିଥିଲା। ବିଶେଷକରି ବାରଡୋଲିର କୃଷକମାନେ ନ୍ୟାୟାସଙ୍ଗତ ଦାବି ପାଇଁ ତାଙ୍କ ଦୃଢ଼ ସଂଗ୍ରାମ ତାଙ୍କୁ 'ସର୍ଦ୍ଦାର' ଉପାଧି ଦେଇଥିଲା। ଏହା କେବଳ ଏକ ଉପାଧି ନଥିଲା, ବରଂ ଜନସାଧାରଣଙ୍କ ଆସ୍ଥା, ସ୍ନେହ ଓ ସମ୍ମାନର ପ୍ରତୀକ ଥିଲା। ସ୍ୱାଧୀନତା ଆନ୍ଦୋଳନରେ ତାଙ୍କର ଅବଦାନ ତାଙ୍କୁ ଜଣେ ଦକ୍ଷ ସଂଗଠକ, ଦୃଢ଼ ନିଷ୍ପତ୍ତିକାରୀ ଓ ଜନନେତା ଭାବେ ପ୍ରତିଷ୍ଠିତ ଭାବେ ପ୍ରତିଷ୍ଠିତ କରିଥିଲା। କିନ୍ତୁ ତାଙ୍କ ଜୀବନର ସବୁଠାରୁ ବଡ ଐତିହାସିକ ପରୀକ୍ଷା ଆସିଥିଲା ୧୯୪୭ ମସିହାରେ, ଯେତେବେଳେ ଦୀର୍ଘ ସଂଗ୍ରାମ ପରେ ଭାରତ ସ୍ୱାଧୀନତା ଲାଭ କଲା। ସ୍ୱାଧୀନତା ସହିତ ଦେଶ ବିଭାଜନର ଯନ୍ତ୍ରଣା, ସାମ୍ପ୍ରଦାୟିକ ହିଂସା, ଲକ୍ଷଲକ୍ଷ ଲୋକଙ୍କ ବିସ୍ଥାପନ ଓ ପ୍ରଶାସନିକ ଅନିଶ୍ଚିତତା ଭାରତ ସମ୍ମୁଖରେ ଭୟଙ୍କର ଆହ୍ୱାନ ସୃଷ୍ଟି କରିଥିଲା। ଏହା ସହିତ ଦେଶରେ ଶହ ଶହ ଦେଶୀୟ ରାଜ୍ୟ ଥିଲା, ଯାହାର ଶାସକମାନଙ୍କୁ ଭାରତୀୟ ସଂଘରେ ଯୋଗଦେବା ପାଇଁ ରାଜି କରାଇବା ଅତ୍ୟନ୍ତ ଜଟିଳ କାର୍ଯ୍ୟ ଥିଲା। ଯଦି ଏହି ରାଜ୍ୟଗୁଡିକ ଭିନ୍ନ ଭିନ୍ନ ଦିଗରେ ଚାଲିଯାଇଥାନ୍ତେ, ତେବେ ନବସ୍ୱାଧୀନ ଭାରତର ରାଜନୈତିକ ଏକତା, ସୁରକ୍ଷା ଓ ଆର୍ଥିକ ବିକାଶ ଗଭୀର ସଙ୍କଟରେ ପଡିପାରିଥାନ୍ତା। ଏହି ଐତିହାସିକ ସମୟରେ ଦେଶର ପ୍ରଥମ ଉପପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ଭାବେ ପଟେଲ ଅସାଧାରଣ ଦାୟିତ୍ୱ ଗ୍ରହଣ କରିଥିଲେ। ଭି.ପି.ମେନନଙ୍କ ସହଯୋଗରେ ସେ ଆଲୋଚନା, କୂଟନୀତି, ଦୃଢ଼ ନିଷ୍ପତ୍ତି ଓ ଆବଶ୍ୟକ ସ୍ଥଳରେ ରାଜନୈତିକ ପଦକ୍ଷେପ ମାଧ୍ୟମରେ ଅଧିକାଂଶ ଦେଶୀୟ ରାଜ୍ୟକୁ ଭାରତୀୟ ସଂଘର ସାମିଲ କରିବାରେ ନିର୍ଣ୍ଣାୟକ ଭୂମିକା ନେଇଥିଲେ। ଜୁନାଗଡ ଓ ହାଇଦ୍ରାବାଦ ପରି ଜଟିଳ ପ୍ରସଙ୍ଗରେ ସମାଧାନ ଏହି ଏକତା ପ୍ରକ୍ରିୟାର ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଥିଲା। ଜମ୍ମୁ ଓ କାଶ୍ମୀରର ଭାରତ ସହ ମିଶ୍ରଣର ନିଜସ୍ୱ ଐତିହାସିକ ପରିସ୍ଥିତି ଥିଲା, ତେଣୁ ସମଗ୍ର ଏକତ୍ରୀକରଣ ପ୍ରକ୍ରିୟାକୁ ଜଣେ ବ୍ୟକ୍ତିଙ୍କ କାର୍ଯ୍ୟ ବୋଲି କହିବା ଇତିହାସର ସରଳୀକରଣ ହେବ। ତଥାପି ଦେଶୀୟ ରାଜ୍ୟଗୁଡିକର ଏକତ୍ରୀକରଣରେ ପଟେଲଙ୍କ ଅବଦାନ ଭାରତୀୟ ଇତିହାସରେ ଅତୁଳନୀୟ ସ୍ଥାନ ଅଧିକାର କରିଛି। ସେ ପ୍ରମାଣ କରିଥିଲେ ଯେ ଜାତୀୟ ଏକତା କେବଳ ଭାବପ୍ରବଣ ସ୍ଲୋଗାନରେ ପ୍ରତିଷ୍ଠିତ ହୁଏନାହିଁ, ଏଥିପାଇଁ ଦୂରଦୃଷ୍ଟି, ଧୈର୍ଯ୍ୟ, ଆଲୋଚନା, ନ୍ୟାୟାବୋଧ ଓ ଦୃଢ଼ ନେତୃତ୍ୱ ଆବଶ୍ୟକ। ସେହିପରି ଦେଶର ପ୍ରଶାସନିକ ଢାଂଚାକୁ ସୁଦୃଢ଼ କରିବା ଦିଗରେ ମଧ୍ୟ ତାଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ। ଅଖିଳ ଭାରତୀୟ ପ୍ରଶାସନିକ ସେବାଗୁଡିକୁ ସେ ଦେଶର ଏକତା ଓ ପ୍ରଶାସନିକ ସ୍ଥିରତାର ଏକ ମୁଖ୍ୟ ଆଧାର ଭାବେ ଦେଖୁଥିଲେ। ତାଙ୍କ ମତରେ ଦେଶର ଶାସନ ବ୍ୟବସ୍ଥା ନିରପେକ୍ଷ, ଦକ୍ଷ ଓ ଦାୟିତ୍ୱବାନ ହେବା ଆବଶ୍ୟକ। ଏହି ଦୃଷ୍ଟିକୋଣ ଆଜି ମଧ୍ୟ ପ୍ରଶାସନିକ କ୍ଷେତ୍ରରେ ପ୍ରାସଙ୍ଗିକ। ୧୯୫୦ ମସିହା ଡିସେମ୍ବର ୧୫ରେ ତାଙ୍କର ପରଲୋକ ଘଟିଥିଲା, କିନ୍ତୁ ତାଙ୍କ ଆଦର୍ଶ ଓ ଜାତୀୟ ଏକତା ପାଇଁ ଅବଦାନ ଆଜି ମଧ୍ୟ କୋଟି କୋଟି ଭାରତୀୟଙ୍କୁ ପ୍ରେରଣା ଦେଉଛି। ୨୦୧୪ ମସିହାରୁ ଅକ୍ଟୋବର ୩୧କୁ ଜାତୀୟ ଏକତା ଦିବସ ଭାବେ ପାଳନ କରାଯାଉଛି। ଏହି ଦିନ ଦେଶବ୍ୟାପୀ ଏକତା ଦୌଡ଼, ଶପଥ ଗ୍ରହଣ, ଆଲୋଚନାଚକ୍ର ଓ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଜାତୀୟ ସଂହତିର ବାର୍ତ୍ତା ପ୍ରସାର କରାଯାଏ। ଗୁଜରାଟର କେବଡିଆଠାରେ ନର୍ମଦା ନଦୀ ନିକଟରେ ନିର୍ମିତ 'ଏକତାର ପ୍ରତିମୂର୍ତ୍ତି' ପଟେଲଙ୍କ ସ୍ମୃତିକୁ ଏକ ବିଶ୍ୱବ୍ୟାପୀ ପରିଚୟ ଦେଇଛି। ୧୮୨ ମିଟର ଉଚ୍ଚତାବିଶିଷ୍ଟ ଏହି ପ୍ରତିମୂର୍ତ୍ତି ଦୃଢ଼ ସଂକଳ୍ପ ଓ ଜାତୀୟ ଏକତାର ପ୍ରତୀକ ଭାବେ ପରିଚିତ। ତେବେ ଏକତାର ପ୍ରକୃତ ଅର୍ଥ କେବଳ ଏକ ବିଶାଳ ପ୍ରତିମୂର୍ତ୍ତି କିମ୍ବା ଆନୁଷ୍ଠାନିକ ଉତ୍ସବରେ ସୀମିତ ନୁହେଁ। ଏହାର ପ୍ରକୃତ ଅର୍ଥ ହେଉଛି ଦେଶର ପ୍ରତ୍ୟେକ ନାଗରିକଙ୍କୁ ସମ୍ମାନ, ସମାନ ସୁଯୋଗ, ନ୍ୟାୟ ଓ ସୁରକ୍ଷା ପ୍ରଦାନ କରିବା। ଭାଷା, ଧର୍ମ, ଜାତି, ଅଂଚଳ, ପୋଷାକ ଓ ଖାଦ୍ୟାଭ୍ୟାସରେ ଭିନ୍ନତା ଥାଇ ମଧ୍ୟ ଆମେ ସମସ୍ତେ ଭାରତୀୟ – ଏହି ଭାବନା ହିଁ ଜାତୀୟ ଏକତାର ମୂଳ ଆଧାର। ଭାରତର ଶକ୍ତି ଏହାର ବିବିଧତାରେ ନିହିତ। ତେଣୁ ଭିନ୍ନ ମତକୁ ଶତ୍ରୁତାର କାରଣ ନକରି ପରସ୍ପର ସମ୍ମାନ ଓ ସଂଳାପ ମାଧ୍ୟମରେ ସମାଧାନ ଖୋଜିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଆଜି ସାମାଜିକ ଗଣମାଧ୍ୟମରେ ଭ୍ରାନ୍ତ ସୂଚନା, ଘୃଣାପୂର୍ଣ୍ଣ ମନ୍ତବ୍ୟ ଓ ଅଂଚଳଭିତ୍ତିକ ବିଭେଦର ପ୍ରସାର ଜାତୀୟ ସଂହତି ପାଇଁ ନୂଆ ଆହ୍ୱାନ ସୃଷ୍ଟି କରୁଛି। ଏପରି ସମୟରେ ପ୍ରତ୍ୟେକ ନାଗରିକଙ୍କୁ ସୂଚନାର ସତ୍ୟତା ଯାଂଚ କରିବା, ଅନ୍ୟର ମତକୁ ସମ୍ମାନ ଦେବା ଏବଂ ହିଂସା କିମ୍ବା ଘୃଣାକୁ ପ୍ରୋତ୍ସାହନ ନଦେବା ଆବଶ୍ୟକ। ଏକତାର ଅର୍ଥ ସମସ୍ତେ ଗୋଟିଏ ମତ ରଖିବେ ନୁହେଁ, ବରଂ ମତଭେଦ ଥିଲେ ମଧ୍ୟ ସମ୍ବିଧାନର ସୀମା ମଧ୍ୟରେ ପରସ୍ପର ସହ ରହିବାର ସଙ୍କଳ୍ପ ହିଁ ପ୍ରକୃତ ଏକତା। ଏହି ପରିପ୍ରେକ୍ଷୀରେ ଓଡ଼ିଶା ପାଇଁ ମଧ୍ୟ ଜାତୀୟ ଏକତା ଦିବସର ଏକ ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ଭାଷାଭିତ୍ତିକ ରାଜ୍ୟ ଗଠନର ଗୌରବମୟ ଇତିହାସ ଥିବା ଓଡିଶା ଆମକୁ ଶିଖାଏ ଯେ ନିଜ ଭାଷା, ସଂସ୍କୃତି ଓ ପରିଚୟକୁ ସୁରକ୍ଷିତ ରଖି ମଧ୍ୟ ଜାତୀୟ ଏକତାକୁ ସୁଦୃଢ଼ କରାଯାଇପାରେ। ଓଡିଆ ଭାଷାର ସମ୍ମାନ, ଆଦିବାସୀ ସଂସ୍କୃତିର ସୁରକ୍ଷା, ସୀମାନ୍ତ ଅଂଚଳର ସମାବେଶୀ ବିକାଶ, ଯୁବପିଢ଼ିଙ୍କ ପାଇଁ ଶିକ୍ଷା ଓ ରୋଜଗାରର ସୁଯୋଗ ଏବଂ ସମସ୍ତ ଅଂଚଳର ସମାନ ଅଗ୍ରଗତି ଜାତୀୟ ଏକତାକୁ ଆହୁରି ମଜବୁତ କରିପାରିବ। ରାଜ୍ୟର ଗାଁଠାରୁ ସହର ପର୍ଯ୍ୟନ୍ତ ଲୋକଙ୍କ ମଧ୍ୟରେ ସହଯୋଗ, ସାମାଜିକ ସଦ୍ଭାବ ଓ ନାଗରିକ ଦାୟିତ୍ୱବୋଧ ବଢାଇବା ଆବଶ୍ୟକ। ଏକତା କେବଳ ସୀମାର ସୁରକ୍ଷାରେ ନୁହେଁ, ଏହା ଭୋକିଲା ମଣିଷକୁ ଖାଦ୍ୟ, ଅସହାୟଙ୍କୁ ସହାୟତା, ଛାତ୍ରଛାତ୍ରୀଙ୍କୁ ଶିକ୍ଷା, ମହିଳାଙ୍କୁ ସମ୍ମାନ ଓ ଦୁର୍ବଳ ବର୍ଗଙ୍କୁ ନ୍ୟାୟ ଦେବାରେ ମଧ୍ୟ ପ୍ରତିଫଳିତ ହୁଏ। ଏହି ଦିନ ଆମେ ନିଜକୁ ପ୍ରଶ୍ନ କରିବା ଉଚିତ – ଆମର କଥା, କାର୍ଯ୍ୟ ଓ ଆଚରଣ ଦେଶକୁ ଯୋଡୁଛି ନା ବିଭାଜିତ କରୁଛି ?

ଦୀପାବଳି, ବିଭିନ୍ନ ଦୀପ

ଡ଼ଃ. ଅରୁନ୍ଧତୀ ଦେବୀ

ଦୀପ ପ୍ରଜ୍ୱଳନର ଚେତନା ଆମ ସମସ୍ତଙ୍କ ଭିତରେ ଗୋଟିଏ ଶିକ୍ଷା ଦେଇଥାଏ ଏହା କେବଳ ଅନ୍ଧାରର ବିନାଶ କରିନଥାଏ ଏହା ଆମ ଆଧ୍ୟାତ୍ମିକ ଚେତନାର ପ୍ରଜ୍ୱଳନ ସହିତ ପରିବେଶ ପାଇଁ ମଧ୍ୟ ଏକ ଆନନ୍ଦଦାୟକ ସଂରଚନା ସୃଷ୍ଟି କରିଥାଏ। ପ୍ରତିଟି ହିନ୍ଦୁ ବିଶ୍ୱାସୀ ଓ ଓଡ଼ିଆ ଆଧ୍ୟାତ୍ମିକ ଭାବନାକୁ ଧରିଥିବା ଘର ହେଉ ବା ଠାକୁର ଘର ସବୁଠି ଦୀପ ଜଳାଯାଏ। ଆମ ପ୍ରତିଟି ଓଡ଼ିଆ ଘରଣୀ ସନ୍ଧ୍ୟାବେଳେ ସଞ୍ଜବତୀ ଦେବାର ପ୍ରଥା ରହିଛି। ଏହି ସଞ୍ଜଦୀପ ପ୍ରଦାନ ସମ୍ପର୍କରେ ଏକ ସଂସ୍କୃତ ମନ୍ତ୍ରର ଓଡ଼ିଆ ଭାବାର୍ଥ ହେଉଛି – 'ହେ ପ୍ରଦୀପର ଶିଖା ତୁମେ ଶୁଭମୟ, ତୁମେ କଲ୍ୟାଣକାରୀ ତୁମେ ଧନସମ୍ପଦ ଦାୟକ ଓ ତୁମେ ଆରୋଗ୍ୟକାରୀ ଆମ ଶତ୍ରୁ ମାନଙ୍କ ବୁଦ୍ଧି ବିନାଶ କରିଥାଅ। କୃତଜ୍ଞତା ପୂର୍ବକ ତୁମକୁ ଭକ୍ତି ନୈବେଦ୍ୟ ଅର୍ପଣ ପୂର୍ବକ ମଥାନତ ପ୍ରଣାମ ଜଣାଉଛୁ।'



ଦୀପ ପ୍ରାୟତଃ ଘର ହେଉ ବା ଚଉରାମୂଳ, ଦେବାଳୟ ହେଉ ବା ପୂଜାସ୍ଥଳୀ ସବୁଠି ଏହା ପ୍ରଜ୍ୱଳନ ହୋଇଥାଏ। ତେବେ କାର୍ତ୍ତିକ ମାସରେ ଦୀପାବଳି ସମୟରେ ଏହା ସ୍ୱତନ୍ତ୍ର ଓ ଅନନ୍ୟ। ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦୀପଦାନ ଅର୍ପଣ ହୋଇଥାଏ। ଦୀପ ପ୍ରଜ୍ୱଳନ ସମୟରେ ଏହାର ଶିଖା ଅପୂର୍ବ ଓ ରମଣୀୟର ପରିବେଶ ସୃଷ୍ଟି କରିଥାଏ। ଯେଉଁଠି ଦୀପ ପ୍ରଜ୍ୱଳନ ହେଉଥାଏ ସେଠି ଦେବୀଙ୍କ ଆଶୀର୍ବାଦ ମିଳିଥାଏ ସର୍ବୋପରି ପ୍ରଜ୍ୱଳିତ ଦୀପ ଶିଖା ସମସ୍ତଙ୍କୁ ଏହି ଶିକ୍ଷା ଦେଇଥାଏ ଯେ – 'ଈଶ୍ୱର ହିଁ ଏକ ମାତ୍ର ସତ୍ୟ'। ଭାରତର ବିଭିନ୍ନ ଦେବାଳୟରେ ଯେଉଁ ଦୀପ ସବୁ ପ୍ରଜ୍ୱଳନ ହୋଇଥାଏ ଏହା ବିଭିନ୍ନ ପ୍ରକାରର। ସେହି ଦୀପ ସମ୍ପର୍କରେ ଆଲୋଚନାଟି ରଖୁଛୁ।

କାର୍ତ୍ତିକ ଦୀପ : ଆମ ଓଡ଼ିଶା ବ୍ୟତୀତ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ତାମିଲନାଡୁ, କେରଳ, କର୍ଣ୍ଣାଟକ ଏପରିକି ଶ୍ରୀଲଙ୍କାରେ ରହୁଥିବା ହିନ୍ଦୁ ମାନଙ୍କ ଘରେ କାର୍ତ୍ତିକ ପୂର୍ଣ୍ଣିମ ସମୟରେ 'କାର୍ତ୍ତିକ ଦୀପ ପ୍ରଜ୍ୱଳନ ହୋଇଥାଏ। ବିଧି ଅନୁଯାୟୀ ରଙ୍ଗୋଲୀ ବା ମୁରୁଜ ଝୁଟି ପକାଯାଇ ଏହା ଉପରେ ଦୀପ ଜଳାଯାଏ।'

କୁବେର ଦୀପ : ଅର୍ଥର ଦେବତା କୁବେରଙ୍କ କୃପା ପାଇବା ପାଇଁ ସମସ୍ତଙ୍କର ଏକ ଇପ୍ସିତ ପ୍ରାର୍ଥନା ରହିଥାଏ। ତେବେ କୁବେର ଦୀପ ପ୍ରଜ୍ୱଳନ ଦ୍ୱାରା କେବଳ ଧନ ନୁହେଁ ସମୃଦ୍ଧି, ସୌଭାଗ୍ୟ ମିଳିଥାଏ। ଏହା ସହିତ ଅର୍ଥଗତ କ୍ଷେତ୍ର ପାଇଁ କୁବେରଙ୍କ କୃପା ପ୍ରାପ୍ତ ହୋଇ ଉନ୍ନତି ହେବା ସହ ଋଣମୁକ୍ତ ଜୀବନ ପାଇଁ ଏହି ଦୀପ ପ୍ରଜ୍ୱଳନ କରାଯାଏ। ଏହି ଦୀପଶିଖା ପରାକ୍ରମର ଅପୂର୍ବ ପ୍ରତୀକ ସାଜିଥାଏ। କୁବେର ଦୀପରେ ଘିଅ କିମ୍ବା ରାଶି ତେଲ ବ୍ୟବହାର ହୋଇଥାଏ।

କାମାକ୍ଷୀ ଦୀପ : ଆସାମର ପ୍ରତ୍ୟକ୍ଷ ଦେବୀ କାଉଁରୀ କାମାକ୍ଷୀଙ୍କ ଲୀଳା ସମ୍ପର୍କରେ ସମସ୍ତେ ଜାଣନ୍ତି। ମା' କାମାକ୍ଷୀଙ୍କ ପ୍ରତୀମା ଖୋଦିତ ହୋଇ ଧାତୁ ଦ୍ୱାରା ଏକ ସ୍ୱତନ୍ତ୍ର ଦୀପ ପ୍ରସ୍ତୁତ ହୋଇଥାଏ। ଏହାର ନାମ ହେଉଛି କାମାକ୍ଷୀ ଦୀପ। ଠାକୁରଘର, ଘରସଜ୍ଜା, କାର୍ଯ୍ୟାଳୟ ବା ପ୍ରତିଷ୍ଠାନ, ପୂଜାସ୍ଥଳୀରେ ଏହି ଦୀପ ପ୍ରଜ୍ୱଳନ ଦ୍ୱାରା ସମସ୍ତ ପାପର ବିନାଶ ହୋଇଥାଏ ବୋଲି ବିଶ୍ୱାସ ରହିଛି।

ଲକ୍ଷ୍ମୀ ଦୀପ : ଦେବୀ ଲକ୍ଷ୍ମୀଙ୍କ ବରପ୍ରାପ୍ତ ପାଇଁ ସମସ୍ତେ ପ୍ରାର୍ଥନା କରନ୍ତି। ତେବେ ମା'ଲକ୍ଷ୍ମୀଙ୍କ ପ୍ରତୀମା ଖୋଦିତ ହୋଇ ଏକ ଦୀପ ପ୍ରସ୍ତୁତ ହୋଇଥାଏ ଯାହାର ନାମ ହେଉଛି ଲକ୍ଷ୍ମୀ ଦୀପ। ଏହି ଦୀପ ସହିତ ଅଷ୍ଟଲକ୍ଷ୍ମୀ ଦୀପ ବି ପ୍ରଜ୍ୱଳନ କରାଯାଏ। ପୁରାଣରେ ଉଲ୍ଲେଖ ରହିଛି ଏହି ପ୍ରଦୀପ ପ୍ରଜ୍ୱଳନ ଯେଉଁ କୃପାଗୁଡ଼ିକ ପ୍ରଦାନ କରିଥାଏ ତାହା ହେଉଛି ଜ୍ଞାନ, ପ୍ରସିଦ୍ଧି, ସଫଳତା, ସନ୍ତାନ ସନ୍ତତି, ସାହସ, ଧନଧାନ୍ୟ ଏବଂ ପାର୍ଥିବ ତଥା ଐଶ୍ୱୀ ସମ୍ପଦ।

ଅଖଣ୍ଡ ଦୀପ : ଆମେ ଅନେକଙ୍କ ଘରେ ପୂଜା ପ୍ରତିଷ୍ଠାନ ବା ଦେବାଳୟରେ ଅଖଣ୍ଡ ଦୀପ ଦେଖିଥାଉ। ତେବେ ଭଗବାନ ଶ୍ରୀନିବାସ ବା ବିଷ୍ଣୁଙ୍କ ପ୍ରତୀକ ଅଖଣ୍ଡ ଦୀପ ଶୁଦ୍ଧପୂତ ଭାବେ ଅନେକଙ୍କ ବାସଗୃହରେ ପ୍ରଜ୍ୱଳନ ହୋଇଥାଏ। ଆମ ଅନେକ ଓଡ଼ିଆଙ୍କ ଘରେ ବା ମଠ ମନ୍ଦିରରେ ଏକ ଉଚ୍ଚ କାଠର ରୁଖା ଉପରେ ଅଖଣ୍ଡ ଦୀପ ଜଳାଯାଉଥିବା ଅନେକ ଦେଖିଥିବେ। ଏହି ଦୀପ ପ୍ରଜ୍ୱଳନ ଦ୍ୱାରା ଆନନ୍ଦ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି।

ଦୁର୍ଗାଦୀପ : ମା' ଦୁର୍ଗତିନାଶିନୀ ଦେବୀ ଦୁର୍ଗାଙ୍କ ଆରାଧନା ନବରାତ୍ର ସମୟରେ ସବୁଆଡୁ ନକରାତ୍ମକ ଭାବନା ଓ ଚେତନା ତଥା ଦୁଷ୍ଟ ଦୁରାତ୍ମକ ବିତାଡ଼ନ ପାଇଁ ଏହି ଦୀପ ପ୍ରଜ୍ୱଳନ ହୋଇଥାଏ। ଏହି ଦୁର୍ଗାଦୀପ ପ୍ରଜ୍ୱଳନ ସମୟରେ କାଗଜି ଲେମ୍ବୁର ବ୍ୟବହାର ହୋଇଥାଏ। ଏହି ଦୀପ ପ୍ରଜ୍ୱଳନ ଦ୍ୱାରା ପାଠ ଭଲ ହୋଇଥାଏ, ପରିବାର ଆନନ୍ଦମୟ ଓ ସମୃଦ୍ଧ, ବିବାହ, ମଙ୍ଗଳକାରକ ତଥା ସୁସ୍ଥ ଓ ନିରାମୟ ଜୀବନ ପାଇଁ କଲ୍ୟାଣ ପ୍ରଦାନ କରିଥାଏ।

ମହାଦୀପ : ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ପୁଣ୍ୟ କାର୍ତ୍ତିକ ମାସର ପୂର୍ଣ୍ଣିମାରେ ମହାଦୀପ ପ୍ରଜ୍ୱଳନର ପରମ୍ପରା ରହିଛି। ଏହି ପ୍ରକାଣ୍ଡକାୟ ଦୀପର ଉଦଭାସିତ ଉଚ୍ଚ ଆଲୋକ ବହୁତ ଦୂର ପର୍ଯ୍ୟନ୍ତ ଦେଖିବାକୁ ମିଳିଥାଏ। ଅରୁଣାଞ୍ଚଳ ପର୍ବତରେ ଏହାର ଶିଖରରେ ଥିବା ପୀଠ କ୍ଷେତ୍ରରେ ମହାଦୀପ ପ୍ରଜ୍ୱଳନ ହୋଇଥାଏ।

ବିଷ୍ଣୁ ଦୀପ : ଦକ୍ଷିଣ ଭାରତର କେତେକ ରାଜ୍ୟରେ ଭଗବାନ ବିଷ୍ଣୁ ବଳୀ ରାଜାଙ୍କୁ ପାତାଳପୁରୀକୁ ପେଷଣ କରିବା ଦିନଟିକୁ ଆଧ୍ୟାତ୍ମିକ ସ୍ମୃତିମୟ କରି ବାମନ ରୂପୀ ବିଷ୍ଣୁଙ୍କ ପୂଜାଅର୍ଚ୍ଚନା କରାଯାଇ ବିଷ୍ଣୁ ଦୀପ ପ୍ରଜ୍ୱଳନ ହେବା ସହ ଏକ ବିଧିବଦ୍ଧ ପର୍ବ ଅନୁଷ୍ଠିତ ହୋଇଥାଏ। ଏହି ବିଷ୍ଣୁ ଦୀପ ମନ୍ଦିର ଓ ବାସଗୃହକୁ ସୁସଜ୍ଜିତ କରାଯାଇଥାଏ। ଦକ୍ଷିଣ ଭାରତର ଭାଷାରେ ଏହାର ପରିଚିତ ନାମ ହେଉଛି – 'କାର୍ତ୍ତିକାୟୀ ଦୀପମ୍'।

ଶିବ ଦୀପ : ଭୋଳାଶଙ୍କର ପଶୁପତିନାଥ ଭଗବାନ ଶିବଙ୍କ କୃପାପ୍ରାପ୍ତ ନିମିତ୍ତ ପବିତ୍ର କାର୍ତ୍ତିକ ମାସରେ ତାଙ୍କରି ଉଦ୍ଦେଶ୍ୟରେ ଦୀପ ପ୍ରଜ୍ୱଳନ ହୋଇଥାଏ। ଏଥିରେ ଘିଅ ଓ ରାଶିତେଲ ବ୍ୟବହାର ହୋଇଥାଏ। ଆଶୁତୋଷ କୃପା କଲେ ସବୁ ସଙ୍କଟ ଦୂରୀଭୂତ ହେବା ସହ ଆୟୁଷ ବୃଦ୍ଧି ହୋଇଥାଏ।

ଗଙ୍ଗାଦୀପ : କାର୍ତ୍ତିକ ମାସ ବ୍ୟତୀତ ବର୍ଷର ବିଭିନ୍ନ ପର୍ବପର୍ବାଣୀ ପବିତ୍ର ଗଙ୍ଗାନଦୀରେ ଦୀପ ପ୍ରଜ୍ୱଳିତ କରାଯାଇଥାଏ। ଏହାକୁ ସମସ୍ତେ 'ଗଙ୍ଗାଦୀପ' ନାମରେ ଜାଣନ୍ତି। ନିକଟତମ ଲୋକଙ୍କ ସ୍ୱାସ୍ଥ୍ୟ ଆରୋଗ୍ୟ, ଉତ୍ତମ ସୁସ୍ଥତା ଓ ମଙ୍ଗଳ ପ୍ରାର୍ଥନା କରାଯାଇ ଏହି ଦୀପ ପ୍ରଜ୍ୱଳନ କରାଯାଏ।


ପୂଜା ଦୀପ : ପୂଜା ଦୀପ ସମ୍ପର୍କରେ ଆମେ ସମସ୍ତେ ଊଣା ଅଧିକେ ଜାଣିଛୁ। ପୂଜା ଆରାଧନା କରାଯାଉଥିବା ସ୍ଥାନରେ ଯେଉଁଠି ପୂଜା ସଂକଳ୍ପ ଅନୁଷ୍ଠିତ ହେଉଥାଏ ସେଠାରେ ଏହି ଦୀପ ପ୍ରଜ୍ୱଳିତ କରାଯାଏ। ଏହି ଦୀପର ଶିଖା ଭିତରେ ଥିବା ଆଶୀର୍ବାଦ ଜ୍ଞାନ, ଯଶ, ସମ୍ମାନ ବଢ଼ାଇବାର କୃପା ପ୍ରଦାନ କରିବା ସହ ଘରୁ ଦୁଃଖ ଓ କୋହର ଅନ୍ଧାର ଦୂରେଇ ଥାଏ। ଏହି ଦୀପ ସକରାତ୍ମକ ଭାବନା ସୃଷ୍ଟି କରିବା ସହ କାହାଙ୍କର କୁଦୃଷ୍ଟିକୁ ଦୂରେଇ ଆନନ୍ଦ ଓ ଉର୍ଜାର ଚେତନା ସୃଷ୍ଟି କରିଥାଏ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ କଟକ, ଦୂରଭାଷ : ୯୯୩୭୧୭୨୮୧୦

ଶିକ୍ଷା ଖୋଲେ ସମ୍ଭାବନାର ନୂଆ ଦ୍ୱାର

ଅଲତାଫ୍ ମିର୍

ସବୁବେଳେ ଶିକ୍ଷାର ଗୁରୁତ୍ୱ ସମ୍ବନ୍ଧରେ ପ୍ରାମାଣିକ ତଥ୍ୟ ପାଠ୍ୟପୁସ୍ତକ କିମ୍ବା ଶ୍ରେଣୀଗୃହରୁ ମିଳି ନଥାଏ । ବେଳେବେଳେ ଏମିତି କିଛି ବ୍ୟକ୍ତିବିଶେଷଙ୍କ ଜୀବନୀରୁ ଶିକ୍ଷାର ମୂଲ୍ୟବୋଧ ଜଣାପଡ଼ିଥାଏ, ଯେଉଁମାନେ ଅତି କଠିନ ପରିସ୍ଥିତିରେ ମଧ୍ୟ ନିଜକୁ ସମୟର ଦାସ ନ ଭାବି ନିଜ ଭବିଷ୍ୟତ ନିର୍ଦ୍ଧାରଣ କରିବାକୁ ସଂଘର୍ଷ କରିଥାନ୍ତି । ଖୁସବୁ ମିରଜା ହେଉଛନ୍ତି ଜଣେ ସେହିଭଳି ବ୍ୟକ୍ତିତ୍ୱ ଯାହାଙ୍କ ଜୀବନ ଯାତ୍ରା ଉତ୍ତର ପ୍ରଦେଶର ଆମୋହା ସହରରୁ ଆରମ୍ଭ ହୋଇ ଭାରତର ମହାକାଶ କାର୍ଯ୍ୟକ୍ରମରେ ଭାଗନେବା ପର୍ଯ୍ୟନ୍ତ ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ । ଯେଉଁ ପରିବାର ଝିଅମାନଙ୍କୁ ଆତ୍ମବିଶ୍ୱାସ, ଜ୍ଞାନ ଏବଂ ଉଦ୍ଦେଶ୍ୟବୋଧ ସହିତ ବଢ଼ାଇବାକୁ ଚାହାଁନ୍ତି, ସେମାନଙ୍କ ପାଇଁ ଖୁସବୁ ମିରଜାଙ୍କ କାହାଣୀ ବିଶେଷ ଭାବରେ ପ୍ରାସଙ୍ଗିକ ।



ଖୁସବୁ ଆମ୍ରୋହାର ମହଲ୍ଲା ଚାଗୋରୀରେ ବଢ଼ିଛନ୍ତି ଏବଂ ୧୯୮୫ ମସିହାରେ ତାଙ୍କ ପିତାଙ୍କର ମୃତ୍ୟୁ ହୋଇଥିଲା ଯେତେବେଳେ ତାଙ୍କୁ ମାତ୍ର ସାତ ବର୍ଷ ହୋଇଥିଲା । ତାଙ୍କ ମାଆ ଫରହାତ ମିରଜା ଦୁର୍ବଳ ଆର୍ଥିକ ପରିସ୍ଥିତିରେ ତିନି ପିଲାଙ୍କୁ ପାଳନ କରିବାକୁ ବାଧ୍ୟ ହୋଇଥିଲେ । ଏଭଳି ପରିସ୍ଥିତିରେ ପାଠପଢ଼ା ଜାରି ରଖିବା ଅନେକଙ୍କ ପାଇଁ ଅସମ୍ଭବ ହୋଇଥାଏ । କିନ୍ତୁ କୌଣସି ସହଜ ରୋଜଗାରର ପନ୍ଥା ନଥିଲେ ମଧ୍ୟ ଫରହାତ ନିଜର ଆର୍ଥିକ ଓ ପାରିବାରିକ ସମସ୍ୟାକୁ ତାଙ୍କ ପିଲାମାନଙ୍କ ପାଠପଢ଼ାରେ କଣ୍ଟା ସାଜିବାକୁ ଦେଇନଥିଲେ । ଏଥିରୁ ପ୍ରମାଣ ଯେ ଅନେକ ସମୟରେ ମହିଳା ସଶକ୍ତିକରଣ କୌଣସି କାର୍ଯ୍ୟସ୍ଥଳରେ ଯୋଗଦେବାର ବହୁ ଆଗରୁ ଆରମ୍ଭହୋଇଥାଏ । ଏହା ଘରେ ଆରମ୍ଭ ହୋଇଥାଏ ଯେତେବେଳେ ପିତାମାତା ବିଶ୍ୱାସ ରଖନ୍ତି ଯେ କଷ୍ଟକର ପରିସ୍ଥିତି ଥିଲେ ମଧ୍ୟ ଝିଅଙ୍କ ଶିକ୍ଷାରେ ନିବେଶ କରିବା ଉଚିତ । ଯଦିଓ ପରିବାର ଲୋକ ଜାଣିନଥାନ୍ତି ଯେ ଶିକ୍ଷା ଶେଷରେ ଜଣେ ପିଲାକୁ ନେଇ କେଉଁଠି ପହଞ୍ଚାଇବ, କିନ୍ତୁ ଶିକ୍ଷାରୁ ସମ୍ପୂର୍ଣ୍ଣ ବଞ୍ଚିତ କରିବା ଅର୍ଥ ପିଲା ନିଜ ଦକ୍ଷତା ବିଷୟରେ ଜାଣିବା ପୂର୍ବରୁ ସୁଯୋଗର ସବୁ ଦ୍ୱାର ବନ୍ଦ କରିଦେବା ।

ଆମ୍ରୋହାରେ ବିଦ୍ୟାଳୟ ଶିକ୍ଷା ସମ୍ପୂର୍ଣ୍ଣ କରିବା ପରେ ଖୁସବୁ ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟରେ ଇଲେକ୍‌ଟ୍ରୋନିକ୍ସ ଇଞ୍ଜିନିୟରିଂ ପଢୁଥିଲେ ଏବଂ ୨୦୦୬ ମସିହାରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ । ପରେ ସେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍‌ରୋ)ରେ ଯୋଗ ଦେଇଥିଲେ ଏବଂ ୨୦୦୮ ମସିହାରେ ଚନ୍ଦ୍ରଯାନ-୧ ମିଶନର ଏକ ମୁଖ୍ୟ ଅଂଶ ଥିଲେ । ଏକ ଛୋଟ ସହରରେ ବଢ଼ିଥିବା ଜଣେ ଝିଅ ଭାରତର ମହାକାଶ କାର୍ଯ୍ୟକ୍ରମରେ ଯୋଗଦେବା ପାରିପାର୍ଶ୍ୱିକ ପରିସ୍ଥିତିର ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ସୂଚିତ କରୁଛି ଯାହା ଅକ୍ଳାନ୍ତ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ସମ୍ଭବ ହୋଇଛି । କିନ୍ତୁ ତାଙ୍କ ଜୀବନ ଯାତ୍ରାର ଅଧିକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହା ପରବର୍ତ୍ତୀ ପିଢ଼ିକୁ କି ବାର୍ତ୍ତା ଦେଉଛି । ଯେତେବେଳେ ଜଣେ ସଫଳ ମହିଳା ନିଜ ସହରକୁ ଫେରି ଛାତ୍ରଛାତ୍ରୀମାନଙ୍କ ସହିତ କଥା ହୁଅନ୍ତି, ତାଙ୍କର ସଫଳତା କେବଳ ତାଙ୍କ ଚାକିରି ବା କ୍ୟାରିୟରରେ ସୀମିତ ନଥାଏ, ଏହାର ମହତ୍ତ୍ୱ ତାଠାରୁ ଅଧିକ । ଶ୍ରେଣୀଗୃହରେ ବସିଥିବା ଝିଅ ପାଇଁ, ଜଣେ ମହିଳା ବୈଜ୍ଞାନିକଙ୍କ ଉପସ୍ଥିତି ଅସମ୍ଭବ ମନେ ହେଉଥିବା କାର୍ଯ୍ୟକୁ ବାସ୍ତବିକ ରୂପ ଦେବାର ସମ୍ଭାବନା ସୃଷ୍ଟି କରିଥାଏ ।ଶିକ୍ଷାର ଗୁରୁତ୍ୱ ନିଯୁକ୍ତି ଠାରୁ ମଧ୍ୟ ବହୁ ଉର୍ଦ୍ଧ୍ୱରେ । ଜଣେ ଭଲ ଶିକ୍ଷିତ ବ୍ୟକ୍ତି ନିଜ ଚତୁଃପାର୍ଶ୍ୱର ପରିସ୍ଥିତିକୁ ବୁଝିବା, ଅବିଶ୍ୱସନୀୟ ତଥ୍ୟ ସମ୍ବନ୍ଧରେ ପ୍ରଶ୍ନ କରିବା ଏବଂ ପ୍ରକୃତ ଜ୍ଞାନ ଏବଂ ଭାବନାତ୍ମକ ଦାବି ମଧ୍ୟରେ ପାର୍ଥକ୍ୟ ଚିହ୍ନଟ କରିବାରେ ଅଧିକ ସକ୍ଷମ ହୋଇଥାନ୍ତି । ଆଜିର ସୋସିଆଲ୍ ମିଡିଆ ଯୁଗରେ ଏହି ପାର୍ଥକ୍ୟକୁ ବୁଝିବା ଅତ୍ୟନ୍ତ ଆବଶ୍ୟକ । ଆଜିର ଯୁବକମାନେ ଶିକ୍ଷା ଓ ଗଠନମୂଳକ ତଥ୍ୟ ବ୍ୟତୀତ ସୋସିଆଲ୍ ମିଡିଆରେ ଭୁଲ୍ ତଥ୍ୟ, ଷଡ଼ଯନ୍ତ୍ର ସମ୍ବନ୍ଧୀୟ ଧାରଣା, ସାମ୍ପ୍ରଦାୟିକ ଉତ୍ତ ?ଜନା ଏବଂ ଉଗ୍ରତା କିମ୍ବା ହିଂସାକୁ ପ୍ରୋତ୍ସାହନ ଦେଉଥିବା ବିଷୟବସ୍ତୁଗୁଡ଼ିକ ମଧ୍ୟ ପାଇଥାନ୍ତି । ଏଥିପାଇଁ ଅନେକ ସମୟରେ ଯୁବକମାନେ ନିରାଶା, ଅସୁରକ୍ଷିତତା କିମ୍ବା ଏକୁଟିଆପଣ ଅନୁଭବ କରିଥାନ୍ତି । କେବଳ ଯୁବକମାନଙ୍କୁ କ'ଣ ନ ଦେଖିବା ଉଚିତ, ତାହା ଜଣାଇବା ପର୍ଯ୍ୟାପ୍ତ ନୁହେଁ ଓ ସେମାନଙ୍କୁ ତଥ୍ୟକୁ ସ୍ୱାଧୀନ ଭାବରେ ଯାଞ୍ଚ କରିବା ପାଇଁ ଶିକ୍ଷା, ଆତ୍ମବିଶ୍ୱାସ ଏବଂ ସମାଲୋଚନାତ୍ମକ ଚିନ୍ତାଧାରାର ଦକ୍ଷତା ଆବଶ୍ୟକ । ଏଠାରେ ମହିଳାଙ୍କ ଶିକ୍ଷା ସାମାଜିକ ଦାୟିତ୍ୱର ଏକ ମୁଖ୍ୟ ଅଂଶ । ଜଣେ ଶିକ୍ଷିତ ମହିଳା ବୃତ୍ତିଗତ ଭାବରେ ଯୋଗଦାନ କରିଲେ ମଧ୍ୟ ତାଙ୍କ ପ୍ରଭାବ କେବଳ ତାଙ୍କ କାର୍ଯ୍ୟସ୍ଥଳରେ ସୀମିତ ରହେ ନାହିଁ । ସେ ପରିବାରର ପିଲାମାନଙ୍କୁ ଅଧ୍ୟୟନ ପାଇଁ ପ୍ରୋତ୍ସାହିତ କରନ୍ତି, ସେମାନଙ୍କୁ ଡିଜିଟାଲ୍ ଯୁଗରେ ଆଗକୁ ବଢ଼ିବାରେ, ସାମାଜିକ ଜୀବନରେ ଅଂଶଗ୍ରହଣ କରିବାରେ ସାହାଯ୍ୟ କରନ୍ତି ଏବଂ ଜଟିଳ ପ୍ରଶ୍ନଗୁଡ଼ିକ ଉପରେ ଯୁକ୍ତିଯୁକ୍ତ ପ୍ରତିକ୍ରିୟାକୁ ପ୍ରୋତ୍ସାହିତ କରନ୍ତି । ତେଣୁ ତାଙ୍କ ପ୍ରଭାବ ପିଢ଼ି ପରେ ପିଢ଼ି ପର୍ଯ୍ୟନ୍ତ ରହିଥାଏ

ଖୁସବୁଙ୍କ କାହାଣୀ ପ୍ରମାଣ କରେ ଯେ ସଶକ୍ତିକରଣର ଅର୍ଥ ନିଜ ପରିବାର କିମ୍ବା ସାଂସ୍କୃତିକ ପରିଚୟକୁ ପରିତ୍ୟାଗ କରିବା ନୁହେଁ। ଶିକ୍ଷା ଜଣେ ବ୍ୟକ୍ତିର କ୍ଷମତାକୁ ସୁଦୃଢ଼ କରିଥାଏ ଯେପରି ସେ ଉଭୟ ସାମାଜିକ ଏବଂ ଜାତୀୟ ଜୀବନରେ ଆତ୍ମବିଶ୍ୱାସ ସହିତ ଅଂଶଗ୍ରହଣ କରିପାରିବେ। ଜଣେ ଯୁବ ମୁସଲିମ୍ ମହିଳା ନିଜ ଧର୍ମ ଏବଂ ପରମ୍ପରା ସହିତ ଗଭୀର ଭାବରେ ସଂଯୁକ୍ତ ରହି ଇଞ୍ଜିନିୟର, ବୈଜ୍ଞାନିକ, ଶିକ୍ଷକ, ଉଦ୍‌ଯୋଗୀ, ଡାକ୍ତର କିମ୍ବା ସିଭିଲ୍ ସର୍ଭାଣ୍ଟ ଭାବରେ ଉତ୍କର୍ଷ ହୋଇପାରିବେ । ପିତାମାତା ମଧ୍ୟ ଏ କଥା ବୁଝିବା ଦରକାର ଯେ ପ୍ରତ୍ୟେକ ପିଲା ବୈଜ୍ଞାନିକ ହେବେ ନାହିଁ, କି ଶିକ୍ଷାଗତ ସଫଳତା ମାପିବା ପାଇଁ ଏହା ଏକମାତ୍ର ମାନଦଣ୍ଡ ନୁହେଁ। ପ୍ରକୃତ ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କୁ ସେମାନଙ୍କର ଦକ୍ଷତା ବିଷୟରେ ଜାଣିବା ଏବଂ ତାକୁ ଦାୟିତ୍ୱ ସହକାରେ ବ୍ୟବ ?ହାର କରିବା ପାଇଁ ଆବଶ୍ୟକୀୟ ଜ୍ଞାନ, ଶୃଙ୍ଖଳା ଏବଂ ଆତ୍ମବିଶ୍ୱାସ ବିକାଶ କରିବାରେ ସାହାଯ୍ୟ କରିବା ।

ଖୁସବୁ ମିରଜାଙ୍କ ଜୀବନ ଯାତ୍ରା କେବଳ ମହାକାଶ ଗବେଷଣା ସଂସ୍ଥା ସହ ଯୋଡ଼ି ହେବାର ଏକ କାହାଣୀ ନୁହେଁ; ବରଂ ପ୍ରତିକୂଳ ପରିସ୍ଥିତିକୁ ନିଜ ଭାଗ୍ୟ ନିର୍ଦ୍ଧାରଣ କରିବାକୁ ନ ଦେବାର ଏକ ଦୃଷ୍ଟାନ୍ତ ଯାହା ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣାର ଉତ୍ସ । ଖୁସବୁ ମିରଜାଙ୍କ ଏହି ଯାତ୍ରା ଆରମ୍ଭହୋଇଥିଲା ତାଙ୍କ ମାଆଙ୍କଠାରୁ ଯିଏ କଷ୍ଟକର ପରିସ୍ଥିତି ସତ୍ତ୍ୱେ ନିଜ ପିଲାମାନଙ୍କ ଶିକ୍ଷା ଜାରି ରଖିଥିଲେ । ଏହି ଯାତ୍ରା ଶିକ୍ଷାଗତ ସୁଯୋଗ ଏବଂ ଅଦମ୍ୟ ଇଚ୍ଛାଶକ୍ତି ଦ୍ୱାରା ଆଗକୁ ବଢ଼ିଥିଲା ଏବଂ ଶେଷରେ ଅନ୍ୟ ଯୁବକମାନଙ୍କ ପାଇଁ ଏକ ଉଦାହରଣରେ ପରିଣତ ହୋଇଥିଲା।

ମୁସଲିମ୍ ପରିବାର ଝିଅମାନଙ୍କୁ ପଢ଼ିବାର ସୁଯୋଗ ଦିଅନ୍ତୁ, ସେମାନଙ୍କୁ ପ୍ରଶ୍ନ ପଚାରିବା ପାଇଁ ପ୍ରୋତ୍ସାହିତ କରନ୍ତୁ, ସେମାନଙ୍କୁ ବୃତ୍ତିଗତ କୌଶଳ ଏବଂ ସମାଲୋଚନାତ୍ମକ ଚିନ୍ତାଧାରାର ବିକାଶ କରିବାରେ ସାହାଯ୍ୟ କରନ୍ତୁ, ସେମାନଙ୍କୁ ସମାଜ ଏବଂ ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିବା ମହିଳାମାନଙ୍କର ଉଦାହରଣ ଦିଅନ୍ତୁ । ପ୍ରତ୍ୟେକ ପିଲା ଚନ୍ଦ୍ର ପୃଷ୍ଠରେ ପହଞ୍ଚିବ ନାହିଁ ଓ କିନ୍ତୁ ଶିକ୍ଷା ପ୍ରତ୍ୟେକ ପିଲାକୁ ତାର ସ୍ଥାନୀୟ ପରିସ୍ଥିତିକୁ ସାମ୍ନାକରି ଉର୍ଦ୍ଧ୍ୱକୁ ଉଠିବାରେ ସାହାଯ୍ୟ କରିବ । ଯୁବପିଢ଼ି ନିଜ ଭବିଷ୍ୟତକୁ କିପରି ଦେଖୁଛନ୍ତି, ସେହି ଦୃଷ୍ଟିକୋଣର ପରିବର୍ତ୍ତନରୁ ହିଁ ପ୍ରକୃତ ସଶକ୍ତିକରଣର ଆରମ୍ଭ ହୁଏ ।



ନୌସେନାର ଶକ୍ତି ବଢ଼ାଇବ ଭାରତ
୪୦ ହଜାର କୋଟିରେ ନିର୍ମାଣ ହେବ ୮ ଅତ୍ୟାଧୁନିକ ଯୁଦ୍ଧଜାହାଜ

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): ଭାରତୀୟ ନୌସେନାର ସାମରିକ ଶକ୍ତି ବଢ଼ାଇବା ସହ ସମୁଦ୍ର ସୀମାର ସୁରକ୍ଷାକୁ ଅଧିକ ମଜବୁତ କରିବା ଲାଗି କେନ୍ଦ୍ର ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ୪୦ ହଜାର କୋଟି ଟଙ୍କାରୁ ଅଧିକ ବ୍ୟୟରେ ୮ଟି ଅତ୍ୟାଧୁନିକ ଯୁଦ୍ଧଜାହାଜ ନିର୍ମାଣ ପ୍ରସ୍ତାବକୁ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ କମିଟି ମଞ୍ଜୁରି ଦେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗତ ବୁଧବାର ଏହି ନିଷ୍ପତ୍ତି ହୋଇଛି।ଏହି ୮ଟି ଯୁଦ୍ଧଜାହାଜ ମଧ୍ୟରୁ ୫ଟି କୋଲକାତାସ୍ଥିତ ଗାର୍ଡେନ୍ ରିଚ୍ ଜାହାଜ ନିର୍ମାଣ ସଂସ୍ଥା ଓ ୩ଟି ଗୋଆ ଜାହାଜ ନିର୍ମାଣ ସଂସ୍ଥା ତିଆରି କରିବ। ଆସନ୍ତା କିଛି ଦିନ ମଧ୍ୟରେ ଏଥିପାଇଁ ଚୁକ୍ତି ସ୍ୱାକ୍ଷର ହେବାର ଆଶା ରହିଛି। ପ୍ରତ୍ୟେକ ଯୁଦ୍ଧଜାହାଜର ଓଜନ ପ୍ରାୟ ୨ ହଜାର ଟନ୍ ହେବ। ଏଗୁଡ଼ିକ ଘଣ୍ଟାପ୍ରତି ପ୍ରାୟ ୫୫ କିଲୋମିଟର ବେଗରେ ଗତି କରିପାରିବ। ଶତ୍ରୁପକ୍ଷର ରାଡାର୍‌ରେ ସହଜରେ ଧରା ନପଡ଼ିବା ଭଳି ସ୍ୱତନ୍ତ୍ର ଢାଞ୍ଚାରେ ଏହା ନିର୍ମାଣ ହେବ। ଶତ୍ରୁ ଯୁଦ୍ଧଜାହାଜ, ବୁଡ଼ାଜାହାଜ ଓ ଆକାଶମାର୍ଗରୁ ଆସୁଥିବା ଆକ୍ରମଣର ମୁକାବିଲା କରିବାରେ ଏହା ସକ୍ଷମ ହେବ। ଏଥିସହ ସମୁଦ୍ରରେ ନଜର ରଖିବା, ଉପକୂଳ ସୁରକ୍ଷା ଓ ଉଦ୍ଧାର କାର୍ଯ୍ୟରେ ମଧ୍ୟ ଏହା ସହାୟକ ହେବ।ଏହି ଯୁଦ୍ଧଜାହାଜ ନିର୍ମାଣରେ ୭୦ ପ୍ରତିଶତରୁ ଅଧିକ ସ୍ୱଦେଶୀ ସାମଗ୍ରୀ



ବ୍ୟବହାର ହେବ। ଫଳରେ ଦେଶର ଜାହାଜ ନିର୍ମାଣ ଶିଳ୍ପ ସହ ହଜାର ହଜାର ଲୋକଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି ହେବ। ୨୦୩୦ ସୁଦ୍ଧା ପ୍ରଥମ ଯୁଦ୍ଧଜାହାଜ ନୌସେନାକୁ ହସ୍ତାନ୍ତର କରିବାର ଲକ୍ଷ୍ୟ ରଖାଯାଇଛି। ଏହି ପଦକ୍ଷେପ ଭାରତ ମହାସାଗର ଅଞ୍ଚଳରେ ଭାରତର ପ୍ରତିରକ୍ଷା କ୍ଷମତାକୁ ଆହୁରି ମଜବୁତ କରିବ।

ଲିଭ୍-ଇନ୍ ସମ୍ପର୍କକୁ ନେଇ ସୁପ୍ରିମକୋର୍ଟଙ୍କ କଡ଼ା ଟିପ୍ପଣୀ
ସମ୍ପର୍କ ଭାଙ୍ଗିବାକୁ ଧୋକା କିମ୍ବା ଠକେଇ କୁହାଯାଇପାରିବ ନାହିଁ

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ବି.ଭି. ନାଗରତ୍ନା ଓ ଜଷ୍ଟିସ୍ ଆର୍. ମହାଦେବନଙ୍କ ଖଣ୍ଡପୀଠ ଏକ ମାମଲାର ଶୁଣାଣି ସମୟରେ ଏହି ଟିପ୍ପଣୀ ଦେଇଛନ୍ତି। ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିଥିବା ଅଭିଯୋଗ ସହ ଜଡ଼ିତ ଏହି ମାମଲାରେ କୋର୍ଟ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଛନ୍ତି।କୋର୍ଟ କହିଛନ୍ତି, ଦୁଇଜଣ ପ୍ରାପ୍ତ ବୟସ୍କ ବ୍ୟକ୍ତି ନିଜ ଇଚ୍ଛା ଓ ସହମତିରେ ପ୍ରେମ ସମ୍ପର୍କରେ ରହିଥିଲେ ଏବଂ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ, ତେବେ ପରବର୍ତ୍ତୀ ସମୟରେ ସମ୍ପର୍କ ଭାଙ୍ଗିଯିବା ମାତ୍ରେ ତାହାକୁ ଦୁଷ୍କର୍ମର ରୂପ ଦିଆଯାଇପାରିବ ନାହିଁ। ଏଭଳି ମାମଲାରେ ଆପରାଧିକ ଆଇନର ବ୍ୟବହାରକୁ ନେଇ କୋର୍ଟ ଚିନ୍ତା ପ୍ରକାଶ କରିଛନ୍ତି।ବିବାହର ମିଛ ପ୍ରତିଶ୍ରୁତି ଦେଇଥିଲେ କଥା ଅଲଗା: ତେବେ ସୁପ୍ରିମକୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ସବୁ କ୍ଷେତ୍ରରେ ଏହି ନିୟମ ଲାଗୁ ହେବ ନାହିଁ। ଯଦି କୌଣସି ବ୍ୟକ୍ତି ଆରମ୍ଭରୁ ହିଁ ବିବାହ କରିବାର ମିଛ ପ୍ରତିଶ୍ରୁତି ଦେଇ ଅନ୍ୟ ଜଣଙ୍କ ସହମତି ହାସଲ କରିଥାନ୍ତି, ତେବେ ସେହି ମାମଲାର ଆଇନଗତ ଦିଗ ଭିନ୍ନ ହୋଇପାରେ।ଅର୍ଥାତ୍, ଆରମ୍ଭରୁ ହିଁ ବିବାହ କରିବାର ଉଦ୍ଦେଶ୍ୟ ନଥାଇ ମିଛ ପ୍ରତିଶ୍ରୁତି



ଦେବା ଏବଂ ପରେ କୌଣସି କାରଣରୁ ସମ୍ପର୍କ ଭାଙ୍ଗିଯିବା ଦୁଇଟି ଭିନ୍ନ ସ୍ଥିତି। ଏହି ଦୁଇଟି ମଧ୍ୟରେ ପାର୍ଥକ୍ୟ ବୁଝିବା ଜରୁରୀ ବୋଲି କୋର୍ଟଙ୍କ ଟିପ୍ପଣୀରୁ ସ୍ପଷ୍ଟ ହୋଇଛି।ସମ୍ପର୍କ ଭାଙ୍ଗିବାର ଅଧିକାର ମଧ୍ୟ ରହିଛି: କୋର୍ଟ ଆହୁରି କହିଛନ୍ତି, ଯଦି କେହି ଏହି ଭୟରେ ସମ୍ପର୍କ ଜାରି ରଖିବାକୁ ବାଧ୍ୟ ହୁଏ ଯେ, ଅଲଗା ହେଲେ ତାଙ୍କ ବିରୋଧରେ ଦୁଷ୍କର୍ମ ମାମଲା ହୋଇପାରେ, ତେବେ ଏହା ବ୍ୟକ୍ତିର ନିଜ ଇଚ୍ଛାରେ ନିଷ୍ପତ୍ତି ନେବାର ସ୍ୱାଧୀନତାକୁ ପ୍ରଭାବିତ କରିବ।ଜଣେ ବ୍ୟକ୍ତିଙ୍କର ସମ୍ପର୍କରୁ ବାହାରି ଆସିବାର ଅଧିକାର ନାହିଁ କି? କେବଳ ସମ୍ପର୍କ ଶେଷ କରିବାର ନିଷ୍ପତ୍ତିକୁ ଧୋକା କିମ୍ବା ଠକେଇ ବୋଲି କୁହାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ ମତ ଦେଇଛନ୍ତି।ଦୁଷ୍କର୍ମ ମାମଲାର ଗମ୍ଭୀରତା କମ୍ ନୁହେଁ: ଅନ୍ୟପଟେ, ସୁପ୍ରିମକୋର୍ଟ ଏହା ମଧ୍ୟ କହିଛନ୍ତି ଯେ ଦୁଷ୍କର୍ମ ଏକ ଅତ୍ୟନ୍ତ ଗମ୍ଭୀର ଅପରାଧ। ଯେଉଁଠି ଯୌନ ହିଂସା, ଚାପ କିମ୍ବା ସହମତି ହାସଲ କରିବାରେ ଠକେଇର ସ୍ପଷ୍ଟ ପ୍ରମାଣ ରହିଛି, ସେଠାରେ ଆଇନ ଅନୁଯାୟୀ ଗମ୍ଭୀରତାର ସହ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ।ଅନେକ ସମୟରେ ସାମାଜିକ ବଦନାମର ଭୟରେ ପୀଡ଼ିତାମାନେ ଯୌନ ହିଂସାର ଘଟଣା ସାମ୍ନାକୁ ଆଣିପାରନ୍ତି ନାହିଁ। ତେଣୁ ପ୍ରକୃତ ଅପରାଧ ଘଟିଥିବା ମାମଲାକୁ ଅଣଦେଖା କରାଯିବା ଉଚିତ୍ ନୁହେଁ ବୋଲି କୋର୍ଟ ଗୁରୁତ୍ୱ ଦେଇଛନ୍ତି।

ଧନୀଙ୍କ ଆୟ ଗରିବଙ୍କଠାରୁ ୧୩ ଗୁଣ ଅଧିକ

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): ଭାରତରେ ଦାରିଦ୍ର୍ୟ ହାର ଗତ ୧୨ ବର୍ଷରେ ବହୁତ କମିଛି। ୨୦୧୧ରେ ଦେଶର ଉତ୍କଟ ଦାରିଦ୍ର୍ୟ ହାର ୨୭.୧% ଥିବାବେଳେ ୨୦୨୩ରେ ଏହା ୨.୬%କୁ ଖସିଛି। ଏହି ସମୟ ମଧ୍ୟରେ ପ୍ରାୟ ୪୯.୬ କୋଟି ଲୋକ ଦାରଦ୍ର୍ୟ ସୀମା ରେଖା ଉପରକୁ ଉଠିଛନ୍ତି। ବିଶ୍ୱବ୍ୟାଙ୍କର ନୂଆ ରିପୋର୍ଟରେ ଏହି ତଥ୍ୟ ଦିଆଯାଇଛି।ରିପୋର୍ଟ ଅନୁସାରେ, ଦୈନିକ ୩ ଡଲାରରୁ କମ୍ ଆୟ କରୁଥିବା ଲୋକଙ୍କୁ ଅତି ଗରିବ ଭାବେ ଗଣନା କରାଯାଇଛି। ସେହିପରି ଦୈନିକ ୪.୨୦ ଡଲାରରୁ କମ୍ ଆୟ କରୁଥିବା ଲୋକଙ୍କ ହାର ମଧ୍ୟ ୨୦୧୧ରେ ୫୭.୭% ଥିବାବେଳେ ୨୦୨୩ରେ ୧୬.୧%କୁ ଖସିଛି। ଲୋକଙ୍କ ଖର୍ଚ୍ଚ କରିବା କ୍ଷମତା ବଢ଼ିବା, ନିଯୁକ୍ତି ସୁଯୋଗ ବୃଦ୍ଧି ଓ ସରକାରୀ ସହାୟତା ଯୋଜନା ଯୋଗୁଁ ଦାରିଦ୍ର୍ୟ କମିଛି।ତେବେ ଦେଶରେ ଧନୀ ଓ ଗରିବଙ୍କ ଆୟ ମଧ୍ୟରେ ବଡ଼ ତାରତମ୍ୟ ରହିଛି। ବିଶ୍ୱବ୍ୟାଙ୍କ କହିଛି, ୨୦୨୩ରେ ସବୁଠାରୁ ଅଧିକ ଆୟ କରୁଥିବା ଶ୍ରମିକଙ୍କ ଶୀର୍ଷ ୧୦% ବର୍ଗର ମଧ୍ୟମ ଆୟ, ସବୁଠାରୁ କମ୍ ଆୟ କରୁଥିବା ତଳ ୧୦% ବର୍ଗଠାରୁ ୧୩ ଗୁଣ ଅଧିକ। ଅର୍ଥାତ୍ ଦେଶରେ ରୋଜଗାର କ୍ଷେତ୍ରରେ ବଡ ଧରଣର ଅସମାନତା ରହିଛି।୨୦୧୭ରୁ ୨୦୨୩ ମଧ୍ୟରେ ଦେଶରେ ପ୍ରାୟ ୧୩.୪ କୋଟି ଲୋକ ନିଯୁକ୍ତି ପାଇଛନ୍ତି। ଏଥିରେ ଗ୍ରାମାଞ୍ଚଳର ମହିଳାଙ୍କ ଭାଗ ଅଧିକ ରହିଛି। କିନ୍ତୁ ନିଯୁକ୍ତି ବଢ଼ିବା ଅନୁସାରେ ଲୋକଙ୍କ ମଜୁରି ବଢ଼ିନାହିଁ। ଅନେକ ଲୋକ କମ୍ ଆୟ ହେଉଥିବା କାମରେ ନିୟୋଜିତ ଅଛନ୍ତି। ଯୁବବର୍ଗଙ୍କ ବେକାରି ମଧ୍ୟ ଏକ ବଡ଼ ସମସ୍ୟା ହୋଇ ରହିଛି।ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ହାର ସହର ତୁଳନାରେ ଅଧିକ ରହିଛି। ୨୦୨୩ରେ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ହାର ୧୯.୩% ଥିବାବେଳେ ସହରାଞ୍ଚଳରେ ଏହା ୮.୬% ରହିଛି। ଉତ୍ତରପ୍ରଦେଶରୁ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ଥିବା ରାଜ୍ୟଗୁଡ଼ିକରେ ଦେଶର ପ୍ରାୟ ୫୭% ଗରିବ ଲୋକ ରହୁଛନ୍ତି। ତେଣୁ ଦାରିଦ୍ର୍ୟ ଆହୁରି କମାଇବା ପାଇଁ ଭଲ ନିଯୁକ୍ତି ସୁଯୋଗ ଓ ଶ୍ରମିକଙ୍କ ମଜୁରି ବୃଦ୍ଧି ଉପରେ ଗୁରୁତ୍ୱ ଦେବାକୁ ବିଶ୍ୱବ୍ୟାଙ୍କ କହିଛି।

ମହାଯୁତି ମେଣ୍ଟରେ ଫାଟ !

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): ମହାରାଷ୍ଟ୍ରରେ ବିଧାନ ପରିଷଦ ନିର୍ବାଚନରେ ପରାଜୟ ପରେ ଶାସକ ମହାଯୁତି ମେଣ୍ଟରେ ଫାଟ ସୃଷ୍ଟି ହୋଇଛି। ବିଜେପି ଓ ଶିବସେନା ନେତାଙ୍କ ମଧ୍ୟରେ ଆରମ୍ଭ ହୋଇଛି ବାକ୍ୟୁଦ୍ଧ। ଏହି ବିବାଦ ଏବେ ମେଣ୍ଟର ଏକତା ଉପରେ ପ୍ରଶ୍ନ ଉଠାଇଛି।ଶିବସେନା ନେତା ନିଲେଶ ରାଣେ ବିଜେପି ମୁଖପାତ୍ର ନବନାଥ ବନ୍‌ଙ୍କୁ କଡ଼ା ଶବ୍ଦରେ ଜବାବ ଦେଇଛନ୍ତି। ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ସମାଲୋଚନା କରିବା ପୂର୍ବରୁ ନିଜ ସୀମା ମଧ୍ୟରେ ରହିବାକୁ ସେ ବନ୍‌ଙ୍କୁ ଚେତାବନୀ ଦେଇଛନ୍ତି। ସିନ୍ଦେଙ୍କ ବିଷୟରେ କଥା ହେବାବେଳେ ନିଜ ମର୍ଯ୍ୟାଦା ରଖିବା ଉଚିତ ବୋଲି ସେ କହିଛନ୍ତି। ବିଧାନ ପରିଷଦର ୫ଟି ଆସନ ପାଇଁ ଅକ୍ଟୋବର ୨୩ରେ ଭୋଟ୍ ହୋଇଥିଲା। ୨୮ ତାରିଖରେ ଫଳ ପ୍ରକାଶ ପାଇଥିଲା। ବିରୋଧୀ ମହାବିକାଶ ଆଘାଡ଼ି ୩ଟି ଆସନ ଜିତିଥିବାବେଳେ ମହାଯୁତିକୁ ମିଳିଥିଲା ମାତ୍ର ୨ଟି ଆସନ।ବିଜେପି ନେତା ନବନାଥ ବନ୍‌ଙ୍କ ଅଭିଯୋଗ ଥିଲା, ଶିବସେନାର ସହଯୋଗ ମିଳିଥିଲେ ମେଣ୍ଟ ସମସ୍ତ ୫ଟି ଆସନ ଜିତିପାରିଥାନ୍ତା। ଏହାକୁ ନେଇ ଦୁଇ ଦଳ ମଧ୍ୟରେ ବିବାଦ ବଢ଼ିଛି। ଅନ୍ୟପଟେ ବିଜେପି ନେତା ତଥା ମନ୍ତ୍ରୀ ନିତେଶ ରାଣେ ମଧ୍ୟ ମେଣ୍ଟ ଭିତରେ କିଛି 'ଶକୁନି ମାମା' ଅଛନ୍ତି କି ନାହିଁ, ତାହା ଯାଞ୍ଚ ହେବା ଦରକାର ବୋଲି କହିଥିଲେ। ନିର୍ବାଚନ ପରାଜୟ ପରେ ସହଯୋଗୀ ଦଳଙ୍କ ମଧ୍ୟରେ ଏଭଳି ଖୋଲାଖୋଲି ମତଭେଦ ମହାରାଷ୍ଟ୍ର ରାଜନୀତିକୁ ସରଗରମ କରିଛି।

ୟୁପିରେ ପୁଣି ବିଜେପି ସରକାର ଗଢ଼, ୟୁସିସି ଲାଗୁ କରିବୁ

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): ଉତ୍ତରପ୍ରଦେଶ ନିର୍ବାଚନ ପୂର୍ବରୁ UCCକୁ ନେଇ ବଡ଼ ବୟାନ ଦେଲେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ୟୁପିରେ ତୃତୀୟ ଥର ବିଜେପି ସରକାର ଗଢ଼ିବାକୁ ସୁଯୋଗ ଦିଅନ୍ତୁ, ଏଠାରେ ମଧ୍ୟ ସମାନ ନାଗରିକ ସଂହିତା (UCC) ଲାଗୁ କରାଯିବ ବୋଲି କହିଛନ୍ତି ଶାହ।ଲକ୍ଷ୍ନୌରେ ବିଜେପି କାର୍ଯ୍ୟସମିତି ବୈଠକରେ ଯୋଗଦେଇ ଶାହ କହିଛନ୍ତି, ଦେଶର ଅନେକ ରାଜ୍ୟରେ ଟଉଉ ଲାଗୁ ହୋଇସାରିଛି। ଉତ୍ତରପ୍ରଦେଶରେ ମଧ୍ୟ ଏହା ଲାଗୁ କରିବାକୁ ବିଜେପି ପ୍ରତିଶ୍ରୁତିବଦ୍ଧ।ଅନ୍ୟପଟେ ଅମିତ ଶାହଙ୍କ ବୟାନକୁ ନେଇ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କୁ ପ୍ରଶ୍ନ କରାଯିବାରୁ ସେ କଟାକ୍ଷ କରି କହିଛନ୍ତି, 'ବହୁତ ଡେରି କରିଦେଲେ ମେହେରବାନ୍ ଆସୁ ଆସୁ।'ସେପଟେ ଉତ୍ତରପ୍ରଦେଶରେ ବିଜେପିକୁ କେହି ହଲାଇ ପାରିବେନି ବୋଲି ଦୃଢ଼ୋକ୍ତି କରିଛନ୍ତି ଶାହ। ଦଳର କର୍ମୀଙ୍କୁ ଏକଜୁଟ୍ ହୋଇ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେବା ସହ ପ୍ରଚଣ୍ଡ ବହୁମତରେ ପୁଣି ସରକାର ଗଢ଼ିବାକୁ ଦାବି କରିଛନ୍ତି।ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଶାସନକୁ ପ୍ରଶଂସା କରି ଶାହ



କହିଛନ୍ତି, କଠୋର ଶାସନ ଯୋଗୁଁ ଉତ୍ତରପ୍ରଦେଶ ମାଫିଆମୁକ୍ତ ହୋଇଛି। ଅନ୍ୟପଟେ ଅଖିଳେଶ ଯାଦବଙ୍କୁ ଟାର୍ଗେଟ୍ କରି ଆଗାମୀ ୩୦ ବର୍ଷ ଯାଏଁ ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟିର ସରକାର ହେବନାହିଁ ବୋଲି କହିଛନ୍ତି ଶାହ। ନିଜ ରାଜନୈତିକ ଯାତ୍ରାର ଉଦାହରଣ ଦେଇ ଶାହ କହିଛନ୍ତି, ୨୦୧୪ରେ ଉତ୍ତରପ୍ରଦେଶରେ ବିଜେପି ୪୧ ପ୍ରତିଶତ ଭୋଟ୍ ସହ ୭୩ଟି ଆସନ ଜିତିଥିଲା। ୨୦୧୭ରେ ୪୦ ପ୍ରତିଶତ ଭୋଟ୍ ସହ ୩୧୨ଟି ଆସନ ହାସଲ କରିଥିଲା ବୋଲି ସେ କହିଛନ୍ତି।

ଦୁଲାରଚାନ୍ଦ ଯାଦବ ହତ୍ୟା ମାମଲା
ଡିସେମ୍ବର ୧ ସୁଦ୍ଧା ଅନନ୍ତ ସିଂହଙ୍କୁ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): ଜେଡିୟୁରୁ ବହିଷ୍କୃତ ବିବାଦୀୟ ରାଜନେତା ତଥା ମୋକମା ବିଧାୟକ ଅନନ୍ତ କୁମାର ସିଂହଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଝଟ୍‌କା ଲାଗିଛି। ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଦୁଲାରଚାନ୍ଦ ଯାଦବଙ୍କ ହତ୍ୟା ମାମଲାରେ ସୁପ୍ରିମକୋର୍ଟ ଶୁକ୍ରବାର ତାଙ୍କୁ ମିଳିଥିବା ଜାମିନକୁ ଖାରଜ କରିଦେଇଛନ୍ତି।ବିଚାରପତି ଏମ୍‌ଏମ୍ ସୁନ୍ଦରେଶ ଓ ପିଭି ଭରାଲେଙ୍କୁ ନେଇ ଗଠିତ ଖଣ୍ଡପୀଠ ଅନନ୍ତ ସିଂହଙ୍କୁ ଡିସେମ୍ବର ୧ ତାରିଖ ସୁଦ୍ଧା ଆତ୍ମସମର୍ପଣ କରିବାକୁ କହିଛନ୍ତି। ଖଣ୍ଡପୀଠ ପାଟନା ହାଇକୋର୍ଟଙ୍କ ଜାମିନ ନିଷ୍ପତ୍ତିକୁ ମଧ୍ୟ ସମାଲୋଚନା କରିଛନ୍ତି। କୋର୍ଟ ଉଲ୍ଲେଖ କରିଛନ୍ତି ଯେ, ଅପରାଧର ଗମ୍ଭୀରତା ଓ ସିଂହଙ୍କ ବ୍ୟାପକ ଅପରାଧିକ



ରେକର୍ଡକୁ ପର୍ଯ୍ୟାପ୍ତ ଭାବରେ ବିଚାର କରାଯାଇ ନାହିଁ।୩୦ ଅକ୍ଟୋବର, ୨୦୨୫ରେ ନିର୍ବାଚନ ପ୍ରଚାର ଚାଲିଥିବା ସମୟରେ ମୋକମା ତାଲରେ ଏକ ହିଂସାତ୍ମକ ସଂଘର୍ଷ ସମୟରେ ଜଣେ ଆଞ୍ଚଳିକ ଶକ୍ତିଶାଳୀ ବ୍ୟକ୍ତି ଦୁଲାରଚାନ୍ଦ ଯାଦବଙ୍କୁ ହତ୍ୟା କରାଯାଇଥିଲା। ନିର୍ବାଚନ ପ୍ରଚାର ସମୟରେ ଯାଦବ ଜନ ସୁରାଜ ପାର୍ଟି ପ୍ରାର୍ଥୀ ପୀୟୁଷ ପ୍ରିୟଦର୍ଶୀଙ୍କୁ ସମର୍ଥନ କରିଥିଲେ। ଘୋସୱାରୀ ପୁଲିସ ଷ୍ଟେସନରେ ଦାୟର ହୋଇଥିବା ଏଫ୍?ଆଇଆର୍? ଅନୁଯାୟୀ, ଅକ୍ଟୋବର ୩୦ ତାରିଖରେ ଅନନ୍ତ ସିଂହ ଓ ତାଙ୍କ ସହଯୋଗୀମାନେ ଯାଦବଙ୍କୁ ତାଙ୍କ ଗାଡ଼ିରୁ ଟାଣି ଆଣିଥିଲେ, ତାଙ୍କ ଗୋଡରେ ଗୁଳି କରିଥିଲେ, ତାଙ୍କୁ ଶାରୀରିକ ଆକ୍ରମଣ କରିଥିଲେ ଓ ଏକ ଏସୟୁଭି ତାଙ୍କ ଉପରେ ଚଢ଼ାଇ ଦେଇଥିଲେ। ଚାରି ମାସ ଭିତରେ ଏହି ମାମଲାର ତଦନ୍ତ ସାରିବାକୁ ବିହାର ପୁଲିସକୁ କୋର୍ଟ ସମୟ ଦେଇଛନ୍ତି।

ମାଡ୍ରାସ ହାଇକୋର୍ଟଙ୍କ ନୋଟିସ୍
ସୌରଭ ଦାସଙ୍କ ପରିଚୟ ଓ ନାଗରିକତା ଯାଞ୍ଚ ଦାବି

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି) ମୁଖପାତ୍ର ସୌରଭ ଦାସଙ୍କ ନାଗରିକତା ଓ ପୃଷ୍ଠଭୂମିର ତଦନ୍ତ ପାଇଁ ମାଡ୍ରାସ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି। ଆବେଦନରେ ନ୍ୟାୟପାଳିକା ଓ ସୁପ୍ରିମକୋର୍ଟ ବିଚାରପତିଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକୁ ଅବରୋଧ କରିବାକୁ ମଧ୍ୟ ଦାବି କରାଯାଇଛି। ହାଇକୋର୍ଟ ଶୁକ୍ରବାର ମାମଲାରେ ଜଡିତ ପକ୍ଷମାନଙ୍କୁ ନୋଟିସ୍ ଜାରି କରି ସେମାନଙ୍କ ଜବାବ ମାଗିଛନ୍ତି।ନ୍ୟାୟପାଳିକା ଓ ସୁପ୍ରିମକୋର୍ଟର ବିଚାରପତିମାନଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ସୌରଭଙ୍କ ସାମାଜିକ ଗଣମାଧ୍ୟମ ଖାତା ବନ୍ଦ କରିବାକୁ ମଧ୍ୟ ଆବେଦନ କରାଯାଇଛି। ତାମିଲନାଡୁର କାଞ୍ଚିପୁରମ୍ ଅଞ୍ଚଳର ଗଣେଶ କୁମାର ଏହି ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ଆବେଦନରେ ସୌରଭ ଦାସଙ୍କ ପ୍ରକୃତ ନାମ ଯୋଗେଶ ଶର୍ମା ବୋଲି ଦର୍ଶାଯାଇଛି। ତାଙ୍କ ପରିଚୟ, ନାଗରିକତା ଓ ମାତାପିତାଙ୍କ ସମ୍ପର୍କରେ ବିସ୍ତୃତ ତଦନ୍ତ କରିବାକୁ ଆବେଦନକାରୀ ଦାବି କରିଛନ୍ତି।ତଦନ୍ତରେ ସେ ବିଦେଶୀ ନାଗରିକ ବୋଲି ପ୍ରମାଣିତ ହେଲେ ତାଙ୍କ ପାସପୋର୍ଟ ଓ ଆଧାର କାର୍ଡ ରଦ୍ଦ କରିବାକୁ ମଧ୍ୟ ଆବେଦନରେ କୁହାଯାଇଛି। ଏଥିସହିତ ତାଙ୍କ 'ଏକ୍ସ' ଓ ଇନଷ୍ଟାଗ୍ରାମ୍ ଆକାଉଣ୍ଟ ବନ୍ଦ କରିବାକୁ ଦାବି ହୋଇଛି। ମୁଖ୍ୟ ବିଚାରପତି ଏସ୍.ଏ. ଧର୍ମାଧିକାରୀ ଓ ବିଚାରପତି ଜି. ଅରୁଲ ମୁରୁଗନଙ୍କ ଖଣ୍ଡପୀଠ ସୌରଭ ଦାସ, କେନ୍ଦ୍ର ସରକାର ଓ ଅନ୍ୟ ପକ୍ଷମାନଙ୍କୁ ଜବାବ ମାଗିଛନ୍ତି। ଛଅ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ନଭେମ୍ବର ୧ ମେଗା ରାଲି ସ୍ଥଗିତ ରଖିବାକୁ ସୋନିଆ ଗାନ୍ଧୀଙ୍କୁ ସିଟିଆଇର ଅନୁରୋଧ

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): ଆସନ୍ତା ନଭେମ୍ବର ୧ ତାରିଖରେ ନୂଆଦିଲ୍ଲୀର ରାମଲୀଳା ମଇଦାନଠାରେ କଂଗ୍ରେସ ଓ 'ଇଣ୍ଡିଆ' ମେଣ୍ଟ ପକ୍ଷରୁ ଆୟୋଜିତ ହେବାକୁ ଥିବା 'ଚଲୋ ଦିଲ୍ଲୀ ରାମଲୀଳା ମାର୍ଚ୍ଚ' ମେଗା ରାଲିକୁ ସ୍ଥଗିତ ରଖିବା ପାଇଁ ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି (ସିଟିଆଇ) ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ପତ୍ର ଲେଖି ଅନୁରୋଧ କରିଛି। ଦୀପାବଳି ପ୍ରସ୍ତୁତି ଏବଂ ବ୍ୟବସାୟର ମୁଖ୍ୟ ସମୟରେ ଏହି ରାଲି ଆୟୋଜିତ ହେଲେ ରାଜଧାନୀର ୨୦ରୁ ଊର୍ଦ୍ଧ୍ୱ ଐତିହାସିକ ବଜାରରେ ନୈନିକ ପ୍ରାୟ ୧୦,୦୦୦ ରୁ ୧୨,୦୦୦ କୋଟି ଟଙ୍କାର ବ୍ୟବସାୟ ସମ୍ପୂର୍ଣ୍ଣ ଠପ୍ ହୋଇଯିବ ବୋଲି ବ୍ୟବସାୟୀ ସଂଘ ଚେତାବନୀ ଦେଇଛି।ସିଟିଆଇ ଚେୟାରମ୍ୟାନ୍ ବ୍ରିଜେଶ ଗୋୟଲ କହିଛନ୍ତି ଯେ, ଏହି ରାଲିରେ ପ୍ରାୟ ୧୦ ଲକ୍ଷ ଲୋକ ଏବଂ ୧୫,୦୦୦ ରୁ ୨୦,୦୦୦ ଯାନବାହନ ସାମିଲ ହେବାର ସମ୍ଭାବନା ରହିଛି। ଏହାଦ୍ୱାରା ସେଣ୍ଟ୍ରାଲ ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ଲକଡାଉନ୍ ଭଳି ଭୟଙ୍କର ଟ୍ରାଫିକ୍ ଜାମ୍ ସୃଷ୍ଟି ହେବ। ଚାନ୍ଦନୀ ଚୌକ୍, ସଦର ବଜାର, କନୋଟ୍ ପ୍ଲେସ୍, କରୋଲ ବାଗ୍, ଖାରୀ ବାଓଲୀ, ଦରିଆଗଞ୍ଜ ଭଳି ପ୍ରମୁଖ ପାଇକାରୀ ଓ ଖୁଚୁରା ବଜାରଗୁଡ଼ିକୁ ଧନତେରସ୍ (ନଭେମ୍ବର ୬) ଏବଂ ଦୀପାବଳି (ନଭେମ୍ବର ୮) ପାଇଁ ମାଲ୍ ପରିବହନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେବ। ସିଟିଆଇ ପକ୍ଷରୁ ରାଲିକୁ ନଭେମ୍ବର ୧୦ ପରକୁ ଘୁଞ୍ଚାଇବାକୁ କିମ୍ବା ବୁରାଡ଼ି ମଇଦାନକୁ ସ୍ଥାନାନ୍ତର କରିବାକୁ ପ୍ରସ୍ତାବ ଦିଆଯାଇଛି।ଉଲ୍ଲେଖଯୋଗ୍ୟ ଯେ, ଭୋଟ୍ ହେରଫେର୍ ଏବଂ ସମ୍ବିଧାନ ସୁରକ୍ଷା ଅଭିଯୋଗ ଆଣି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଆହ୍ୱାନରେ ଏହି ମେଗା ମାର୍ଚ୍ଚର ଆୟୋଜନ କରାଯାଉଛି। ରାଲି ପାଇଁ ମାତ୍ର ୪୮ ଘଣ୍ଟାରୁ କମ୍ ସମୟ ବାକି ଥିବା ବେଳେ ବ୍ୟବସାୟୀମାନେ କଂଗ୍ରେସ ନେତୃତ୍ୱଙ୍କ ସକାରାତ୍ମକ ନିଷ୍ପତ୍ତିକୁ ଅପେକ୍ଷା କରିଛନ୍ତି।

ନଭେମ୍ବର ୧ରୁ ଦିଲ୍ଲୀରେ ନୂଆ 'ଜିଆରଏପି' କଟକଣା

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଓ ବାୟୁର ଗୁଣବତ୍ତା ସୁଧାରିବା ପାଇଁ ଆସନ୍ତା ୨୦୨୬ ନଭେମ୍ବର ୧ ତାରିଖ (ରବିବାର) ରୁ ସଂଶୋଧିତ ଗ୍ରେଡେଡ୍ ରେସପୋନ୍ସ ଆକ୍ସନ୍ ପ୍ଲାନ୍ (ଜିଆରଏପି) ଅଧୀନରେ ନୂଆ ନିୟମାବଳୀ ଲାଗୁ ହେବାକୁ ଯାଉଛି । ଦିଲ୍ଲୀ ଟ୍ରାଫିକ୍ ପୁଲିସ ପକ୍ଷରୁ ସୋସିଆଲ ମିଡିଆ 'ଏକ୍ସ' ରେ ସୂଚନା ଦିଆଯାଇଛି ଯେ, ବାହାର ରାଜ୍ୟରୁ ଦିଲ୍ଲୀକୁ ଆସୁଥିବା ଯାନବାହନଗୁଡ଼ିକ ନିର୍ଦ୍ଧାରିତ ମାନଦଣ୍ଡ ପୂରଣ କରୁଛନ୍ତି କି ନାହିଁ ତାହା ଯାଞ୍ଚ କରି ଯାତ୍ରା କରିବାକୁ ଚାଳକମାନଙ୍କୁ ପରାମର୍ଶ ଦିଆଯାଇଛି।ନୂତନ କଟକଣା ଅନୁଯାୟୀ, ଆସନ୍ତା ନଭେମ୍ବର ୧, ୨୦୨୬ ରୁ ୨୦୨୭ ଜାନୁଆରୀ ୩୧ ପର୍ଯ୍ୟନ୍ତ ଦିଲ୍ଲୀ ବାହାରେ ପଞ୍ଜୀକୃତ ହୋଇଥିବା ଟ୍ରକ୍ ଏବଂ ଅନ୍ୟାନ୍ୟ ଯାନବାହନଗୁଡ଼ିକ ଦିଲ୍ଲୀ ମଧ୍ୟକୁ ପ୍ରବେଶ କରିପାରିବେ ନାହିଁ । କେବଳ ବିଏସ୍-୬ ନିର୍ଗମନ ମାନଦଣ୍ଡ ପୂରଣ କରୁଥିବା ଗାଡ଼ି, ସିଏନ୍‌ଜି ଏବଂ ବୈଦ୍ୟୁତିକ (ଇଭି) ଯାନବାହନଗୁଡ଼ିକୁ ପ୍ରବେଶ ପାଇଁ ଅନୁମତି ମିଳିବ। ଏହାସହିତ ବିଏସ୍-୬ ମାନଦଣ୍ଡର ହୋଇଥିଲେ ମଧ୍ୟ ସମସ୍ତ ଗାଡ଼ି ପାଇଁ ବୈଧ



ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ରହିବା ବାଧ୍ୟତାମୂଳକ କରାଯାଇଛି । ଯେଉଁ ପଣ୍ୟବାହୀ ଗାଡ଼ିଗୁଡ଼ିକର ଗନ୍ତବ୍ୟ ସ୍ଥଳ ଦିଲ୍ଲୀ ନୁହେଁ, ସେଗୁଡ଼ିକୁ ଇଷ୍ଟର୍ଣ୍ଣ କିମ୍ବା ୱେଷ୍ଟର୍ଣ୍ଣ ପେରିଫେରାଲ୍ ଏକ୍ସପ୍ରେସୱେ ବ୍ୟବହାର କରିବାକୁ କୁହାଯାଇଛି। ସେହିପରି ଅନ୍ୟ ରାଜ୍ୟରୁ ଆସୁଥିବା ବିଏସ୍-୬ ମାନଦଣ୍ଡର ନଥିବା ଡିଜେଲ ଆନ୍ତଃରାଜ୍ୟ ବସଗୁଡ଼ିକୁ ଦିଲ୍ଲୀ ପ୍ରବେଶ ମନା କରାଯାଇଛି ।ଉଲ୍ଲେଖଯୋଗ୍ୟ ଯେ, ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୨୦୧ ରୁ ୩୦୦ ('ଖରାପ' ବର୍ଗ) ମଧ୍ୟରେ ରହିଲେ ବାୟୁ ଗୁଣବତ୍ତା ପରିଚାଳନା କମିଶନ୍ (ସିଏକ୍ୟୁଏମ୍) ପକ୍ଷରୁ ଜିଆରଏପିର ପ୍ରଥମ ପର୍ଯ୍ୟାୟ ଲାଗୁ କରାଯାଇଥାଏ। ନିକଟରେ ଦିଲ୍ଲୀରେ ବାୟୁ ପ୍ରଦୂଷଣ 'ଖରାପ' ସ୍ଥିତିରେ ଥିବା ବେଳେ ଗୁରୁବାର ରାତିରେ ହୋଇଥିବା ବର୍ଷା ଓ ଘଡ଼ଘଡ଼ି କାରଣରୁ ଶୁକ୍ରବାର ସକାଳେ ଏକ୍ୟୁଆଇ ୯୦ କୁ ହ୍ରାସ ପାଇ ସନ୍ତୋଷଜନକ ସ୍ଥିତିକୁ ଆସିଛି। ତଥାପି ଆଗାମୀ ଶୀତଦିନିଆ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ପୁଲିସ ଓ ପ୍ରଶାସନ ପକ୍ଷରୁ ଏହି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।

ଆତଙ୍କବାଦୀଙ୍କୁ ଆର୍ଥିକ ସହାୟତା ଦେଉଥିବା ୧୦ ଜଣଙ୍କୁ ଗିରଫ କଲା କାଶ୍ମୀର ପୁଲିସ

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): ଦକ୍ଷିଣ କାଶ୍ମୀରର ଶୋପିଆନ୍ ଜିଲ୍ଲାରେ ଆତଙ୍କବାଦୀଙ୍କୁ ଆର୍ଥିକ ସହାୟତା ଯୋଗାଉଥିବା ଏକ ବଡ଼ ମଡ୍ୟୁଲର ପର୍ଦ୍ଦାଫାଶ କରିବାରେ ଜମ୍ମୁ-କାଶ୍ମୀର ପୁଲିସ ସଫଳ ହୋଇଛି। ଏହି ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତ ୧୦ ଜଣ ଓଭରଗ୍ରାଉଣ୍ଡ ୱର୍କର୍‌ଙ୍କୁ ଗିରଫ କରାଯାଇଥିବା ନେଇ ଶୁକ୍ରବାର ପୁଲିସ ଅଧିକାରୀମାନେ ସୂଚନା ଦେଇଛନ୍ତି।ମିଳିଥିବା ସୂଚନା ଅନୁଯାୟୀ, ଦକ୍ଷିଣ କାଶ୍ମୀରରେ ଆତଙ୍କବାଦୀ ସଂଗଠନଗୁଡ଼ିକୁ ଚାନ୍ଦା ଏବଂ ଆର୍ଥିକ କାରବାର ମାଧ୍ୟମରେ ସହାୟତା ଯୋଗାଇ ଦିଆଯାଉଥିବା ନେଇ ଗୁପ୍ତ ସୂଚନା ମିଳିବା ପରେ ପୁଲିସ ପକ୍ଷରୁ ଏକ ପ୍ରତ୍ୟକ୍ଷ ତଦନ୍ତ ଅଭିଯାନ ଆରମ୍ଭ କରାଯାଇଥିଲା। ଏହି ଅଭିଯାନରେ ଗିରଫ ହୋଇଥିବା ୧୦ ଜଣ ଅଭିଯୁକ୍ତ ସ୍ଥାନୀୟ ଅଞ୍ଚଳରେ ଆତଙ୍କବାଦୀ ନେଟୱର୍କକୁ କେବଳ ଆର୍ଥିକ ନୁହେଁ, ବରଂ ଲଜିଷ୍ଟିକାଲ୍ (ରହିବା, ଖାଇବା ଓ ଯାତାୟାତ) ସହାୟତା ମଧ୍ୟ ଯୋଗାଇ ଦେଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ଗିରଫ ଅଭିଯୁକ୍ତମାନଙ୍କୁ ଅଧିକ ପଚରାଉଚରା କରାଯାଉଥିବା ବେଳେ ଏହି ଆର୍ଥିକ ମଡ୍ୟୁଲ୍ ସହ ଜଡ଼ିତ ଅନ୍ୟ ସନ୍ଦିଗ୍ଧମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ରେଡ୍ ଜାରି ରହିଛି।

ଭୁଟାନରେ ଫାଟିଲା ଗ୍ଲେସିଅର ଲେକ୍, ଭାରତରେ ବନ୍ୟା ଆଲର୍ଟ

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): ଭୁଟାନରେ ପ୍ରକୃତିର ପ୍ରଳୟଙ୍କରୀ ରୂପ ! ଫାଟିଲା ଗ୍ଲେସିଅର ଲେକ୍ , ଏବେ ଭାରତରେ ବନ୍ୟା ବିପଦ। ପାହାଡ଼ ଉପରୁ ମାଡ଼ି ଆସୁଛି ପ୍ରବଳ ପାଣି। ନଦୀରେ ହଠାତ୍ ବଢ଼ିପାରେ ଜଳସ୍ତର। ଆଉ ଏହାକୁ ନେଇ ଆସାମ ଓ ପଶ୍ଚିମବଙ୍ଗରେ ଜାରି ହୋଇଛି ହାଇଆଲର୍ଟ। ସଙ୍କୋଶ ନଦୀ କୂଳରେ ରହୁଥିବା ଲୋକଙ୍କୁ ଘର ଛାଡ଼ି ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ନିର୍ଦ୍ଦେଶ। ଦିଆଯାଇଛି ଉଦ୍ଧାରକାରୀ ଦଳ ମୁତୟନ ହେବା ସହ ସାଇରନ୍ ବଜାଇ ଲୋକଙ୍କୁ ସତର୍କ କରାଯାଉଛି । ତେବେ କେତେ ଭୟଙ୍କର ହୋଇପାରେ ଏହି ବନ୍ୟା ବିପଦଟି କେଉଁ କେଉଁ ଅଞ୍ଚଳ ରହିଛି ବିପଦ ଘେରରେ ଆସନ୍ତୁ ଜାଣିବା ।ଭୁଟାନର ପାହାଡ଼ିଆ ଅଞ୍ଚଳରେ ଗ୍ଲେସିଅର ଲେକ ଫାଟିବା ପରେ ଏବେ



ଭାରତରେ ବନ୍ୟା ଆଶଙ୍କା। ଭୁଟାନର ଗାସା ଜିଲ୍ଲା ଅନ୍ତର୍ଗତ ଲୁନାନା ଅଞ୍ଚଳରେ ଥିବା ଶିନ୍ତାଫୁ ହ୍ରଦ ଫାଟିଯାଇଥିବା ଖବର ମିଳିଛି। ଏହାପରେ ନଦୀରେ ଜଳସ୍ତର ଦ୍ରୁତଗତିରେ ବଢ଼ିବା ଆଶଙ୍କା କରାଯାଉଛି। ଭୁଟାନରୁ ଭାରତକୁ ପ୍ରବାହିତ ପୁନାତ୍ସାଙ୍ଗଚୁ ନଦୀ ଭାରତ ସୀମାରେ ପ୍ରବେଶ କରିବା ପରେ ସଙ୍କୋଶ ନଦୀ ଭାବେ ପରିଚିତ ହୋଇଛି। ତେଣୁ ଏହି ନଦୀର ତଳମୁଣ୍ଡରେ ଥିବା ଅଞ୍ଚଳଗୁଡ଼ିକ ଏବେ ବିପଦ ଘେରରେ।ଭାରତୀୟ କର୍ତ୍ତୃପକ୍ଷଙ୍କ ଆକଳନ ଅନୁସାରେ, ଉପର ମୁଣ୍ଡରୁ ଆସୁଥିବା ପ୍ରବଳ ଜଳରାଶି ୬ରୁ ୮ ଘଣ୍ଟା ମଧ୍ୟରେ ଭାରତ-ଭୁଟାନ ସୀମାରେ ପହଞ୍ଚିପାରେ। ଏହାଦ୍ୱାରା ସଙ୍କୋଶ ନଦୀର ଜଳସ୍ତର ହଠାତ୍ ବଢ଼ିବା ସହ ନଦୀକୂଳିଆ ଅଞ୍ଚଳରେ ବନ୍ୟା ସ୍ଥିତି ସୃଷ୍ଟି ହୋଇପାରେ। ଘରଦ୍ୱାର, ଚାଷ ଜମି, ରାସ୍ତାଘାଟ, ପୋଲ ଏବଂ ଗୃହପାଳିତ ପଶୁଙ୍କ ପ୍ରତି ମଧ୍ୟ ବିପଦ ରହିଛି। ଭୁଟାନ କର୍ତ୍ତୃପକ୍ଷ ନଦୀ କୂଳରେ ସାଇରନ୍ ବଜାଇ ଲୋକଙ୍କୁ ସତର୍କ କରିବା ସହ ସ୍ଥାନାନ୍ତର ଆରମ୍ଭ କରିଛନ୍ତି।ଏପଟେ ପଶ୍ଚିମବଙ୍ଗରେ ମଧ୍ୟ ଚିନ୍ତା ବଢ଼ିଛି । ରାଜ୍ୟର ଜଙ୍ଗଲ ମନ୍ତ୍ରୀ ଭିଡିଓ ଜାରି କରି ସଙ୍କୋଶ ନଦୀ କୂଳରେ ରହୁଥିବା ଲୋକଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ଅନୁରୋଧ କରିଛନ୍ତି। ବିଶେଷକରି କୁମାରଗ୍ରାମ ଅଞ୍ଚଳ ପ୍ରତି ରହିଛି ସତର୍କ ନଜର। ଅନ୍ୟପଟେ ବିଜେପି ସାଂସଦ ରାଜୁ ବିଷ୍ଟ ମଧ୍ୟ ସୋସିଆଲ ମିଡିଆରେ ସତର୍କ ସୂଚନା ଜାରି କରିଛନ୍ତି। ନଦୀ ଅବବାହିକାରେ ରହୁଥିବା ଲୋକଙ୍କୁ ନିଜ ସୁରକ୍ଷା ପାଇଁ ଉଚ୍ଚ ସ୍ଥାନକୁ ଚାଲିଯିବାକୁ ସେ ପରାମର୍ଶ ଦେଇଛନ୍ତି।

ବାଣିଜ୍ୟ ମନ୍ଥନ

ଶନିବାର, ୩୧ ଅକ୍ଟୋବର ୨୦୨୬, ଭୁବନେଶ୍ୱର Saturday, 31 October, 2026, Bhubaneswar



'ବିଓବି ସିକ୍ୟୁରିଟିଜ୍ ଆଣ୍ଡ୍ ଗିଲ୍ଟେଜ୍ ଲିମିଟେଡ୍'ର ଏନ୍‌ବିଏଫ୍‌ସି କାରବାର ଆରମ୍ଭ

ଭୁବନେଶ୍ୱର, ୩୦।୧୦ (ନି.ପ୍ର) : ଭାରତର ଅନ୍ୟତମ ଅଗ୍ରଣୀ ସରକାରୀ ବ୍ୟାଙ୍କ୍, 'ବ୍ୟାଙ୍କ୍ ଅଫ୍ ବରୋଦା', ଏହାର ସମ୍ପୂର୍ଣ୍ଣ ମାଲିକାନା ସବ୍‌ସିଡିଆରୀ 'ବିଓବି ସିକ୍ୟୁରିଟିଜ୍ ଆଣ୍ଡ୍ ଗିଲ୍ଟେଜ୍ ଲିମିଟେଡ୍' ଏକ ନନ୍-ବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ୍ କମ୍ପାନୀ (ଏନ୍‌ବିଏଫ୍‌ସି) ଭାବରେ ନିଜର ବ୍ୟବସାୟ ଆରମ୍ଭର ଘୋଷଣା କରିଛି। ଏହି ପଦକ୍ଷେପ ସରକାରୀ ସିକ୍ୟୁରିଟିଜ୍ ଏବଂ ଡେବ୍ଟ କ୍ୟାପିଟାଲ୍ ମାର୍କେଟରେ ବ୍ୟାଙ୍କ୍ ର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବା ରଣନୀତିର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଏନ୍‌ବିଏଫ୍‌ସି ଭାବରେ କାର୍ଯ୍ୟାରମ୍ଭ ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଓବି ସିକ୍ୟୁରିଟିଜ୍ ଆଣ୍ଡ୍ ଗିଲ୍ଟେଜ୍ ଲିମିଟେଡ୍ ନିଜର କର୍ପୋରେଟ୍ ପରିଚୟ ଓ ଲୋଗୋ ଉନ୍ମୋଚନ ସହ ନିଜର ଅଫିସିଆଲ୍ ୱେବସାଇଟ୍ www.bobgiltedge.in ଲଞ୍ଚ୍ କରିଛି। ବିଶେଷଜ୍ଞ ସାମର୍ଥ୍ୟ ମାଧ୍ୟମରେ ବିଓବି ଗ୍ରୁପ୍‌କୁ ସୁଦୃଢ଼ କରିବା, ବ୍ୟବସାୟଗୁଡ଼ିକର କ୍ଷମତା ବୃଦ୍ଧି କରିବା ଏବଂ ଏକ ବିବିଧ ଆର୍ଥିକ ସେବା ପ୍ରତିଷ୍ଠାନ ଗଢ଼ିତୋଳିବା ବ୍ୟାଙ୍କ୍ ର ଯେଉଁ ଦୂରଦୃଷ୍ଟି ରହିଛି, ତାହା ସହିତ ବିଓବି ସିକ୍ୟୁରିଟିଜ୍ ଆଣ୍ଡ୍ ଗିଲ୍ଟେଜ୍ ଲିମିଟେଡ୍ ର ଏହି ଶୁଭାରମ୍ଭ ସମ୍ପୂର୍ଣ୍ଣ ଆଭିମୁଖ୍ୟ ରଖୁଛି।

ବ୍ୟାଙ୍କ୍ ଅଫ୍ ବରୋଦାର ମ୍ୟାନେଜିଂ ଡାଇରେକ୍ଟର ଓ ସିଇଓ ଡ. ଦେବଦତ୍ତ ଚାନ୍ଦ କହିଛନ୍ତି, "ବିଓବି ସିକ୍ୟୁରିଟିଜ୍ ଆଣ୍ଡ୍ ଗିଲ୍ଟେଜ୍ ଲିମିଟେଡ୍ ବ୍ୟାଙ୍କ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ପଦକ୍ଷେପ। ଏନ୍‌ବିଏଫ୍‌ସି ଭାବରେ ଏହାର କାର୍ଯ୍ୟାରମ୍ଭ ସରକାରୀ ସିକ୍ୟୁରିଟିଜ୍ ଏବଂ ଡେବ୍ଟ କ୍ୟାପିଟାଲ୍ ମାର୍କେଟରେ ଆମର ଉପସ୍ଥିତିକୁ ମଜବୁତ୍ କରିବା ପାଇଁ ଏକ ମଜବୁତ୍ ଭିତ୍ତିପ୍ରସ୍ତର ସ୍ଥାପନ କରୁଛି। ଏହି କମ୍ପାନୀ ମାର୍କେଟ-ମେକିଙ୍ଗ୍ ଏବଂ ସମ୍ପୃକ୍ତ କାର୍ଯ୍ୟକଳାପ ମାଧ୍ୟମରେ ଭାରତର ଆର୍ଥିକ ବଜାରର ବିକାଶ ଓ ସମ୍ପ୍ରସାରଣରେ ଯୋଗଦାନ ଦେବ, ଯାହା ବଜାରର ଦକ୍ଷତା ବୃଦ୍ଧି କରିବା ସହ ଆରବିଆଇ ରିଟେଲ୍ ଡାଇରେକ୍ଟ ପ୍ଲାଟଫର୍ମ ସମେତ ବ୍ୟାପକ ନିବେଶକଙ୍କ ଭାଗୀଦାରିତାକୁ ପ୍ରୋତ୍ସାହିତ କରିବ। ଆମେ ଯେପରି ଆମର ଆର୍ଥିକ ସେବା ପ୍ରତିଷ୍ଠାନକୁ ଅଧିକ। ବିବିଧ କରୁଛୁ, ବିଓବି ସିକ୍ୟୁରିଟିଜ୍ ଆଣ୍ଡ ଗିଲ୍ଟେଜ୍ ଲିମିଟେଡ୍ ପରି ସମର୍ପିତ ସବସିଡିଆରୀଗୁଡ଼ିକ ଅଭିବୃଦ୍ଧିର ନୂତନ ପଥ ସୃଷ୍ଟି କରିବାରେ ଏବଂ ସମଗ୍ର ବିଓବି ଗ୍ରୁପ୍‌କୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ।" ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ୍ ଅଫ୍ ବରୋଦାର ନିର୍ଦ୍ଦେଶକଗଣ ଏବଂ ବିଓବି ସିକ୍ୟୁରିଟିଜ୍ ଆଣ୍ଡ୍ ଗିଲ୍ଟେଜ୍ ଲିମିଟେଡ୍‌ର ନିର୍ଦ୍ଦେଶକଗଣଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

ଓଡ଼ିଶାରେ ଜିଓର ଦମ୍‌ଦାର ପ୍ରଦର୍ଶନ, ସର୍ବାଧିକ ୪.୮ ଲକ୍ଷରୁ ଅଧିକ ସକ୍ରିୟ ମୋବାଇଲ୍ ଗ୍ରାହକ ଯୋଡ଼ିଛି: ଟ୍ରାଇ ତଥ୍ୟ

ଭୁବନେଶ୍ୱର, ୩୦।୧୦ (ନି.ପ୍ର) : ଓଡ଼ିଶାର ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବେ ନିଜର ଦମ୍‌ଦାର ପ୍ରଦର୍ଶନ ଜାରି ରଖି ରିଲାଏନ୍ସ ଜିଓ ସେପ୍ଟେମ୍ବର ମାସରେ ସର୍ବାଧିକ ୪.୮ ଲକ୍ଷରୁ ଅଧିକ ସକ୍ରିୟ ମୋବାଇଲ୍ ଗ୍ରାହକ ଯୋଡ଼ିଛି। ଏହି ମାସରେ ଅନ୍ୟ ସମସ୍ତ ସେବା ପ୍ରଦାନକାରୀ ହଜାର ହଜାର ସକ୍ରିୟ ଗ୍ରାହକ ହରାଇଛନ୍ତି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ, ୨୦୨୬ ସେପ୍ଟେମ୍ବର ମାସରେ ରିଲାଏନ୍ସ ଜିଓ ଓଡ଼ିଶାରେ ୪.୮ ଲକ୍ଷରୁ ଅଧିକ ସକ୍ରିୟ ମୋବାଇଲ୍ ଗ୍ରାହକ ଯୋଡ଼ିଥିବା ବେଳେ ଭାରତୀ ଏୟାରଟେଲ ୧.୦୬ ଲକ୍ଷରୁ ଅଧିକ ସକ୍ରିୟ ମୋବାଇଲ୍ ଗ୍ରାହକ ହରାଇଛି। ଅନ୍ୟପକ୍ଷରେ ଭୋଡାଫୋନ୍ ଆଇଡିଆ ୮ ହଜାରରୁ ଅଧିକ ଏବଂ ବିଏସଏନଏଲ ୯ ହଜାରରୁ ଅଧିକ ସକ୍ରିୟ ମୋବାଇଲ୍ ଗ୍ରାହକ ହରାଇଛନ୍ତି। ରାଜ୍ୟର ମୋଟ ସକ୍ରିୟ ମୋବାଇଲ୍ ଗ୍ରାହକଙ୍କ ମଧ୍ୟରୁ ଜିଓର ଗ୍ରାହକ ବଜାର ଅଂଶ ୫୩.୮ ପ୍ରତିଶତରୁ ଅଧିକ ରହିଛି। ଟ୍ରାଇ ତଥ୍ୟ ଅନୁଯାୟୀ, ସେପ୍ଟେମ୍ବର ମାସରେ ଓଡ଼ିଶାରେ ମୋଟ ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟା ୨ ଲକ୍ଷରୁ ଅଧିକ ବୃଦ୍ଧି ପାଇଛି। ଏହା ସହିତ ରାଜ୍ୟରେ ମୋଟ ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟା ୩.୯୪ କୋଟି ଅତିକ୍ରମ କରିଛି। ସେପ୍ଟେମ୍ବର ମାସରେ ନୂତନ ମୋବାଇଲ୍ ଗ୍ରାହକ ଯୋଡ଼ିବା କ୍ଷେତ୍ରରେ ମଧ୍ୟ ଜିଓ ସର୍ବାଧିକ ୧.୮୮ ଲକ୍ଷ ଗ୍ରାହକ ଯୋଡ଼ିଛି। ଏହା ପଛକୁ ଏୟାରଟେଲ ପ୍ରାୟ ୧୫ ହଜାର ଏବଂ ବିଏସଏନଏଲ ପ୍ରାୟ ୧୨ ହଜାର ଗ୍ରାହକ ଯୋଡ଼ିଛନ୍ତି। ଏହି ଅବଧିରେ ଭୋଡାଫୋନ୍ ଆଇଡିଆ ରାଜ୍ୟରେ ୭ ହଜାରରୁ ଅଧିକ ମୋବାଇଲ୍ ଗ୍ରାହକ ହରାଇଛି। ସେହିପରି ହୋମ୍ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ମଧ୍ୟ ଜିଓ ନିଜର ଦୃଢ଼ ଅଭିବୃଦ୍ଧି ଜାରି ରଖିଛି। ସେପ୍ଟେମ୍ବର ମାସରେ ରାଜ୍ୟରେ ୧୨ ହଜାରରୁ ଅଧିକ ନୂଆ ଜିଓଫାଇବର ଏବଂ ଜିଓଏୟାରଫାଇବର ଗ୍ରାହକ ଯୋଡ଼ି ହୋଇଛନ୍ତି। ଏହା ସହିତ ଓଡ଼ିଶାରେ ଜିଓର ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକଙ୍କ ସଂଖ୍ୟା ୮.୩୩ ଲକ୍ଷ ଅତିକ୍ରମ କରିଛି। ରାଜ୍ୟରେ ହୋମ୍ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ଜିଓର ଗ୍ରାହକ ବଜାର ଅଂଶ ୫୯.୪ ପ୍ରତିଶତରୁ ଅଧିକ ରହିଛି। ଜାତୀୟ ସ୍ତରରେ ମଧ୍ୟ ଜିଓ ନିଜର ଉଲ୍ଲେଖନୀୟ ପ୍ରଦର୍ଶନ ଜାରି ରଖିଛି। ସେପ୍ଟେମ୍ବର ମାସରେ ଦେଶରେ ଜିଓ ସର୍ବାଧିକ ୨୭.୧୨ ଲକ୍ଷ ମୋବାଇଲ୍ ଗ୍ରାହକ ଯୋଡ଼ିଛି। ବିଶ୍ଳେଷକଙ୍କ ରିପୋର୍ଟ ଅନୁଯାୟୀ, ମେସିନ୍-ଟୁ-ମେସିନ୍ (ଏମଟୁଏମ) ସଂଯୋଗକୁ ବାଦ୍ ଦେଲେ ଦେଶର ମୂଳ ମୋବାଇଲ୍ ଗ୍ରାହକ ଆଧାର ଅଗଷ୍ଟ ତୁଳନାରେ ୨୨ ଲକ୍ଷ ବୃଦ୍ଧି ପାଇ ୧୧୫ କୋଟିରେ ପହଞ୍ଚିଛି। ଏଥିରେ ଜିଓ ୧୯ ଲକ୍ଷ ଗ୍ରାହକ ଯୋଡ଼ିଥିବା ବେଳେ ଏୟାରଟେଲ ମାତ୍ର ୨ ଲକ୍ଷ ଗ୍ରାହକ ଯୋଡ଼ିପାରିଛି। ଅର୍ଥାତ୍ ଏୟାରଟେଲ ତୁଳନାରେ ଜିଓର ନୂତନ ଗ୍ରାହକ ଯୋଗଦାନ ପ୍ରାୟ ୧୦ ଗୁଣ ଅଧିକ ରହିଛି। ସେପ୍ଟେମ୍ବର ମାସରେ ମୋଟ ଗ୍ରାହକ ସଂଖ୍ୟା କ୍ଷେତ୍ରରେ ମଧ୍ୟ ଜିଓ ନିଜର ଅଗ୍ରଣୀ ସ୍ଥାନ ବଜାୟ ରଖିଛି। ଏହି ମାସରେ ଜିଓର ମୋଟ ଗ୍ରାହକ ସଂଖ୍ୟା ୫୧.୧୧ କୋଟି ରହିଥିବା ବେଳେ ଏୟାରଟେଲର ଗ୍ରାହକ ସଂଖ୍ୟା ୪୯.୪୨ କୋଟି ରହିଛି। ଜାତୀୟ ସ୍ତରରେ ସକ୍ରିୟ ଗ୍ରାହକଙ୍କ କ୍ଷେତ୍ରରେ ଜିଓର ଅଗ୍ରଣୀ ସ୍ଥାନ ଆହୁରି ସୁଦୃଢ଼ ହୋଇଛି। ସେପ୍ଟେମ୍ବର ମାସରେ ସମଗ୍ର ଟେଲିକମ୍ ଶିଳ୍ପରେ କୋର୍ ଭିଜିଟର ଲୋକେସନ୍ ରେଜିଷ୍ଟର (ଭିଏଲଆର) ଆଧାରିତ ସକ୍ରିୟ ଗ୍ରାହକଙ୍କ ସଂଖ୍ୟା ୬ ଲକ୍ଷ ବୃଦ୍ଧି ପାଇଥିବା ବେଳେ କେବଳ ଜିଓ ୧୩ ଲକ୍ଷ ନୂଆ ସକ୍ରିୟ ଗ୍ରାହକ ଯୋଡ଼ିଛି। ଅପରପକ୍ଷରେ ଏୟାରଟେଲ ଏହି ମାସରେ ୨ ଲକ୍ଷ ଏବଂ ଭୋଡାଫୋନ୍ ଆଇଡିଆ ୩ ଲକ୍ଷ ସକ୍ରିୟ ଗ୍ରାହକ ହରାଇଛନ୍ତି। ଏହା ଦର୍ଶାଉଛି ଯେ, ଜିଓ ହେଉଛି ଏକମାତ୍ର ପ୍ରମୁଖ ଘରୋଇ ଟେଲିକମ୍ ଅପରେଟର, ଯିଏ ନିଜର ସକ୍ରିୟ ଗ୍ରାହକ ଆଧାରକୁ ବୃଦ୍ଧି କରିବାରେ ସଫଳ ହୋଇଛି। ଏହା ଜିଓର ଗ୍ରାହକଙ୍କ ସହ ଦୃଢ଼ ସମ୍ପର୍କ ଏବଂ ଏହାର ନେଟୱର୍କର ବ୍ୟାପକ ବ୍ୟବହାରକୁ ପ୍ରତିଫଳିତ କରୁଛି।

ଲଗାଣ ବର୍ଷା ଓ ଝଡ ତୋଫାନ ଯୋଗୁଁ ଉଜୁଡ଼ି ଗଲା ଫସଲ : ଚିନ୍ତାରେ ଚାଷୀ

ବଲାଙ୍ଗୀ, ୩୦।୧୦ (ନି.ପ୍ର): ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଅଦିନିଆ ବର୍ଷା ପବନ ଯୋଗୁଁ କୃଷି ପ୍ରଧାନ ଅଞ୍ଚଳ ଭାବେ ପରିଚିତ ବଲାଙ୍ଗୀ ଅଞ୍ଚଳର ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଅଞ୍ଚଳରେ ଶହ ଶହ ହେକ୍ଟର ଜମିରେ ଲାଗିଥିବା ଅର୍ଥ ଲଗାଣ କାରୀ ଫସଲ ବିଲରେ ପାଣି ଜମି ରହିବା କାରଣରୁ ଗଛ ଗୁଡ଼ିକ ଝାଉଁଳିବା ଆରମ୍ଭ କଲାଣି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିବା ଚାଷୀ ଫସଲ ଉଜୁଡ଼ିବା ଦେଖି ଚିନ୍ତାରେ ପଡ଼ିଯାଇଛି। ବର୍ତ୍ତମାନ ପ୍ରଚୁର ପରିମାଣରେ କୋବି ଚାରା ପଡିବା ସହିତ ପାଗ ଅନୁକୂଳ ଥିବାରୁ କିଛି ବିଲରେ ମଧ୍ୟ କୋବି, ବାଇଗଣ, ଜହ୍ନି, କଦଳୀ, ଅମୃତ ଭଣ୍ଡା ଲାଗିଛି। କିନ୍ତୁ ହଠାତ୍ ବାତ୍ୟା ଅର୍ଣ୍ଣବ ଓ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଫସଲ କିଆରୀରୁ ପାଣି ଜମି ରହିଥିଲା। ଲଗାତାର ବର୍ଷା ହେବା ଫଳରେ ଫସଲ ନଷ୍ଟ ହୋଇଯିବା ନେଇ ଚାଷୀ ଏକ ପ୍ରକାର ନିଶ୍ଚିତ ହୋଇସାରିଛି। ଅନେକ ଜମିରେ ପରିବା ଗଛ ଓ କୋବି ଗଛ ପାଣିରେ ବୁଡ଼ି ରହିଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଆଗକୁ ପରିବାର କିଭଳି ପ୍ରତିପୋଷଣ କରିବେ ସେ ନେଇ ଚିନ୍ତାରେ ଭାଙ୍ଗି ପଡିଛନ୍ତି। ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବା ସହ ଚାଷଜମିର କ୍ଷୟକ୍ଷତି ଆକଳନ କରିବାକୁ ଚାଷୀ ଅଜୟ କୁମାର ରାଉତ, ରାକେଶ ଦାଶ,ସୁବାସ ଚନ୍ଦ୍ର ପଲେଇ, କାହ୍ନୁ ଚରଣ ପଲେର, ରାମଚନ୍ଦ୍ର ରାଉତ, ଜିତେନ୍ଦ୍ର ରାଉତ ପ୍ରମୁଖ ଚାଷୀମାନେ ଦାବି କରିଛନ୍ତି।

ଲାଞ୍ଜିଗଡ଼ ସ୍ଥିତ ଭିଏଏମ୍‌ଏଲ୍ ଦକ୍ଷତା କେନ୍ଦ୍ରର ସଦ୍ୟତମ ବ୍ୟାଚ୍ ଅଗ୍ରଣୀ କମ୍ପାନୀଗୁଡ଼ିକରେ ନିଯୁକ୍ତି ସୁନିଶ୍ଚିତ କରିଛି

ଭୁବନେଶ୍ୱର, ୩୦।୧୦ (ନି.ପ୍ର) : ଯୁବ ସଶକ୍ତିକରଣ, ଗ୍ରାମୀଣ ବିକାଶ ଏବଂ ସ୍ଥାୟୀ ଜୀବିକା ସୃଷ୍ଟି ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ନିଜର ଲାଞ୍ଜିଗଡ ସ୍ଥିତ ବେଦାନ୍ତ ଦକ୍ଷତା କେନ୍ଦ୍ର ମାଧ୍ୟମରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି। ତାଲିମ କେନ୍ଦ୍ରର ସଦ୍ୟତମ ଆସିଷ୍ଟାଣ୍ଟ ଇଲେକ୍ଟ୍ରିସିଆନ୍ ବ୍ୟାଚ୍ ୮୭% ନିଯୁକ୍ତି ହାର ରେକର୍ଡ କରିଛି, ଯେଉଁଥିରେ ୩୦ ଜଣ ତାଲିମପ୍ରାପ୍ତ ପ୍ରାର୍ଥୀଙ୍କ ମଧ୍ୟରୁ ୨୬ ଜଣ ଅଗ୍ରଣୀ କମ୍ପାନୀରେ ନିଯୁକ୍ତି ସୁଯୋଗ ହାସଲ କରିଛନ୍ତି। ତିନି ମାସର ଆସିଷ୍ଟାଣ୍ଟ ଇଲେକ୍ଟ୍ରିସିଆନ୍ ତାଲିମ କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀମାନଙ୍କୁ ଶିଳ୍ପ-ପ୍ରାସଙ୍ଗିକ ବୈଷୟିକ ଜ୍ଞାନ ଏବଂ ବ୍ୟବହାରିକ ଦକ୍ଷତା ସହିତ ସଜ୍ଜିତ କରିବା ପାଇଁ ପରିକଳ୍ପନା କରାଯାଇଥିଲା । ନିର୍ଦ୍ଦିଷ୍ଟ ତାଲିମ ସହିତ, ଅଂଶଗ୍ରହଣକାରୀମାନେ ଆଇଟି ପାଠ, ଯୋଗାଯୋଗ ଦକ୍ଷତା, କାର୍ଯ୍ୟସ୍ଥଳୀ ନୈତିକତା, ସାକ୍ଷାତକାର ପ୍ରସ୍ତୁତି, ବ୍ୟକ୍ତିତ୍ୱ ବିକାଶ ଏବଂ ଆଜିର ଚାକିରି ବଜାର ପାଇଁ ସେମାନଙ୍କୁ ପ୍ରସ୍ତୁତ କରିବା ଲାଗି ଅନ୍ୟାନ୍ୟ ନିଯୁକ୍ତି-ବୃଦ୍ଧି ଦକ୍ଷତା ଉପରେ ନିର୍ଦ୍ଦେଶ ପାଇଥିଲେ। ବ୍ୟାଚର ଏକ ପ୍ରମୁଖ ବିଶେଷତ୍ୱ ହେଉଛି କୋଏମ୍ବାଟୁରରେ ୧୧ ଜଣ ପ୍ରାର୍ଥୀଙ୍କୁ ଫ୍ଲିପକାର୍ଟରେ ନିଯୁକ୍ତି ମିଳିଛି। ଏମାନଙ୍କ ମଧ୍ୟରୁ ଅନେକଙ୍କ ପାଇଁ, ନିଜ ନିଜ କାର୍ଯ୍ୟସ୍ଥଳୀକୁ ବିମାନରେ ଯାତ୍ରା କରିବା ଏକ ଜୀବନ ପରିବର୍ତ୍ତନକାରୀ ପ୍ରଥମ ଅନୁଭୂତି ଏବଂ ଆର୍ଥିକ ସ୍ୱାଧୀନତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା। ଏହି ପଦକ୍ଷେପ ଲାଞ୍ଜିଗଡରେ ନିଯୁକ୍ତି ସୃଷ୍ଟି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନକୁ ପ୍ରତିନିଧିତ୍ୱ କରେ, ସ୍ଥାନୀୟ ଯୁବକମାନଙ୍କୁ ଆନୁଷ୍ଠାନିକ ନିଯୁକ୍ତି ପାଇବା ଏବଂ ସ୍ଥାୟୀ କ୍ୟାରିୟର ନିର୍ମାଣ ପାଇଁ ଆବଶ୍ୟକ ଦକ୍ଷତା ଏବଂ ସୁଯୋଗ ସହିତ ସଜ୍ଜିତ କରେ। ଏହି ସଫଳତା ଉପରେ ବକ୍ତବ୍ୟ ରଖି, ଭିଏଏମଏଲର ଆଲୁମିନା ବିଜନେସ୍ ସିଇଓ, ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, 'ଭିଏଏମଏଲରେ, ଆମେ ବିଶ୍ୱାସ କରୁ ଯେ ଅର୍ଥପୂର୍ଣ୍ଣ ଦକ୍ଷତା ବିକାଶ ଜୀବନକୁ ବଦଳାଇ ଦେଇପାରିବ ଏବଂ ଦୀର୍ଘକାଳୀନ ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସୁଯୋଗ ଉନ୍ମୁକ୍ତ କରିପାରିବ। ଏହି ବ୍ୟାଚର ସଫଳତା ଆମର ଯୁବକମାନଙ୍କ ଆକାଂକ୍ଷା ଏବଂ ସଂକଳ୍ପକୁ ପ୍ରତିଫଳିତ କରୁଛି, ଯାହା ଗୁଣାତ୍ମକ ତାଲିମ ଏବଂ ଦୃଢ଼ ଶିଳ୍ପ ସଂଯୋଗ ଦ୍ୱାରା ସମର୍ଥିତ । ଆମେ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ଏବଂ ଯୁବକମାନଙ୍କୁ ନିଜ ପାଇଁ ଏବଂ ସେମାନଙ୍କ ସମ୍ପ୍ରଦାୟ ପାଇଁ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରିବା ପାଇଁ ସଶକ୍ତ କରିବାକୁ ପ୍ରତିଶ୍ରୁତିବଦ୍ଧ। କୋଏମ୍ବାଟୁରରେ ନିଯୁକ୍ତି ପାଇଥିବା ଲାଞ୍ଜିଗଡ଼ର ନିତୁନି ଦଣ୍ଡସେନା କହିଛନ୍ତି, 'ବେଦାନ୍ତ ଦକ୍ଷତା କେନ୍ଦ୍ରରେ ତାଲିମ ମୋତେ ନିଯୁକ୍ତି ସୁରକ୍ଷିତ କରିବା ପାଇଁ ଆବଶ୍ୟକ ବୈଷୟିକ ଦକ୍ଷତା, ଆତ୍ମବିଶ୍ୱାସ ଏବଂ କାର୍ଯ୍ୟସ୍ଥଳୀ ପ୍ରସ୍ତୁତି ଦେଇଥିଲା। ଏକ ଅଗ୍ରଣୀ କମ୍ପାନୀ ଦ୍ୱାରା ମନୋନୀତ ହେବା ଏବଂ ମୋ ଚାକିରିରେ ଯୋଗଦେବା ପାଇଁ ବିମାନରେ ଯାତ୍ରା କରିବା ଏକ ସ୍ୱପ୍ନ ସାକାର ହୋଇଥିଲା । ଏହି ସୁଯୋଗ ମୋତେ ମୋ ପରିବାରକୁ ସମର୍ଥନ କରିବା ଏବଂ ଏକ ଉନ୍ନତ ଭବିଷ୍ୟତ ନିର୍ମାଣ କରିବାର ଆତ୍ମବିଶ୍ୱାସ ଦେଇଛି। ଅନ୍ୟ ପ୍ରାର୍ଥୀମାନଙ୍କ ମଧ୍ୟରେ, ସାପୁଲକୁଟାର ଜଗା ମାଝୀ ମଧ୍ୟ କୋଏମ୍ବାଟୁରର ଫ୍ଲିପ୍‌କାର୍ଟରେ ନିଯୁକ୍ତି ପାଇଥିଲେ, ଯେତେବେଳେ କି ସଞ୍ଜାମକିହେଜୁ ର ଲୋକନାଥ ମାଝୀଙ୍କୁ ଅହମ୍ମଦାବାଦର ଟାଟା ମୋଟର୍ସରେ ନିଯୁକ୍ତି ଦିଆଯାଇଥିଲା, ଯାହା ସଂଗଠିତ ଉତ୍ପାଦନ କ୍ଷେତ୍ରରେ ଏକ ଆଶାଜନକ ସୁଯୋଗ ହାସଲ କରିଥିଲା। ଏହି ସଫଳତା ବେଦାନ୍ତ ଦକ୍ଷତା କେନ୍ଦ୍ରର ପ୍ରଭାବକୁ ଆହୁରି ମଜବୁତ କରିଛି, ଯାହା ଆସିଷ୍ଟାଣ୍ଟ ଇଲେକ୍ଟ୍ରିସିଆନ୍, ଆସିଷ୍ଟାଣ୍ଟ ବେକିଙ୍ଗ୍ ଟେକ୍ନିସିଆନ୍, ଫୁଡ୍ ଆଣ୍ଡ ବେଭରେଜ୍ ସର୍ଭିସ୍ ଏବଂ ସିଲେଇ ମେସିନ୍ ଅପରେଟର ସମେତ ବିଭିନ୍ନ ବ୍ୟବସାୟରେ ଯୁବକମାନଙ୍କୁ ତାଲିମ ଦେଇଛି। ଆଜି ପର୍ଯ୍ୟନ୍ତ ୮୩୧ ଜଣ ପ୍ରାର୍ଥୀ ନିଯୁକ୍ତି ପାଇଛନ୍ତି, ଯାହାର ଫଳସ୍ୱରୂପ ମୋଟ ନିଯୁକ୍ତି ହାର ୭୯% ରହିଛି। ନିଜର ଦକ୍ଷତା ବିକାଶ ପଦକ୍ଷେପ ମାଧ୍ୟମରେ ବେଦାନ୍ତ ଆଲୁମିନିୟମ ଗ୍ରାମୀଣ ଏବଂ ଆଦିବାସୀ ଯୁବକମାନଙ୍କ ପାଇଁ ଅର୍ଥପୂର୍ଣ୍ଣ ନିଯୁକ୍ତି ମାର୍ଗ ସୃଷ୍ଟି କରିବା ଜାରି ରଖିଛି, ଯାହା ଓଡ଼ିଶା ଗ୍ରାମୀଣ ବିକାଶ, ସମାବେଶୀ ଅଭିବୃଦ୍ଧି ଏବଂ ସମଗ୍ର ଅଞ୍ଚଳରେ ଦୀର୍ଘକାଳୀନ ସାମାଜିକ-ଅର୍ଥନୈତିକ ପ୍ରଗତିରେ ଯୋଗଦାନ କରୁଛି।



୨୦୩୦ ସୁଦ୍ଧା ଦୁଇ ନିୟୁତ ଲୋକଙ୍କୁ ଏଆଇ ଦକ୍ଷତା ପ୍ରଦାନ କରିବ ଏସଏପି ଇଣ୍ଡିଆ

ଭୁବନେଶ୍ୱର, ୩୦।୧୦ (ନି.ପ୍ର) : ଏସଏପି ଇଣ୍ଡିଆ ଦେଶର ଡିଜିଟାଲ୍ ପ୍ରତିଭା ଚାହିଦାକୁ ପୂରଣ କରିବା ପାଇଁ ୨୦୩୦ ସୁଦ୍ଧା ଦେଶର ଦୁଇ ନିୟୁତ ଲୋକଙ୍କୁ ଏଆଇ-ଦକ୍ଷ କରିବାର ନିଜର ଲକ୍ଷ୍ୟ ହାସଲ କରିବା ପାଇଁ ନୂତନ କାର୍ଯ୍ୟକ୍ରମଗୁଡ଼ିକର ଘୋଷଣା କରିଛି । ଏହାର ପୂର୍ବରୁ ଥିବା ଶିକ୍ଷାଗତ ପଦକ୍ଷେପଗୁଡ଼ିକ ଉପରେ ଆଧାର କରି, ଏସଏପି ଏଆଇ, କ୍ଲାଉଡ୍, ଡାଟା ଏବଂ ଏଂଟରପ୍ରାଇଜ୍ ସିଷ୍ଟମ କ୍ଷେତ୍ରରେ ବ୍ୟବହାରିକ ପ୍ରଯୁକ୍ତିବିଦ୍ୟାଗୁଡ଼ିକର ପ୍ରସାର ପାଇଁ ଶିକ୍ଷାନୁଷ୍ଠାନ, ସରକାରୀ ସଂସ୍ଥା ଏବଂ ଶିଳ୍ପ ଭାଗିଦାରୀମାନଙ୍କ ସହିତ ମିଳିତ ଭାବରେ କାର୍ଯ୍ୟ କରୁଛି । ବିଶ୍ୱର ଷ୍ଟେମ ଏବଂ ସଫ୍ଟୱେର୍ ଇଞ୍ଜିନିୟରିଂ ପ୍ରତିଭାର ଏକ ବଡ଼ ଅଂଶ ଭାରତ ପାଖରେ ରହିବା ସହିତ ଏବଂ ବିଶ୍ୱବ୍ୟାପୀ ଏସ୍‌ଏପିର ପ୍ରମାଣପତ୍ରପ୍ରାପ୍ତ ଶିକ୍ଷାର୍ଥୀମାନଙ୍କର ପ୍ରାୟ ୪୮% ଭାରତରୁ ରହିବା - ଦେଶଟି ଏଆଇ ଅର୍ଥନୀତିରେ ନେତୃତ୍ୱ ନେବା ପାଇଁ ଦୃଢ଼ ସ୍ଥାନରେ ରହିଛି । ଏସ୍‌ଏପିର ସ୍ଥାନୀୟ ପ୍ରତିଶ୍ରୁତି ୨୦୩୦ ସୁଦ୍ଧା ୧୨ ନିୟୁତ ଲୋକଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଏହାର ବିଶ୍ୱସ୍ତରୀୟ ପ୍ରତିଜ୍ଞାରେ ସିଧାସଳଖ ଅବଦାନ ଦେଉଛି । ଏହି ପଦକ୍ଷେପ ଉପରେ, ଏସଏପି ଇଣ୍ଡିଆନ୍ ସବକଂଟିନେଂଟର ପ୍ରେସିଡେଂଟ ଏବଂ ମ୍ୟାନେଜିଂ ଡାଇରେକ୍ଟର, ମନୀଷ ପ୍ରସାଦ କହିଛନ୍ତି, 'ଭାରତୀୟ ପ୍ରତିଭାମାନଙ୍କୁ ପରବର୍ତ୍ତୀ ପର୍ଯ୍ୟାୟର ନବସୃଜନ ପାଇଁ ପ୍ରସ୍ତୁତ କରିବା ପାଇଁ ଲୋକମାନେ କିପରି ଶିକ୍ଷାଲାଭ କରନ୍ତି, ସେମାନଙ୍କ ଦକ୍ଷତା ପ୍ରୟୋଗ କରନ୍ତି ଏବଂ ତାହାକୁ ସେମାନଙ୍କ କ୍ୟାରିୟରରେ ଉପଯୋଗ କରନ୍ତି, ସେଥିରେ କ୍ରମାଗତ ବିନିଯୋଗ ଆବଶ୍ୟକ।' ଫ୍ୟୁଚର ରାଇଟ୍ ସ୍କିଲ୍ସ ନେଟୱର୍କ, ୟୁନିଭର୍ସିଟି ଆଲାଏନସ୍ ଏବଂ କୋଡ୍ ଉନ୍ନତି ଓ ଏଆଇ କ୍ୟାରିୟର୍ସ ଫର୍ ଓମେନ୍ ସମେତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ପରି ରଣନୈତିକ ଭାଗିଦାରୀ ମାଧ୍ୟମରେ, ଏସଏପି ଶିକ୍ଷାନୁଷ୍ଠାନର ଶିକ୍ଷାକୁ କାର୍ଯ୍ୟକ୍ଷେତ୍ର ପ୍ରସ୍ତୁତି ସହିତ ଯୋଡୁଛି ।

ଯୌତୁକ ପ୍ରଥା ନିରାକରଣ ପାଇଁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଆୟୋଜିତ

ଅନୁଗୋଳ, ୩୦/୧୦(ନି.ପ୍ର) : ସମାଜରୁ ଯୌତୁକ ପ୍ରଥା ଭଳି ଏକ କୁପ୍ରଥାର ମୂଳୋତ୍ପାଟନ କରିବା ଏବଂ ମହିଳାମାନଙ୍କ ସୁରକ୍ଷା ଓ ସେମାନଙ୍କ ଅଧିକାର ସୁନିଶ୍ଚିତ କରିବା ଲକ୍ଷ୍ୟରେ ଆଜି ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ 'ଯୌତୁକ ନିଷେଧ ଅଧିନିୟମ, ୧୯୬୧' ଉପରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୌତୁକ ନିଷେଧ ଆଇନର ଦୃଢ଼ କାର୍ଯ୍ୟକାରିତା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ଉପ ଆରକ୍ଷୀ ଅଧୀକ୍ଷକ ଶ୍ରୀମତୀ ଲଳିତା ଲାକ୍ରା ରିସୋର୍ସ ପର୍ସନ ଭାବେ ଯୋଗଦେଇ ଯୌତୁକର ଆଇନଗତ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏତଦ୍ ବ୍ୟତୀତ, ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼. ଗୌରବମୟ ପ୍ରଧାନ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ପୂର୍ଣ୍ଣିମା ଉଦଗାତା, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ରୀମତୀ ଚିନ୍ମୟୀ ସାମନ୍ତରାୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ପୁଷ୍ପାଞ୍ଜଳି ଶତପଥୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ସନମ୍ ସ୍ମିତା ସାହୁଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡସ୍ତରୀୟ ଅଧିକାରୀ, ଜନପ୍ରତିନିଧି, ୱାନ୍ ଷ୍ଟପ୍ ସେଣ୍ଟର,ଶକ୍ତି ସଦନର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ଶିକ୍ଷିତ, ସଶକ୍ତ ଏବଂ ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ ହେଲେ ଯୌତୁକ ପ୍ରଥାର ନିରୋଧ ସମ୍ଭବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା।



ଜିଲ୍ଲାସ୍ତରୀୟ 'ୱାନ୍ ହେଲ୍‌ଥ' ଟାସ୍କଫୋର୍ସ କମିଟି ବୈଠକ

କଟକ,୩୦।୧୦ (ନି.ପ୍ର): ଜିଲ୍ଲାସ୍ତରୀୟ 'ୱାନ୍ ହେଲ୍‌ଥ' ଟାସ୍କଫୋର୍ସ କମିଟି ବୈଠକ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ 'ୱାନ୍ ହେଲ୍‌ଥ' ଆଭିମୁଖ୍ୟର କାର୍ଯ୍ୟକାରିତା ଉପରେ ବିସ୍ତୃତ ଆଲୋଚନା କରଯାଇଥିଲା। ବିଶେଷକରି ଦେଖା ଦେଉଥିବା ପଶୁପକ୍ଷୀମାନଙ୍କ ଠାରୁ ମଣିଷଙ୍କୁ ସଂକ୍ରମିତ ହେଉଥିବା ରୋଗ (zoonotic diseases) ଗୁଡ଼ିକର ନିୟନ୍ତ୍ରଣ କରିବା ସହ ଲୋକମାନଙ୍କୁ ସଚେତନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ସ୍ୱାଇଁ ମାନବ ସ୍ୱାସ୍ଥ୍ୟ , ପ୍ରାଣୀସ୍ୱାସ୍ଥ୍ୟ ଓ ସୁସ୍ଥ ପରିବେଶ ସମ୍ପର୍କରେ ଆଲୋଚନା କରିଥିଲେ । ଜଳାତଙ୍କ, ସ୍କ୍ରବଟାଇଫସ , ହେପ୍‌ଟୋସାଇରୋସିସ, ଆନ୍ଥ୍ରାକ୍ସ, ବ୍ରୁସେଲୋସିସ, ଜାପାନୀ ମସ୍ତିଷ୍କ ଜ୍ୱର, ନିପାଭାଇରସ ରୋଗ, ଅଭିଯାନ ଇନଫ୍ଲୁଏଞ୍ଜା ରୋଗର ନିରାକରଣ, ଲକ୍ଷଣ ସଂକ୍ରମିତର କାରଣ ଉପରେ ଆଲୋକପାତ କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ସମେତ ସ୍ୱାସ୍ଥ୍ୟ, ପ୍ରାଣୀ ସମ୍ପଦ, ପୋଲିସ, ଶିକ୍ଷା, ବନ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ପୃକ୍ତ ଅଧିକାରୀମାନେ ବୈଠକରେ ଉପସ୍ଥିତ ରହି ସଂକ୍ରାମକ ରୋଗର ପ୍ରତିରୋଧ ଦିଗରେ ସମନ୍ୱିତ ଭାବେ କାର୍ଯ୍ୟ କରିବା ସହ ଆବଶ୍ୟକ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବା ଉପରେ ଆଲୋଚନା କରିଥିଲେ ।



ସମ୍ବଲପୁର ରେଳ ମଣ୍ଡଳ ଅନ୍ତର୍ଗତ ସାଂସଦମାନଙ୍କ ଡିଭିଜନାଲ କମିଟି ବୈଠକ ଅନୁଷ୍ଠିତ



ଭୁବନେଶ୍ୱର,୩୦।୧୦ (ନି.ପ୍ର): ପୂର୍ବ ତଟ ରେଳପଥର ସମ୍ବଲପୁର ରେଳ ମଣ୍ଡଳ ଅଧୀନସ୍ଥ ମାନ୍ୟବର ସାଂସଦମାନଙ୍କୁ ନେଇ ଡିଭିଜନାଲ କମିଟି ବୈଠକ ଆଜି ସମ୍ବଲପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲଙ୍କ ସମେତ ବରିଷ୍ଠ ରେଳ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶା ଓ ଛତିଶଗଡ଼ର ମାନ୍ୟବର ସାଂସଦମାନେ ଏହି ବୈଠକରେ ଯୋଗଦେଇ ଅଞ୍ଚଳର ରେଳ ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ଉପସ୍ଥିତ ମାନ୍ୟବର ସାଂସଦମାନେ ରାଜ୍ୟସଭା ସାଂସଦ ଶ୍ରୀ ସୁଜିତ କୁମାରଙ୍କୁ ଡିଭିଜନାଲ କମିଟିର ଅଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରିଥିଲେ। ଏହି ବୈଠକରେ ମହାସମୁନ୍ଦର ଲୋକସଭା ସାଂସଦ ଶ୍ରୀମତୀ ରୂପ କୁମାରୀ ଚୌଧୁରୀ ଏବଂ କନ୍ଧମାଳର ଲୋକସଭା ସାଂସଦ ଶ୍ରୀ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ। ଏଥିସହିତ ସମ୍ବଲପୁର, ବରଗଡ଼, ବଲାଙ୍ଗୀର ଓ କଳାହାଣ୍ଡିର ମାନ୍ୟବର ସାଂସଦମାନଙ୍କ ପ୍ରତିନିଧିମାନେ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ। ମାନ୍ୟବର ସାଂସଦମାନେ ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ ବିକାଶମୂଳକ ପଦକ୍ଷେପର ପ୍ରଶଂସା କରିବା ସହ ରେଳ ଭିତ୍ତିଭୂମିର ଅଧିକ ସୁଦୃଢ଼ୀକରଣ ପାଇଁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଯାତ୍ରୀ ସୁବିଧାର ଉନ୍ନତି, ଟ୍ରେନ୍ ଓ ରେଳ ଷ୍ଟେସନଗୁଡ଼ିକର ପରିଚ୍ଛନ୍ନତା, ଟ୍ରେନ୍ ଚଳାଚଳର ବୃଦ୍ଧି, ନୂତନ ରେଳପଥ ନିର୍ମାଣ, ଦୁର୍ଗମ ଅଞ୍ଚଳକୁ ଉନ୍ନତ ରେଳ ସଂଯୋଗ, ରେଳ ଓଭରବ୍ରିଜ୍ ଏବଂ ଅଣ୍ଡରବ୍ରିଜ୍ ନିର୍ମାଣ, ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକର ସମୟୋଚିତ ସମାପ୍ତି, ବିଭିନ୍ନ ଷ୍ଟେସନରେ ଟ୍ରେନ ରହଣି ଏବଂ ଅଞ୍ଚଳରେ ରାଜସ୍ୱ ଓ ନିଯୁକ୍ତି ସୃଷ୍ଟି ବୃଦ୍ଧି ଆଦି ବିଷୟ ଉପରେ ବିଶେଷ ଆଲୋଚନା ହୋଇଥିଲା। ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ମାନ୍ୟବର ସାଂସଦମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କର ଗଠନମୂଳକ ପରାମର୍ଶ ଓ ମାର୍ଗଦର୍ଶନ ପାଇଁ ଧନ୍ୟବାଦ ଜଣାଇଥିଲେ। ସେ ପୂର୍ବ ତଟ ରେଳପଥର କାର୍ଯ୍ୟଦକ୍ଷତା, ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଏବଂ ଯାତ୍ରୀ ସେବାର ଉନ୍ନତି ସହ ଅଞ୍ଚଳର ମାଲ ପରିବହନ ଆବଶ୍ୟକତା ପୂରଣ ପାଇଁ ରେଳପଥ ପକ୍ଷରୁ ନିରନ୍ତର ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ କମିଟିକୁ ଅବଗତ କରାଇଥିଲେ । ଏହି ବୈଠକରେ ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକଙ୍କ ସମେତ ପୂର୍ବ ତଟ ରେଳପଥ ମୁଖ୍ୟାଳୟର ବିଭିନ୍ନ ବିଭାଗର ପ୍ରମୁଖ ମୁଖ୍ୟ ଅଧିକାରୀମାନେ ଓ ସମ୍ବଲପୁର ରେଳମଣ୍ଡଳର ଅଧିକାରୀମାନେ ଯୋଗ ଦେଇଥିଲେ।

କେନ୍ଦୁଝରରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ



କେନ୍ଦୁଝର, ୩୦/୧୦ (ନି.ପ୍ର) : ଅକ୍ଟୋବର ୨୬ ରୁ ନଭେମ୍ବର ୧ ପର୍ଯ୍ୟନ୍ତ ପାଳିତ ହେଉଥିବା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ଆଜି କେନ୍ଦୁଝର ଦରବାର ହଲ୍ ଠାରେ ଜିଲ୍ଲା ସ୍ତରୀୟ ସ୍ୱତନ୍ତ୍ର ସମାରୋହ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ 'ସାଧୁତାରୁ ସମୃଦ୍ଧି' ରହିଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାର୍ବଜନୀନ ଜୀବନରେ ସଚ୍ଛୋଟତା, ସ୍ୱଚ୍ଛତା ଓ ନୈତିକତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ପ୍ରଧାନ, ଭିଜିଲାନ୍ସ ବିଭାଗର ଡିଏସପି ସୁଧାଂଶୁ ଶେଖର ପୂଜାରୀ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଯୋଗ ଦେଇ ଦୁର୍ନୀତି ମୁକ୍ତ ସମାଜ ଗଠନରେ ସରକାରୀ ଅନୁଷ୍ଠାନ ଓ ନାଗରିକଙ୍କ ମିଳିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସଚେତନତା ରାଲି ବାହାରିଥିଲା। ଛାତ୍ରଛାତ୍ରୀମାନେ ଦୁର୍ନୀତି ବିରୋଧୀ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇଥିଲେ। ଏହାସହ ସ୍କୁଲ-କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଶ୍ନ ଘେରେରେ ସଚେତନତାର ପ୍ରଭାବ, ପ୍ରତିବର୍ଷ ଏଭଳି ସଚେତନତା କାର୍ଯ୍ୟକ୍ରମ ପାଳନ କରାଯାଉଥିଲେ ମଧ୍ୟ ତୃଣମୂଳ ସ୍ତରରେ ଦୁର୍ନୀତି ପୂରା ନିୟନ୍ତ୍ରଣକୁ ଆସିପାରୁନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। କେବଳ ସଚେତନତା ନୁହେଁ, ଏହା ସହ କଠୋର କାର୍ଯ୍ୟାନୁଷ୍ଠାନ ଓ ସେବା ପ୍ରଦାନରେ ସ୍ୱଚ୍ଛତା ଆସିଲେ ହିଁ 'ସାଧୁତାରୁ ସମୃଦ୍ଧି' ର ଲକ୍ଷ୍ୟ ସାକାର ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

ଋଷିକୁଲ୍ୟା ନଦୀରେ ଜଳସ୍ତର ବୃଦ୍ଧି

କରପଡା,ରାଜପୁର,ଉମୁରି ଧର୍ମ ଶରଣ ପୁରରେରେ ପଶିଲା ବନ୍ୟାଜଳ

ଗଞ୍ଜାମ, ୩୦।୧୦ (ନି.ପ୍ର): ଅର୍ଣ୍ଣବ ସାମୁଦ୍ରିକ ଝଡ଼ରେ ଉପର ମୁଣ୍ଡରେ ଲଗାଣ ବର୍ଷା ପ୍ରଭାବରେ ଗଞ୍ଜାମ ନିକଟସ୍ଥ ଋଷିକୁଲ୍ୟା ନଦୀରେ ବନ୍ୟା ଜଳ ବୃଦ୍ଧି ପାଇଥିବା ଲକ୍ଷ କରାଯାଇଛି । ଯାହାକୁନେଇ କରପଡା ପଞ୍ଚାୟତ ର ବିରିପୁର ଗ୍ରାମରେ ବନ୍ୟାଜଳ ପଶିବା ସହ ଘର ଭିତରେ ପାଣି ପଶିଥିବା ଜଣାପଡ଼ିଛି। ସେହିପରି କରପଡା ପଞ୍ଚାୟତ ର ବିଭିନ୍ନ ଗ୍ରାମ ପାଣି ଘେରରେ ରହିଥିବା ଲକ୍ଷ କରାଯାଇଛି।

ଅନ୍ୟପଟେ ରାଜପୁର ପଞ୍ଚାୟତ ର ରାଜପୁର ଓ କାଚରା ମଧ୍ୟ ବନ୍ୟାଜଳ ପଶିଯାଇଛି । ସେହିପରି ଉମୁରୀ ଧର୍ମ ଶରଣ ପୁର ଗ୍ରାମରେ ବନ୍ୟାଜଳ ପଶି ଯାଇଥିବା ଦେଖିବାକୁ ମିଳିଛି। ଯାହାକୁନେଇ ବିଭିନ୍ନ ପଞ୍ଚାୟତ ରେ ଶସ୍ୟକ୍ଷେତ୍ର ଜଳ ମଗ୍ନ ହୋଇ ଖରିଫ ଓ ରବି ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି।



ନଦୀ ଜଳ ପ୍ରଖର ସ୍ରୋତ ରହିଥିଲେ ମଧ୍ୟ ଗତ ସାମୁଦ୍ରିକ ଝଡ଼ ସମୟରେ ପୁରୁଣାବନ୍ଧ ଗ୍ରାମ ନିକଟରେ ଖୋଲିଥିବା ଦ୍ୱିତୀୟ ନୂତନ ମୁହାଁଣ ଟି ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ସାମ୍ପ୍ରସାରିତ ହୋଇଥିବାରୁ ବନ୍ୟା ଜଳ ସମୁଦ୍ର ମଧ୍ୟକୁ ଠିକ ଭାବେ ନିଷ୍କାସିତ ହୋଇପାରୁଛି ବୋଲି କହିଛନ୍ତି ସ୍ଥାନୀୟ ଅଂଚଳବାସୀ।

ଲଗାଣ ବର୍ଷା ପ୍ରଭାବରେ ଋଷିକୁଲ୍ୟା ସଡ଼କ ପୋଲ କ୍ଷତିଗ୍ରସ୍ତ ହୋଇପଡ଼ିଥିବା ଯୋଗୁଁ ପୁଲିସ ପ୍ରଶାସନ ପକ୍ଷରୁ ଭାରିଯାନ ଗୁଡ଼ିକୁ ଗଞ୍ଜାମ ସହର ଶନି ମନ୍ଦିର ନିକଟରେ ଭାରିଯାନ ଗୁଡ଼ିକୁ ଅଟକ ରଖାଯାଇ ପୋଲ ମଧ୍ୟରେ କ୍ଷତି ଗ୍ରସ୍ତ ହୋଇଥିବା ସ୍ଥାନଅନଙ୍କରେ ସମତୁଲ କରାଯାଇଛି କ୍ଷ ଫଳରେ ଭାରି ଯାନ ଗୁଡ଼ିକ ଜାତୀୟ ରାଜ ପଥରେ ଅଟକି ରହିଥିଲା।

ଆଗାମୀ ଦିନରେ ଆଉ ଗୋଟିଏ ସାମୁଦ୍ରିକ ଝଡ଼ ଆସୁଥିବା ଜାଣି ସ୍ଥାନୀୟ ଅଂଚଳବାସୀ ଆତଙ୍କିତ ହୋଇପଡିଛନ୍ତି।

ଆଞ୍ଚଳିକ ସମ୍ବାଦ
ଶନିବାର, ୩୧ ଅକ୍ଟୋବର ୨୦୨୬, ଭୁବନେଶ୍ୱର Saturday, 31 October, 2026, Bhubaneswar



ଶିଶୁ ଶ୍ରମ ମୁକ୍ତ ଗ୍ରାମପଞ୍ଚାୟତ ସଚେତନତା ଅଭିଯାନ

ପିପିଲି,୩୦।୧୦ (ନି.ପ୍ର): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ, ପୁରୀଙ୍କ ସହାୟତାରେ ଏବଂ ନାରୀ ମଙ୍ଗଳ ମହିଳା ସମିତିର ମିଳିତ ଆୟୋଜନରେ ପିପିଲି ହାଟଛକ ବଜାରରେ ଶିଶୁ ଶ୍ରମ ମୁକ୍ତ ସଚେତନତା ଅଭିଯାନ ପଦଯାତ୍ରା ଓ ଦାସ କାଠିଆ ସାଂସ୍କୃତିକ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ହାଟ ଛକ ଠାରୁ କଲେଜ ଛକ ପର୍ଯ୍ୟନ୍ତ ପଦଯାତ୍ରା ସହିତ ସ୍ଲୋଗାନ ଓ ପ୍ରଚାରପତ୍ର ମାଧ୍ୟମରେ ଲୋକ ମାନଙ୍କୁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ହାଟ ଛକ ଟ୍ରାଫିକ ବଜାର ଠାରେ ଓଡ଼ିଶା ସରକାରଙ୍କ ସ୍ୱୀକୃତି ପ୍ରାପ୍ତ କଳାକାରଙ୍କ ଦ୍ୱାରା ଦାସ କାଠିଆ ପ୍ରଦର୍ଶନ ମାଧ୍ୟମରେ ଶିଶୁ ଶ୍ରମ ମୁକ୍ତି ଆବଶ୍ୟକତା ଓ ନିଷେଧ ଅଧିନିୟମ ସମ୍ପର୍କରେ ସୁନ୍ଦର କଳାତ୍ମକ ସଚେତନ ବାର୍ତ୍ତା ପ୍ରଦାନ କରାଯାଇ ଥିଲା। ପରବର୍ତ୍ତୀ ସମୟର ଅପରାହ୍ନରେ କଣ୍ଟି ବଜାର ଉପରେ ଅନୁରୂପ ଅଭିଯାନ ଓ ଦାସକାଠିଆ ପରିବେଷଣ କରା ଯାଇ ଥିଲା।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସହକାରୀ ଶ୍ରମ ଅଧିକାରିଣୀ ଶ୍ରୀମତୀ ସୋନାଲି ଜେନା, ପିପିଲି ବ୍ଲକ ଲୋକ କଳା ସମିତି ଉପସଭାପତି ପ୍ରହଲ୍ଲାଦ ରାଉତ ଉପସ୍ଥିତ ଥିଲାବେଳେ ନାରୀ ମଙ୍ଗଳ ମହିଳା ସମିତି ସମ୍ପାଦିକା ଶ୍ରୀମତୀ ସସ୍ମିତା ପଣ୍ଡା ଓ ଉପଦେଷ୍ଟା ପ୍ରକାଶ ରାଉତରାୟ ଓ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୁମାର ବାରିକ ଓ ଭ୍ରମର ବାରିକଙ୍କ ଦ୍ୱାରା ପରିବେଷିତ ଦାସକାଠିଆ ଉଚ୍ଚ ପ୍ରଂଶସିତ ହୋଇଥିଲା। ଉକ୍ତ ସଚେତନତା ଶିଶୁ ଶ୍ରମ ମୁକ୍ତି ଅଭିଯାନ ଆଗାମୀ ତିନି ଦିନ ପର୍ଯ୍ୟନ୍ତ ସାର୍ବଜନୀନ ଭାବରେ ବିଭିନ୍ନ ସ୍ଥାନରେ ଚାଲୁ ରହିବ।



ବ୍ରିଟିଶ୍ ଅମଳର ଐତିହ୍ୟ ବହନ କରୁଥିବା ମଧୁପୁର ଗଡ଼ ଡାକ ଘର ଏବେ ଅବହେଳିତ

ଭଙ୍ଗା ଆଜବେଷ୍ଟ ତଳେ ଅସୁରକ୍ଷିତ ଜନତାଙ୍କ ଜମା ଓ ସରକାରୀ ନଥି

ଚଣ୍ଡିଖୋଲ/ମଧୁପୁର ଗଡ଼ (ଧର୍ମଶାଳା), ୩୦।୧୦ (ନି.ପ୍ର): ଯାହା ଥିଲା ଗାଁ ର ଗର୍ବ, ଯାହା ବ୍ରିଟିଶ୍ ଅମଳରୁ ଲୋକଙ୍କ ସୁଖ ଦୁଃଖର ଚିଠି ବାର୍ତ୍ତା ବୋହି ଆଣୁଥିଲା, ଆଜି ସେହି ମଧୁପୁର ଗଡ଼ ଡାକ ଘର ନିଜେ ସହାୟତା ମାଗୁଛି। ଗାଁ ର ବୟୋଜ୍ୟେଷ୍ଠ ମାନେ କୁହନ୍ତି, ଏହା ହେଉଛି ବ୍ରିଟିଶ୍ ଶାସନ ସମୟର ଏକ ପୁରାତନ ପୋଷ୍ଟ ଅଫିସ। ସ୍ୱାଧୀନତା ପୂର୍ବରୁ ଏହି ଅଞ୍ଚଳର ଏକମାତ୍ର ଯୋଗାଯୋଗର ମାଧ୍ୟମ ଥିଲା ଏହି ଡାକ ଘର। ଆଜି ଡିଜିଟାଲ ଯୁଗରେ ମଧ ଏହି ଡାକ ଘରର ଗୁରୁତ୍ୱ କମିନାହିଁ। ଏଠାରେ ପ୍ରତିଦିନ ଶହ ଶହ ଲୋକ ନିଜର ସଞ୍ଚୟ ଖାତା, ନୈନ୍ଦିନ ଜମା, ଫିକ୍ସ ଡିପୋଜିଟ୍, ଜଉ, ମନିଅର୍ଡର କରୁଛନ୍ତି। ଏହା ସହିତ ବ୍ୟାଙ୍କ ଠାରୁ ଆରମ୍ଭ କରି ବ୍ଲକ, ତହସିଲ, ପଞ୍ଚାୟତର ସମସ୍ତ ସରକାରୀ ଗୁରୁତ୍ୱପୂର୍ଣ୍ଣ ଚିଠି ଏହି ବାଟ ଦେଇ ଆସୁଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ହେଉଛି, ଯେଉଁ ଘରେ ଲୋକଙ୍କ ଲକ୍ଷ ଲକ୍ଷ ଟଙ୍କାର ବିଶ୍ୱାସ ଜମା ଅଛି, ସେହି ଘରଟିର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଡାକ ଘରର କାନ୍ଥ ସବୁ ଫାଟି ଆରମ୍ଭ କରିଛି, ଉପର ଆଜବେଷ୍ଟ ଛାତ ସବୁ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇ ଯାଇଛି। ବର୍ଷା ଦିନେ ଭିତରକୁ ପାଣି ଗଳୁଛି, ଗ୍ରୀଷ୍ମ ଦିନେ ଖରା ପଶୁଛି। ଏଭଳି ଖୋଲା ଓ ଭଙ୍ଗା ଘରେ ସରକାରୀ କାଗଜପତ୍ର ରଖିବା କେତେ ଦୂର ସୁରକ୍ଷିତ, ତାହା ସାଧାରଣ ଲୋକେ ପ୍ରଶ୍ନ କରୁଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀ ତଥା ସାମାଜିକ କର୍ମୀମାନେ କହିଛନ୍ତି, ଯଦି ସରକାର ଏଥି ପ୍ରତି ଶୀଘ୍ର ଦୃଷ୍ଟି ନ ଦିଅନ୍ତି, ତେବେ ଦିନେ ଏହି ଐତିହ୍ୟ ଡାକ ଘର ସବୁଦିନ ପାଇଁ ନଷ୍ଟ ହୋଇଯିବ। ନଷ୍ଟ ହେବ ଲୋକଙ୍କ ବହୁ ମୂଲ୍ୟବାନ କାଗଜପତ୍ର। ତେଣୁ କେନ୍ଦ୍ର ସରକାରଙ୍କ ଡାକ ବିଭାଗ ଓ ଓଡ଼ିଶା ସରକାର ମିଳିତ ଭାବେ ଏହି ଡାକ ଘର ପାଇଁ ଏକ ନୂତନ ପକ୍କା ଗୃହ ନିର୍ମାଣ କରିବା ପାଇଁ ସମସ୍ତେ ଦାବି କରିଛନ୍ତି। ଆମେ ଆଶା କରୁଛୁ, ଜିଲ୍ଲା ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବେ।

ଆଜିଠୁ ଶେଷ ପଞ୍ଜୀକରଣ ଆସନ୍ତା ୨ରୁ ୧୦ ଯାଏଁ ଚାଲିବ ବାଲିଯାତ୍ରା ପ୍ଲଟ୍ ନିଲାମ ପ୍ରକ୍ରିୟା

କଟକ, ୩୦/୧୦ (ନି.ପ୍ର) : ଐତିହାସିକ କଟକ ବାଲିଯାତ୍ରା ପାଇଁ ପ୍ଲଟ୍ ପଞ୍ଜିକରଣ ଅବଧିକୁ ଆଉ ଗୋଟିଏ ଦିନ ବୃଦ୍ଧି କରାଯାଇଛି। ଆସନ୍ତାକାଲି ଅର୍ଥାତ୍ ୩୧ ଅକ୍ଟୋବର ପର୍ଯ୍ୟନ୍ତ ପଞ୍ଜିକରଣ ଜାରି ରହିବ। ଅନ୍ୟପକ୍ଷରେ ଆସନ୍ତା ନଭେମ୍ବର ୨ ତାରିଖରୁ ପ୍ଲଟ୍ ନିଲାମ ପ୍ରକ୍ରିୟା ଆରମ୍ଭ ହେବ। ଏହି ପ୍ରକ୍ରିୟା ନଭେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଭିନ୍ନ ପ୍ଲଟ୍ ପାଇଁ ଏକାଧିକ ପଞ୍ଜିକରଣ ହୋଇଥିବାରୁ ପ୍ରାୟ ୩୦୦ରୁ ୪୦୦ଟି ପ୍ଲଟ୍ ନିଲାମ ପ୍ରକ୍ରିୟାରେ ସାମିଲ ହେବା ନେଇ ଆଶା କରାଯାଉଛି। ନିଲାମ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ଲାଗି ପ୍ରାୟ ୭ଟି ଟିମ୍ ଗଠନ କରାଯାଇଛି। ନଭେମ୍ବର ୨ରୁ ୧୦ ତାରିଖ ଯାଏଁ ପ୍ରତିଦିନ ସକାଳ ୧୦ଟାରୁ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିବ। ଅପରାହ୍ନ ୨ଟାରୁ ୩ଟା ପର୍ଯ୍ୟନ୍ତ ମଧ୍ୟାହ୍ନ ବିରତି ରହିବ। ନିଲାମରେ ଭାଗ ନେବା ପାଇଁ ପଞ୍ଜିକରଣ କରିଥିବା ବ୍ୟକ୍ତି ଯଦି ନିଲାମରେ ଭାଗ ନିଅନ୍ତି ନାହିଁ, ତେବେ ସେମାନଙ୍କ ଦାଖଲ କରିଥିବା ଫି' ଫେରସ୍ତ କରାଯିବ ନାହିଁ। ପ୍ଲଟ୍ ପଞ୍ଜିକରଣ ପାଇଁ ବେସ୍ ପ୍ରାଇସ୍ ୬୦ରୁ ୬୫ ଟଙ୍କା ମଧ୍ୟରେ ରଖାଯାଇଥିଲା। ଏଥିସହ ନିଲାମ ପ୍ରକ୍ରିୟା ସମୟରେ ସମସ୍ତ ବିଡରଙ୍କୁ ଉପସ୍ଥିତ ରହିବାକୁ କୁହାଯାଇଛି। କୌଣସି ବିଡର ନିର୍ଦ୍ଧାରିତ ସମୟରେ ଉପସ୍ଥିତ ନଥିଲେ, ତାଙ୍କ ପାଇଁ ସର୍ବାଧିକ ୨ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରାଯିବ। ଚଳିତ ବର୍ଷ ବାଲିଯାତ୍ରାର ପ୍ଲଟ୍ ନିଲାମ ପ୍ରକ୍ରିୟାକୁ ସୁରୁଖୁରୁରେ ଓ ସ୍ୱଚ୍ଛତାର ସହ ସମ୍ପନ୍ନ କରିବାକୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ ସୂଚନା ଦେଇଛନ୍ତି।

ବିଭିନ୍ନ ପ୍ରବେଶ ପଥରେ ଯାନବାହାନ ଯାଞ୍ଚ କଡାକଡି

ନିଶାଡ଼ି ଓ ଅମାନିଆ ଚାଳକଙ୍କ ମନରେ ଛନକା

କାକଟପୁର,୩୦/୧୦ (ନି.ପ୍ର): ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶକ୍ରମେ କାକଟପୁର ପୁଲିସ ପକ୍ଷରୁ ଅଞ୍ଚଳର ବିଭିନ୍ନ ପ୍ରବେଶ ପଥରେ ଆରମ୍ଭ ହୋଇଛି କଡ଼ାକଡ଼ି ଯାନବାହନ ଯାଞ୍ଚ। ରାତ୍ରିକାଳୀନ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ନିଶାସକ୍ତ ଗାଡ଼ି ଚାଳକ ଓ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ଉପରେ ଅଙ୍କୁଶ ଲଗାଇବା ଲକ୍ଷ୍ୟରେ ପୁଲିସର ଏହି ଅଭିଯାନ ଚାଲିଥିବା ଜଣାପଡ଼ିଛି। କାକଟପୁର ବଜାରସ୍ଥିତ ବ୍ଲକ ଛକ ଏବଂ କାକଟପୁର-ଅସ୍ତରଙ୍ଗ ରାସ୍ତାର ମୂଳାଗଡ଼ ଛକଠାରେ ପୁଲିସ ଫୋର୍ସ ମୁତୟନ କରାଯାଇ ଯାନବାହନ ଯାଞ୍ଚକୁ ଜୋରଦାର କରାଯାଇଛି। ନିମାପଡ଼ା-କାକଟପୁର ମୁଖ୍ୟ ରାସ୍ତା ସମେତ ବିଭିନ୍ନ ରାସ୍ତାରେ ଯାତାୟାତ କରୁଥିବା ବାଇକ୍ ଓ ଚାରିଚକିଆ ଗାଡ଼ିଗୁଡ଼ିକୁ ଅଟକାଇ କାଗଜପତ୍ର ଓ ଚାଳକଙ୍କ ଗାଡ଼ି ଚାଳନା ସମ୍ପର୍କରେ ଯାଞ୍ଚ କରାଯାଉଛି। ବିଶେଷକରି ଗୋଟିଏ ବାଇକ୍ ?ରେ ତିନିଜଣ ଯାତ୍ରା କରିବା, ବିନା ହେଲମେଟ୍ ?ରେ ଗାଡ଼ି ଚଳାଇବା ଏବଂ ମଦ୍ୟପାନ କରି ଗାଡ଼ି ଚଳାଉଥିବା ସନ୍ଦିଗ୍ଧ ଚାଳକଙ୍କ ଉପରେ ପୁଲିସର ସ୍ୱତନ୍ତ୍ର ନଜର ରହିଛି। ଅଚାନକ ଏହି ନାକାବନ୍ଦି ଓ ଯାଞ୍ଚ ପ୍ରକ୍ରିୟାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ନିୟମ ଉଲ୍ଲଂଘନକାରୀ ଓ ନିଶାସକ୍ତ ଚାଳକଙ୍କ ମଧ୍ୟରେ ଛନକା ପଶିଛି। କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏସ୍ ?ଆଇ ଅମିତ ପାଢ଼ୀ, ଏଏସ୍ ?ଆଇ ରମେଶ ଚନ୍ଦ୍ର ନିଶାଙ୍କ, ଜହୁର ଖାଁଙ୍କ ସମେତ ପୁଲିସ ଫୋର୍ସ ଏହି ଯାଞ୍ଚ ଅଭିଯାନରେ ସାମିଲ ହୋଇଥିଲେ। ପୁଲିସର ଏଭଳି ନିୟମିତ ଯାଞ୍ଚ ଓ ନାକାବନ୍ଦି ଦ୍ୱାରା ସଡ଼କ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ହେବା ସହ ଅପରାଧ ନିୟନ୍ତ୍ରଣରେ ମଧ ସହାୟକ ହେବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି।



ଗଞ୍ଜେଇ ଚାଷ ନଷ୍ଟ ପରେ ଜୀବିକା ସଙ୍କଟ

ସିର୍ଲିମେଟୋବାସୀଙ୍କୁ ଥଇଥାନ ପାଇଁ ପ୍ରଶାସନର ପଦକ୍ଷେପ : ବିକଳ୍ପ ରୋଜଗାର ଉପରେ ଗୁରୁତ୍ୱ

ମାଲକାନଗିରି :୩୦/୧୦ (ନି.ପ୍ର) ; ଗଞ୍ଜେଇ ଚାଷ ନଷ୍ଟ ହେବା ପରେ ଜୀବିକା ହରାଇ ଚିନ୍ତାରେ ପଡ଼ିଛନ୍ତି ମାଲକାନଗିରି ଜିଲ୍ଲା ବଡ଼ପଡ଼ା ପଞ୍ଚାୟତ ଅନ୍ତର୍ଗତ ସିର୍ଲିମେଟୋ ଗ୍ରାମର ଅନେକ ପରିବାର। ବର୍ଷ ବର୍ଷ ଧରି ବେଆଇନ ଗଞ୍ଜେଇ ଚାଷ ଉପରେ ନିର୍ଭର କରି ଆସୁଥିବା ଗ୍ରାମବାସୀଙ୍କ ସମ୍ମୁଖରେ ଏବେ ପରିବାର ପ୍ରତିପୋଷଣର ଚିନ୍ତା ଦେଖାଦେଇଛି। ଏଭଳି ସ୍ଥିତିରେ ଗ୍ରାମବାସୀଙ୍କୁ ବିକଳ୍ପ ଜୀବିକା ଯୋଗାଇ ଦେବା ସହ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ଆଗେଇ ଆସିଛି ଜିଲ୍ଲା ପ୍ରଶାସନ। ପାହାଡ଼ିଆ ଅଞ୍ଚଳରେ ସୀମିତ ରୋଜଗାର ସୁଯୋଗ ଓ ଆର୍ଥିକ ଅନଟନ ଯୋଗୁଁ ସିର୍ଲିମେଟୋର ଅନେକ ପରିବାର ଗଞ୍ଜେଇ ଚାଷ ଉପରେ ନିର୍ଭରଶୀଳ ହୋଇପଡ଼ିଥିଲେ। ଅଭିଯୋଗ ଅନୁଯାୟୀ, କିଛି ଦଲାଲଙ୍କ ପ୍ରଲୋଭନରେ ପଡ଼ି ଗ୍ରାମବାସୀ ଏହି ବେଆଇନ ଚାଷକୁ ଜୀବିକାର ମାଧ୍ୟମ କରିଥିଲେ। ତେବେ ଗଞ୍ଜେଇ ଚାଷ ନଷ୍ଟ ହେବା ପରେ ରୋଜଗାରର ଅନ୍ୟ ବାଟ ନଥିବାରୁ ଗ୍ରାମବାସୀଙ୍କ ଚିନ୍ତା ବଢ଼ିଛି। ଏହାର ବିକଳ୍ପ ଭାବେ ବୈଧ ଚାଷ ଓ ଅନ୍ୟାନ୍ୟ ଜୀବିକାର ସୁଯୋଗ ସୃଷ୍ଟି କରିବାକୁ ସେମାନେ ଦାବି କରିଥିଲେ। ଗ୍ରାମବାସୀଙ୍କ ଜୀବିକା ସଙ୍କଟ ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରସାରଣ ହେବା ପରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଗ୍ରାମବାସୀଙ୍କ ସମସ୍ୟାର ସମାଧାନ ଓ ବିକଳ୍ପ ରୋଜଗାରର ବାଟ ଖୋଜିବା ପାଇଁ ଜିଲ୍ଲା ପ୍ରଶାସନ, ପୁଲିସ, ବନ ବିଭାଗ, ଆଇଟିଡିଏ ଓ ଚିତ୍ରକୋଣ୍ଡା ବ୍ଲକ ପ୍ରଶାସନର ଅଧିକାରୀଙ୍କ ସହ ତହସିଲଦାର ଗ୍ରାମରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ସୂଚନା ଅନୁଯାୟୀ, ପୁଲିସ ପକ୍ଷରୁ ଗ୍ରାମବାସୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେଳେ ବନ ବିଭାଗ ପକ୍ଷରୁ ମାଣ୍ଡିଆ ମିଲ୍ ? ଓ ଜାପ୍ରା ଚାରା ଯୋଗାଇ ଦିଆଯାଇଛି। ଏଥିସହ ଗ୍ରାମରେ ରହିଥିବା ବିଦ୍ୟୁତ୍, ପାନୀୟ ଜଳ ଓ ଅଙ୍ଗନବାଡ଼ି ସମ୍ପର୍କିତ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଆଲୋଚନା ହୋଇଛି। ସେହିପରି ଆଇଟିଡିଏ ପକ୍ଷରୁ ଗ୍ରାମବାସୀଙ୍କୁ ବିଭିନ୍ନ ଚାଷ ସାମଗ୍ରୀ, ଫଳ ଓ ପନିପରିବା ଚାରା, ବିହନ ଯୋଗାଇବା ସହ କୁକୁଡ଼ା ଓ ଛେଳି ପାଳନ ଭଳି ଜୀବିକାମୂଳକ କାର୍ଯ୍ୟ ପାଇଁ ସହାୟତା ଦେବାର ଯୋଜନା ରହିଛି। ଏହାଦ୍ୱାରା ଗ୍ରାମବାସୀ ବେଆଇନ ଚାଷରୁ ଦୂରେଇ ରହି ବୈଧ ଚାଷ ଓ ଅନ୍ୟାନ୍ୟ ରୋଜଗାର ମାଧ୍ୟମରେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ଆଶା କରାଯାଉଛି। ତେବେ କେବଳ ଆର୍ଥିକ ସହାୟତା କିମ୍ବା ଚାରା ବଣ୍ଟନରେ ଗ୍ରାମବାସୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ନାହିଁ। ଚାଷ ପାଇଁ ଆବଶ୍ୟକ ସହାୟତା ସହ ଉତ୍ପାଦିତ ସାମଗ୍ରୀର ବିକ୍ରି ବ୍ୟବସ୍ଥା, ବଜାର ସୁବିଧା ଓ ନିୟମିତ ରୋଜଗାରର ବାଟ ସୃଷ୍ଟି କରିବା ମଧ ଜରୁରୀ। ଘୋଷଣା ଓ ପ୍ରତିଶ୍ରୁତି କେତେ ଶୀଘ୍ର ବାସ୍ତବ ରୂପ ନେଉଛି, ତାହା ଉପରେ ସିର୍ଲିମେଟୋବାସୀଙ୍କ ଭବିଷ୍ୟତ ନିର୍ଭର କରୁଛି।



ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ୨୪ତମ କିସ୍ତି ବିତରଣ

୧,୬୨,୨୩୦ ଜଣ ହିତାଧିକାରୀଙ୍କୁ ମିଳିଲା ୩୧ କୋଟି ୩୨ କୋଟି ଟଙ୍କା

କଟକ,୩୦।୧୦ (ନି.ପ୍ର) : ଜଗତପୁରସ୍ଥିତ କୃଷି ଭବନ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଆଜି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ)ର ୨୪ତମ କିସ୍ତି ପ୍ରଦାନ କରାଯାଇଛି। ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ଯୋଗ୍ୟ କୃଷକ ପରିବାରମାନଙ୍କ ଖାତାକୁ ୨ ହଜାର ଟଙ୍କା ଲେଖାଏଁ ସିଧାସଳଖ ପ୍ରେରଣ କରାଯାଇଛି। କଟକ ଜିଲ୍ଲାର ୧,୬୨,୨୩୦ ଜଣ ହିତାଧିକାରୀଙ୍କୁ ୨ ହଜାର ଟଙ୍କା ଲେଖାଏଁ ମୋଟ ୩୧ କୋଟି ୬୮ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେହିପରି ରାଜ୍ୟର ୩୫ ଲକ୍ଷରୁ ଅଧିକ କୃଷକ ପରିବାରଙ୍କୁ ୭୦୦ କୋଟି ଟଙ୍କାର ଆର୍ଥିକ ସହାୟତା ମିଳିଛି। ଏହା କୃଷକମାନଙ୍କୁ କୃଷି କାର୍ଯ୍ୟରେ ସହାୟକ ହେବ। ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭଉସାହେବ ଶିନ୍ଦେ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ କମଳକାନ୍ତ ପାଣିଗ୍ରାହୀ ବରିଷ୍ଠ ବୈଜ୍ଞାନିକ ତଥା କୃଷି ବିକାଶ କେନ୍ଦ୍ର କଟକର ମୁଖ୍ୟ ଶ୍ରୀ ରଞ୍ଜନ କୁମାର ମହାନ୍ତ, ସହକାରୀ କୃଷି ନିର୍ଦ୍ଦେଶକ ଶ୍ରୀମତୀ ଅସୀମା ମିଶ୍ର, କାର୍ଯ୍ୟକ୍ରମରେ ଯୋଗ ଦେଇ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ।

ଗୁଜରାଟର ବନସକଣ୍ଠାଠାରେ ଆୟୋଜିତ ଜାତୀୟସ୍ତରର ପିଏମ କିଷାନ ଉତ୍ସବ ଦିବସ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୃଷକ ପରିବାରମାନଙ୍କୁ ପିଏମ୍-କିଷାନର ଏହି କିସ୍ତି ଅର୍ଥ ଡିବିଟି ମାଧ୍ୟମରେ ପ୍ରଦାନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆଭାସୀ ମାଧ୍ୟମରେ ଦେଶର କୃଷକମାନଙ୍କୁ ଉଦ୍‌ବୋଧନ କରିବା ସହ ପ୍ରାକୃତିକ ପ୍ରଣାଳୀରେ ଚାଷ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ଚାଷୀ ତାଲିମ ଓ ଦକ୍ଷତା ବିକାଶ କକ୍ଷରେ ଆୟୋଜିତ ଜିଲ୍ଲାସ୍ତରୀୟ ପିଏମ କିଷାନ ଉତ୍ସବ ସମାରୋହରେ ବନସକଣ୍ଠା, ଗୁଜରାଟରୁ ସିଧା ପ୍ରସାରଣ ଏଲଏଇଡି ପରଦା ମାଧ୍ୟମରେ ପ୍ରସାରିତ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଶୁଣି ଜିଲ୍ଲାର କୃଷକ ଭାଇଭଉଣୀମାନେ ଖୁସି ଜାହିର କରିଥିଲେ।





ଅମ୍ବିକାଇ ଗଣ ପରିଷଦ ପକ୍ଷରୁ ମହାବାତ୍ୟାର ୨୭ତମ ସ୍ମୃତି ଦିବସ ପାଳିତ

ପାରାଦୀପ, ୩୦।୧୦ (ନି.ପ୍ର): ଅମ୍ବିକାଇ ଗଣ ପରିଷଦ ଆନୁକୂଲ୍ୟରେ ମହାବାତ୍ୟା ର ୨୭ତମ ସ୍ମୃତି ଦିବସ ଅକ୍ଟୋବର ୨୯ ତାରିଖ ଗୁରୁବାର ଦିନ ପାରାଦୀପ ସ୍ଥିତ ବାବା ସାହେବ୍ ଆମ୍ବେଦକର ଭବନରେ ପାଳିତ ହୋଇଯାଇଛି। ଏହି ଅବସରରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଏବଂ ପୂର୍ବତନ ସାଂସଦ ଡା.କୁଳମଣି ସାମଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମହାବାତ୍ୟା ର ଅନୁଭୂତି ପ୍ରକାଶ କରିବାସହ ଅଙ୍ଗେ ଲିଭେଇ ଥିବା ହୃଦୟ ବିଦାରକ ଦୃଶ୍ୟକୁ ବର୍ଣ୍ଣନା କରିଥିଲେ। ଜଗତସିଂହପୁର ଜିଲ୍ଲା ଏରସମା କୁ ପୁନଃଉଦ୍ଧାର କରିବାକୁ ଡାକ୍ତର ଦାମୋଦର ରାଉତଙ୍କ ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଷଦ ସୁବ୍ରତ କୁମାର ପ୍ରଧାନ, ଲେଡିସ୍ କ୍ଲବ ର ସଭାନେତ୍ରୀ ଶ୍ରୀମତୀ ପ୍ରିତିଆରତୀ ପରିଜା,ଇଫକୋ ଲେଡିଜ କ୍ଲବ ର ସଭାନେତ୍ରୀ ଚନ୍ଦନା ପ୍ରିୟଦର୍ଶିନୀ ସାହୁ ଏବଂ ବରିଷ୍ଠ ବାମପନ୍ଥୀ ନେତା ତଥା କବି ବାବୁରାମ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ୧୯୯୯ ମସିହା ମହାବାତ୍ୟା ର ଅନୁଭୂତି ତଥା ଆଗାମୀ ପ୍ରାକୃତିକ ବିପର୍ଯ୍ୟୟ ସମୟ ର ସତର୍କତା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଉତ୍କଳ ସମ୍ମିଳନୀର ସଭାପତି ଧ୍ରୁବ ଚରଣ ମହାପାତ୍ର ବିଗତ ମହାବାତ୍ୟାର ଅନୁଭୂତି ଉପରେ ଆଲୋକପାତ କରିଥିଲେ। ଏଥିରେ କବୟିତ୍ରୀ ପ୍ରେମ ଲତା ବାରିକ ସଭା ପରିଚାଳନା କରିଥିବା ବେଳେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ ଡା.ଅରବିନ୍ଦ ନାୟକ କ୍ଷ ଅନ୍ୟ ମାନଙ୍କ ମଧ୍ୟରେ ଅମ୍ବିକା ପ୍ରସାଦ ମହାପାତ୍ର, କବି ନଗେନ୍ଦ୍ର ନାଥ ସ୍ୱାଇଁ,କବି ରମେଶ ଚନ୍ଦ୍ର ତ୍ରିପାଠୀ, କବି ଉର୍ମିଳା ମହାନ୍ତି ନିଜ ଅନୁଭୂତି ବ୍ୟକ୍ତ କରିଥିବା ବେଳେ କବୟତ୍ରୀ ତୁଳସୀ ବରାଳଙ୍କ ସଂଯୋଜନା ରେ କବି ନିମାଇଁ ଚରଣ ମହାପାତ୍ର, ରଞ୍ଜନ କୁମାର ଲେଙ୍କା,ଟୁନି ଖୋଜି, ନଳିନୀପ୍ରଭା ସାହୁ,ନିଳିମା ପ୍ରିୟଦର୍ଶିନୀ, ଧର୍ମପଦ ବାଡୋଇ ପ୍ରମୁଖ ନିଜ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ କବୟତ୍ରୀ ସଙ୍ଘମିତ୍ରା ସ୍ୱାଇଁ କବିତା ପାଠ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।



ଓଡ଼ିଶା ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟସର ମାଲକାନଗିରି ଶାଖା MUJ ର ନୂତନ କର୍ମକର୍ତ୍ତା ଚୟନ

ମାଲକାନଗିରି, ୩୦/୧୦ (ନି.ପ୍ର) : ମାଲକାନଗିରି ଜିଲ୍ଲାର ସାମ୍ବାଦିକତା ଜଗତ ପାଇଁ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ଆଜି ଓଡ଼ିଶା ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟସର ମାଲକାନଗିରି ଶାଖା ତଥା ମାଲକାନଗିରି ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟସ (MUJ) ର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଏବଂ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଗଟଔ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମାଲକାନଗିରି ଜିଲ୍ଲା ସଦର ମହକୁମା ସମେତ ଜିଲ୍ଲାର ସମସ୍ତ ବ୍ଲକରୁ ଆସିଥିବା ଗଟଔ ର ସଦସ୍ୟମାନେ ଉପସ୍ଥିତ ଥିଲେ। ସଂଘର ସୁଦୃଢ଼ୀକରଣ, ସାମ୍ବାଦିକମାନଙ୍କ ସୁରକ୍ଷା ଏବଂ ସଙ୍ଗଠନକୁ ଆହୁରି ଶକ୍ତିଶାଳୀ କରିବା ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକର ମୁଖ୍ୟ ଆକର୍ଷଣ ଥିଲା ନୂତନ କର୍ମକର୍ତ୍ତା ଚୟନ। ଉପସ୍ଥିତ ସମସ୍ତ ସଦସ୍ୟଙ୍କ ସର୍ବସମ୍ମତି କ୍ରମେ ଜିଲ୍ଲା ସ୍ତରୀୟ ନୂତନ କମିଟି ଗଠନ କରାଯାଇଛି। ଏଥିରେ ବରିଷ୍ଠ ସାମ୍ବାଦିକ ଶ୍ରୀ ଦେବପ୍ରସାଦ ଦାଶଙ୍କୁ ପୁନର୍ବାର ଚତୁର୍ଥ ଥର ପାଇଁ ସଭାପତି ଭାବେ ନିର୍ବାଚିତ କରାଯାଇଛି। ତାଙ୍କ ନେତୃତ୍ୱରେ ବିଗତ ବର୍ଷଗୁଡିକରେ ସଂଗଠନ ଯେଉଁ ସଫଳତା ହାସଲ କରିଛି, ତାହାକୁ ଦୃଷ୍ଟିରେ ରଖି ସଦସ୍ୟମାନେ ତାଙ୍କ ଉପରେ ପୁନର୍ବାର ଆସ୍ଥା ପ୍ରକଟ କରିଛନ୍ତି।

ସେହିପରି ଶ୍ରୀ ସତ୍ୟ ନାରାୟଣ ପଣ୍ଡାଙ୍କୁ ଉପ-ସଭାପତି, ଶ୍ରୀ କାମରାଜ ଜେନାଙ୍କୁ ସମ୍ପାଦକ ଏବଂ ଶ୍ରୀ ଭୋଳାନାଥ ମଲ୍ଲିକଙ୍କୁ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ଜିଲ୍ଲା କମିଟି ସହିତ ବ୍ଲକ ସ୍ତରୀୟ ସଭାପତିମାନଙ୍କୁ ମଧ ଚୟନ କରାଯାଇଛି। ଏଥିରେ ଶ୍ରୀ ଶିବ ପ୍ରସାଦ କୀର୍ତ୍ତନିୟାଙ୍କୁ ମାଲକାନଗିରି ବ୍ଲକ ସଭାପତି, ଶ୍ରୀ ଜୀବନ କୃଷ୍ଣ ଦାସଙ୍କୁ କାଲିମେଲା ବ୍ଲକ, ଶ୍ରୀ ଲକ୍ଷ୍ମୀ କାନ୍ତ ତ୍ରିପାଠୀଙ୍କୁ ପଡ଼ିଆ ବ୍ଲକ, ଶ୍ରୀ ହରିବନ୍ଧୁ ଗୋତମଙ୍କୁ ଚିତ୍ରକୋଣ୍ଡା ବ୍ଲକ ଏବଂ ଶ୍ରୀ ରବିରଶ୍ମି ଗୁରୁଙ୍କୁ କୋରକୋଣ୍ଡା ବ୍ଲକର ସଭାପତି ଭାବେ ମନୋନୀତ କରାଯାଇଛି। ନୂତନ କମିଟି ଗଠନ ପରେ ସମସ୍ତ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ସଦସ୍ୟମାନେ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ସଙ୍ଗଠନକୁ ଆହୁରି ମଜବୁତ କରିବା, ସାମ୍ବାଦିକମାନଙ୍କ ହକ ପାଇଁ ଲଢେଇ ଜାରି ରଖିବା ଏବଂ ଜନସାଧାରଣଙ୍କ ସମସ୍ୟାକୁ ଲୋକଲୋଚନକୁ ଆଣିବା ପାଇଁ ସଂକଳ୍ପ ନେଇଥିଲେ। ସଭାପତି ଶ୍ରୀ ଦାଶ ତାଙ୍କ ଅଭିଭାଷଣରେ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇବା ସହ ସଙ୍ଗଠନର ଏକତା ଏବଂ ଶୃଙ୍ଖଳା ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ।



ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ଜଗତସିଂହପୁର, ୩୦।୧୦ (ନି.ପ୍ର): ଓଡିଶା ସରକାରଙ୍କ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୬ ତା ୨୬.୧୦.୨୬ ରିଖ ଠାରୁ ତା ୦୧.୦୧.୨୦୨୬ ରିଖ ପର୍ଯ୍ୟନ୍ତ ପାଳନ କରାଯାଉଅଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ସ୍ତରରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ ଙ୍କ ଅଧକ୍ଷତାରେ ଏକ ସଚେତନତା ସଭା ର ଆୟୋଜନ କରାଯାଇଥିଲା। 'ସାଧୁତା ରୁ ସମୃଦ୍ଧି ' ମୂଳମନ୍ତ୍ର ରେ ଆୟୋଜିତ ଏହି ସଭାରେ ମୁଖ୍ଯ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ କହିଥିଲେ ଯେ ଜଣେ ଅଧିକାରୀଙ୍କ ପ୍ରକୃତ ସଫଳତା ତାଙ୍କ ପଦବୀ କିମ୍ବା ଆର୍ଥିକ ଉପାର୍ଜନରେ ନୁହେଁ; ବରଂ ତାଙ୍କ ସଚ୍ଚୋଟତା, କର୍ତ୍ତବ୍ୟନିଷ୍ଠା ଓ ଲୋକଙ୍କ ମନରେ ଛାଡ଼ିଯାଇଥିବା ସୁନାମରେ ରହିଛି। ଦୁର୍ନୀତି ବିରୋଧରେ ଲଢେଇ କରିବା ସହିତ ପ୍ରତ୍ୟେକ ସରକାରୀ ଅଧିକାରୀ ନିଜ ଜୀବନରେ ସଚ୍ଚୋଟତା ଓ ନୈତିକତାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ ଉପଦେଶ ଦେଇଥିଲେ। ସଭାରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା କହିଲେ ଯେ ଦୁର୍ନୀତି ନିରାକରଣ କ୍ଷେତ୍ରରେ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଦୁର୍ନୀତି ବିରୋଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରୁଥିବା ଭିଜିଲାନ୍ସ ବିଭାଗର କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ। ଦୁର୍ନୀତିକୁ ଗମ୍ଭୀରତାର ସହ ନେବା ସହ ଅଧିକାରୀମାନଙ୍କ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ଦିଗରେ ବିଭାଗ ଯେଉଁ ପଦକ୍ଷେପ ଗ୍ରହଣ କରୁଛି, ତାହା ନିଶ୍ଚିତ ଭାବେ ପ୍ରଶଂସାଯୋଗ୍ୟ। ସଭାରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ କହିଲେ ଯେ, ଦୁର୍ନୀତି କେବଳ ଏକ ଆଇନଗତ ଅପରାଧ ନୁହେଁ, ଏହା ସମାଜର ନୈତିକ ମୂଲ୍ୟବୋଧ, ସାମାଜିକ ନ୍ୟାୟ ଏବଂ ସାମଗ୍ରିକ ବିକାଶ ପାଇଁ ଏକ ବଡ଼ ପ୍ରତିବନ୍ଧକ। ଦୁର୍ନୀତି ନିରାକରଣ ପାଇଁ ସରକାରୀ ଯୋଜନା ଗୁଡ଼ିକର ସଠିକ୍ କାର୍ଯ୍ୟକାରିତା, ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ। ସୁଶାସନ ପ୍ରତିଷ୍ଠା କରିବାକୁ ହେଲେ ଆମକୁ ନିରପେକ୍ଷତା, ସ୍ୱଚ୍ଛତା, ସଚ୍ଚୋଟତା ଏବଂ ଉତ୍ତରଦାୟିତ୍ୱକୁ ନିଜ କାର୍ଯ୍ୟର ମୂଳମନ୍ତ୍ର କରିବାକୁ ପଡ଼ିବ। ସଭାରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗରୁ ଆସିଥିବା ଏକ ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇଥିଲା। କୃତୀ ପ୍ରତିଯୋଗୀ ମାନେ ଦୁର୍ନୀତି ନିବାରଣ ଦିଗରେ ନିଜ ବକ୍ତବ୍ୟ ସୁନ୍ଦର ଭାବରେ ରଖିଥିଲେ। ଶେଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଆୟୋଜିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଓଡିଆ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଆଜିର ଆୟୋଜିତ ଏହି ସଭାରେ ଦୁର୍ନୀତି ନିବାରଣ ବିଭାଗର ଉପ ଆରକ୍ଷୀ ଅଧିକ୍ଷକ, ଶ୍ରୀମତୀ ଅନୁପମା ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀ ସୁଭାଷ ଚନ୍ଦ୍ର ରାଉତ ସଭା ପରିଚାଳନା କରିଥିଲେ। ବିଭିନ୍ନ ବିଭାଗର ଅଧିକାରୀ,ସ୍କୁଲ କଲେଜ ର ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ,ସହରର ବରିଷ୍ଠ ନାଗରିକ ଏବଂ ଗଣମାଧ୍ୟମ ର ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ଏହା ସହିତ ଆଜି ଏକ ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ଠାରୁ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ,ଏହି ଶୋଭାଯାତ୍ରା ଏବଂ ଏକ ସଚେତନତା ରଥ ର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ରେ ବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଜନ ସାଧାରଣ,ସ୍ୱୟଂ ସହାୟକ ଗୋଷ୍ଠୀ ମା ମାନେ ଯୋଗଦେଇ ଦୁର୍ନୀତି ନିବାରଣ ସମ୍ପର୍କୀୟ ସ୍ଲୋଗାନ ଦେଇ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ସ୍ୱୟଂ ସହାୟକ ଗୋଷ୍ଠୀ ମା ମାନେ ଦୁର୍ନୀତି ବିରୋଧୀ ରଙ୍ଗୋଲି କରିଥିଲେ। ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଏକ ସଚେତନତା ରଥ ସହର ରେ ବୁଲି ଦୁର୍ନୀତି ବିରୁଦ୍ଧ ରେ ନାରା ଓ ସଚେତନତା ବାର୍ତ୍ତା ପ୍ରଚାର କରିଥିଲା। ଏହି ଶୋଭାଯାତ୍ରା ରେ ଦୁର୍ନୀତି ନିବାରଣ ବିଭାଗର ଉପ ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୁର୍ନୀତି ନିବାରଣ ବିଭାଗର ଇନ୍ସପେକ୍ଟର ସିଦ୍ଧାର୍ଥ କୁମାର ରାଉତ, ଜିଲ୍ଲା ସ୍ତରୀୟ ଅଧିକାରୀ , କର୍ମଚାରୀ ତଥା ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଶୋଭାଯାତ୍ରାରେ ଭାଗ ନେଇଥିଲେ।



୩,୮୫୫ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ମଞ୍ଜୁରୀ, ୭ ହଜାର ନିଯୁକ୍ତି ସୃଷ୍ଟି ସମ୍ଭାବନା

ଭୁବନେଶ୍ୱର ୨୯।୧୦ : ୩,୮୫୫.୩୮ କୋଟି ଟଙ୍କାର ୨୨ଟି ଶିଳ୍ପ ପୁଞ୍ଜିନିବେଶ ପ୍ରସ୍ତାବକୁ ଓଡ଼ିଶା ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏହି ପ୍ରସ୍ତାବଗୁଡ଼ିକ ମାଧ୍ୟମରେ ୭,୭୬୫ ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ୧୫୧ତମ ରାଜ୍ୟ ସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ ମଞ୍ଜୁରୀ କର୍ତ୍ତୃପକ୍ଷ (ଏସଏଲଏସଡବ୍ଲୁସିଏ) ବୈଠକରେ ଏହି ପ୍ରସ୍ତାବଗୁଡ଼ିକୁ ଅନୁମୋଦନ କରାଯାଇଛି ।ଅନୁମୋଦିତ ପ୍ରକଳ୍ପଗୁଡ଼ିକ ପର୍ଯ୍ୟଟନ, ଜୈବ ଇନ୍ଧନ, ଉତ୍ପାଦନ, ମହାକାଶ ଓ ପ୍ରତିରକ୍ଷା, ରସାୟନ ଓ ପେଟ୍ରୋରସାୟନ, ଭିତ୍ତିଭୂମି, ପ୍ଲାଷ୍ଟିକ୍, ଔଷଧ, ବିଶ୍ୱସ୍ତରୀୟ ଦକ୍ଷତା କେନ୍ଦ୍ର, ଇସ୍ପାତ ଡାଉନଷ୍ଟ୍ରିମ୍ ଶିଳ୍ପ, କାଗଜ ଓ ପ୍ୟାକେଜିଂ ଆଦି ୧୧ଟି କ୍ଷେତ୍ର ରହିଛି । ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାର ୧୨ଟି ଜିଲ୍ଲା ଅନୁଗୋଳ, ବାଲେଶ୍ୱର, ଭଦ୍ରକ, କଟକ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, ଖୋର୍ଦ୍ଧା, ନୟାଗଡ଼, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ରେ ପ୍ରତିଷ୍ଠା ହେବ।

କାଗଜ, ପ୍ୟାକେଜିଂ ଓ ପ୍ଲାଷ୍ଟିକ୍ କ୍ଷେତ୍ରରେ ଦୁଇଟି ପ୍ରମୁଖ ପୁଞ୍ଜିନିବେଶ ପ୍ରସ୍ତାବ ରହିଛି । ଏହି ଦୁଇଟି ପ୍ରକଳ୍ପରେ ମୋଟ ୧,୦୨୯.୯୧ କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହ ୧,୯୬୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି । ଆଲିଶା ଟୋରେଣ୍ଟ କ୍ଲୋଜର୍ସ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍ ନୟାଗଡ଼ରେ ୫୨୯.୯୧ କୋଟି ଟଙ୍କା ବିନିଯୋଗ କରି ବୋତଲରେ ଭର୍ତ୍ତି ପାନୀୟ ପାଇଁ ଠିପି ଓ ସିଲ୍ ନିର୍ମାଣ କରିବ । ଏହି ପ୍ରକଳ୍ପ ମାଧ୍ୟମରେ ୨୫୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ଆକଳନ କରାଯାଇଛି ।ଷ୍ଟାର୍କ ରିଜ୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାଠାରେ କାଗଜ ଓ କାଗଜଜାତ ଦ୍ରବ୍ୟ ଉତ୍ପାଦନ ପାଇଁ ଏକ ଶିଳ୍ପ ୟୁନିଟ୍ ପ୍ରତିଷ୍ଠା କରିବା ନିମନ୍ତେ ୫୦୦ କୋଟି ଟଙ୍କା ବିନିଯୋଗ କରିବ ।

ସଂକୁଚିତ ଜୈବ ଗ୍ୟାସ୍ (ସିବିଜି) ସମ୍ବନ୍ଧୀୟ ତିନୋଟି ପ୍ରସ୍ତାବିତ ପ୍ରକଳ୍ପରେ ମୋଟ ୬୮୦ କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହ ୯୮୪ଟି ନିଯୁକ୍ତି ସୁଯୋଗ ସୃଷ୍ଟି



ହେବାର ସମ୍ଭାବନା ରହିଛି । ଏହି ପ୍ରକଳ୍ପଗୁଡ଼ିକ ଅନୁଗୋଳ, ଯାଜପୁର, ସମ୍ବଲପୁର, ସୁନ୍ଦରଗଡ଼ ଓ ବାଲେଶ୍ୱର ଜିଲ୍ଲାରେ ପ୍ରତିଷ୍ଠା କରାଯିବାକୁ ପ୍ରସ୍ତାବ ରହିଛି । ଇସ୍ପାତ ଆନୁଷଙ୍ଗିକ ଶିଳ୍ପ ଓ ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ତିନୋଟି ପ୍ରକଳ୍ପ ପାଇଁ ମୋଟ ୩୨୩.୮୧ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ରହିଛି । ।

ରସାୟନ ଓ ପେଟ୍ରୋ ରସାୟନ କ୍ଷେତ୍ରରେ ୨୨୫ କୋଟି ଟଙ୍କାର ଦୁଇଟି ପୁଞ୍ଜିନିବେଶ ପ୍ରସ୍ତାବ ରହିଛି । ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ୪୦୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି । ଆରିଶ୍ କୋଟିଂ ଟେକ୍ନୋଲୋଜି ଏଲ୍ଏଲ୍ପି ଖୋର୍ଦ୍ଧା ଜିଲ୍ଲାରେ ଶିଳ୍ପରେ ବ୍ୟବହୃତ ରଙ୍ଗ ଉତ୍ପାଦନ ପାଇଁ ଏକ କାରଖାନା ସ୍ଥାପନ କରିବ । ସେହିପରି, ପ୍ରୋଏକ୍ ଏନର୍ଜି ଲିମିଟେଡ୍ ଭଦ୍ରକ ଜିଲ୍ଲାରେ ୧୭୫ କୋଟି ଟଙ୍କା ବିନିଯୋଗ କରି ବାର୍ଷିକ ୧୮,୦୦୦ ମେଟ୍ରିକ୍ ଟନ୍ କାଲସିନ୍ଡ୍ ପେଟ୍ରୋଲିୟମ୍ କୋକ୍ ଏବଂ ୯,୦୦୦ ମେଟ୍ରିକ୍ ଟନ୍ ଗ୍ରାଫାଇଟାଇଜ୍ଡ୍ ପେଟ୍ରୋଲିୟମ୍ କୋକ୍ ଉତ୍ପାଦନ କରିବ । ମହାକାଶ ଓ ପ୍ରତିରକ୍ଷା କ୍ଷେତ୍ରରେ ଖୋର୍ଦ୍ଧା ଜିଲ୍ଲାରେ ଦୁଇଟି ପ୍ରସ୍ତାବିତ ପ୍ରକଳ୍ପ ମାଧ୍ୟମରେ ୧୧୭ କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହ ୧,୧୭୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି । ଷ୍ଟୋନହକ୍ ଟେକ୍ନୋଲୋଜିଜ୍ ପ୍ରାଇଭେଟ୍ ଲିମିଟେଡ୍ ଡ୍ରୋନ୍ ଓ ମାନବବିହୀନ ବିମାନ ପ୍ରଣାଳୀ ଉତ୍ପାଦନ ପାଇଁ ଏକ ସମନ୍ୱିତ ଉତ୍ପାଦନ କାରଖାନା ସ୍ଥାପନ କରିବାକୁ ୬୫ କୋଟି ଟଙ୍କା ବିନିଯୋଗ କରିବ । ସେହିପରି, କ୍ଲାସିକ୍ ଟେକ୍ନୋଲୋଜିଷ୍ଟିକ୍ସ ଆଣ୍ଡ ଟ୍ରେଡ୍ ପ୍ରାଇଭେଟ୍ ଲିମିଟେଡ୍ ଏକ ସମନ୍ୱିତ ମହାକାଶ ଉପକରଣ ଉତ୍ପାଦନ କାରଖାନା ସ୍ଥାପନ ପାଇଁ ୫୨ କୋଟି ଟଙ୍କା ନିବେଶ କରିବ । ଏହି ପ୍ରକଳ୍ପ ମାଧ୍ୟମରେ ୩୭୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି ।

ଔଷଧ ଶିଳ୍ପରେ ଉତ୍ପାଦନ କ୍ଷମତାର ସୁଦୃଢ଼ୀକରଣ ସ୍ୱରୂପ ଅମୃତାଶ ହେଲଥ୍ କେୟାର ପ୍ରାଇଭେଟ୍ ଲିମିଟେଡ୍ , ୟୁନିଟ୍-୨ ଖୋର୍ଦ୍ଧାଠାରେ ଔଷଧ ଉତ୍ପାଦନ କାରଖାନା ସ୍ଥାପନ ପାଇଁ ୧୫୨.୬୯ କୋଟି ଟଙ୍କା ବିନିଯୋଗ କରିବ । ପରିବହନ ଓ ସାମଗ୍ରୀ ପରିଚାଳନା ଭିତ୍ତିଭୂମି କ୍ଷେତ୍ରରେ ଆର୍ବି ଆବୋଡ୍ସ ପ୍ରାଇଭେଟ୍ ଲିମିଟେଡ୍ ଗଞ୍ଜାମ ଜିଲ୍ଲାରେ ୨୦୯.୩୫ କୋଟି ଟଙ୍କା ବିନିଯୋଗରେ ଏକ ସମନ୍ୱିତ ଲଜିଷ୍ଟିକ୍ସ ପାର୍କ ପ୍ରତିଷ୍ଠା କରିବ ।ପର୍ଯ୍ୟଟନ କ୍ଷେତ୍ରରେ ନୂତନ ଆତିଥେୟତା ଓ ପର୍ଯ୍ୟଟନସ୍ଥଳୀ ବିକାଶକୁ ଗୁରୁତ୍ୱ ଦୃଷ୍ଟିରୁ ମୋଟ ୧,୦୩୫.୬୨ କୋଟି ଟଙ୍କାର ପୁଞ୍ଜିନିବେଶ ସହ ୬ଟି ପ୍ରକଳ୍ପ ପ୍ରସ୍ତାବ ରହିଛି । ଏଥିରେ ଖୋର୍ଦ୍ଧା, ଝାରସୁଗୁଡ଼ା, ପୁରୀ ଓ କଟକ ଜିଲ୍ଲାରେ ହୋଟେଲ୍, ବିଳାସପୂର୍ଣ୍ଣ ରିସୋର୍ଟ ଏବଂ ଏକ ସମ୍ମିଳନୀ କେନ୍ଦ୍ର ପ୍ରତିଷ୍ଠା ପ୍ରସ୍ତାବ ରହିଛି । ଲିଣ୍ଡେ ସାଉଥ୍ ଏସିଆ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧା ଜିଲ୍ଲାରେ ପରିବହନ କାର୍ଯ୍ୟ ପରିଚାଳନା ଓ ଦୂରସ୍ଥ କାର୍ଯ୍ୟ ପରିଚାଳନା ନିମନ୍ତେ ଏକ ବିଶ୍ୱସ୍ତରୀୟ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା କରିବ । ଏଥିପାଇଁ ୮୨ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ରହିଥିବାବେଳେ ୨୧୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି ।

ପୂର୍ବତଟ ରେଳପଥର ମହାପ୍ରବନ୍ଧକଙ୍କ ଦ୍ୱାରା ସମ୍ବଲପୁର ସିଟି ରେଳ ଷ୍ଟେସନ ନିରୀକ୍ଷଣ



ଭୁବନେଶ୍ୱର,୩୦।୧୦(ନି.ପ୍ର.):ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଆଜି ସମ୍ବଲପୁର ସିଟି ରେଳ ଷ୍ଟେସନ ପରିଦର୍ଶନ କରି ଅମୃତ ଭାରତ ଷ୍ଟେସନ ଯୋଜନା ଅନ୍ତର୍ଗତ ଚାଲୁ ରହିଥିବା ଷ୍ଟେସନର ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ ।ଏହି ନିରୀକ୍ଷଣ ସମୟରେ ମହାପ୍ରବନ୍ଧକ ଯାତ୍ରୀ ସୁବିଧାର ଉନ୍ନତିକରଣ ଏବଂ ଷ୍ଟେସନର ସାମଗ୍ରିକ ପରିବେଶର ଉନ୍ନତି ଲକ୍ଷ୍ୟରେ ହାତକୁ ନିଆଯାଇଥିବା ବିଭିନ୍ନ ଷ୍ଟେସନ ଉନ୍ନତିକରଣ ଓ ଭିତ୍ତିଭୂମି ବିକାଶ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ ।

ଶ୍ରୀ ଫୁଙ୍କୱାଲ ଯାତ୍ରୀମାନଙ୍କ ପାଇଁ ଉନ୍ନତ ସୁବିଧା, ଯାତାୟାତର ସୁବ୍ୟବସ୍ଥା ଏବଂ ଅଧିକ ପରିଚ୍ଛନ୍ନ ଓ ଆରାମଦାୟକ ଷ୍ଟେସନ ପରିବେଶ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।ଅମୃତ ଭାରତ ଷ୍ଟେସନ ଯୋଜନା ଅନ୍ତର୍ଗତ ରେଳ ଷ୍ଟେସନଗୁଡ଼ିକର ବିକାଶ ଦ୍ୱାରା ଯାତ୍ରୀମାନଙ୍କୁ ଆଧୁନିକ ସୁବିଧା ଯୋଗାଇଦେବା ସହ ଯାତ୍ରା ଅନୁଭୂତିକୁ ଅଧିକ ଉନ୍ନତ କରିବାର ଗୁରୁତ୍ୱ ସମ୍ପର୍କରେ ମହାପ୍ରବନ୍ଧକ ଉଲ୍ଲେଖ କରିଥିଲେ । ସେ ଚାଲୁ ରହିଥିବା କାର୍ଯ୍ୟଗୁଡ଼ିକର ନିୟମିତ ତଦାରଖ କରିବା ସହ ଯୋଜନାବଦ୍ଧ ଭାବେ ଉନ୍ନତିକରଣ କାର୍ଯ୍ୟଗୁଡ଼ିକର ସଫଳ ରୂପାୟନ ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ନିରୀକ୍ଷଣ ସମୟରେ ପୂର୍ବ ତଟ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ ଏବଂ ସମ୍ବଲପୁର ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ମହାପ୍ରବନ୍ଧକଙ୍କ ସହ ଉପସ୍ଥିତ ଥିଲେ ।

ଗ୍ରାଉଣ୍ଡ ଜିରୋରେ ସ୍ଥିତି ଅନୁଧ୍ୟାନ କରିବେ ବିଜେଡି ପ୍ରତିନିଧି ଦଳ

ବ୍ରହ୍ମପୁର,୩୧।୧୦(ମନ୍ଥନ): ସ୍ଥାନୀୟ ଗଜପତି ନଗର ସ୍ଥିତ ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଶୁକ୍ରବାର ସନ୍ଧ୍ୟାରେ ବରିଷ୍ଠ ନେତୃ ମଣ୍ଡଳୀ ମାନଙ୍କ ଦ୍ୱାରା ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ସୂଚନା ଅନୁସାରେ ବିଜୁ ଜନତା ଦଳର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମାନ୍ୟବର ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱରରୁ ଏକ ବରିଷ୍ଠ ନେତୃ ମଣ୍ଡଳୀ ଆଜି ବ୍ରହ୍ମପୁର ଗସ୍ତରେ ଆସିଛନ୍ତି । ଏହି ପ୍ରତିନିଧି ଦଳରେ ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରତାପ ଜେନା, ଶ୍ରୀମତୀ ଟୁକୁନି ସାହୁ, ଜିଲ୍ଲା ସଭାପତି ଶ୍ରୀ ବିକ୍ରମ କୁମାର ପଣ୍ଡା, ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଶ୍ରୀ ଚନ୍ଦ୍ର ଶେଖର ସାହୁ, ଶ୍ରୀ ଭୃଗୁ ବକ୍ସିପାତ୍ର, ଶ୍ରୀ ଚିନ୍ମୟ ସାହୁ, ଶ୍ରୀମତୀ ରଂଜିତା ସାହୁ ଓ ଶ୍ରୀମତୀ ସଂଘମିତ୍ରା ଦଳେଇ ପ୍ରମୁଖ ଗସ୍ତ କରିବେ । ଏହି ପ୍ରତିନିଧି ଦଳ ଆଜି ଓ ଆସନ୍ତା କାଲି ଦୁଇ ଦିନ ଧରି ଗଞ୍ଜାମ ଗସ୍ତ କରି ବିପନ୍ନ ଲୋକଙ୍କୁ ଭେଟିବା ସହ କ୍ଷୟକ୍ଷତି ଆକଳନ କରିବେ । ରିଲିଫ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଓ ଗଞ୍ଜାମ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବେ । ପରେ ଉକ୍ତ କମିଟି ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ତାର ରିପୋର୍ଟ ପ୍ରଦାନ କରିବେ ବୋଲି ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତୃ ମଣ୍ଡଳୀ ମାନେ ପ୍ରତିକ୍ରିୟା ପ୍ରକାଶ କରିଥିଲେ । ତେବେ ଏହି ପରିପ୍ରେକ୍ଷୀରେଶ୍ରୀମତୀ ପ୍ରମିଳା ମଲ୍ଲିକ କହିଥିଲେ ଯେ, ବାତ୍ୟା 'ଅର୍ଣ୍ଣବ' ଯୋଗୁଁ ଗଞ୍ଜାମ ଓ ଗଜପତିରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ସରକାର ଯଦି ଆଗୁଆ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଥାନ୍ତେ, ତେବେ ଏପରି ଅବସ୍ଥା ହୋଇନଥାନ୍ତା । ବିଶେଷ କରି ଜଳ ଭଣ୍ଡାର ପରିଚାଳନା, ଜଳ ନିଷ୍କାସନର ବ୍ୟବସ୍ଥା ଏବଂ ଦୁର୍ବଳ ନଦୀ ବନ୍ଧ ଗୁଡ଼ିକର ମରାମତି ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ଥିଲା । ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଅବୈଧ ବାଲି ଉତ୍ତୋଳନ ଯୋଗୁଁ ଅନେକ ନଦୀ ବନ୍ଧ କ୍ଷତିଗ୍ରସ୍ତ ହୋଇଥିଲା, ଯାହାଫଳରେ ବନ୍ୟା ବିଭୀଷିକା ସୃଷ୍ଟି ହେଲା । ଅତ୍ୟଧିକ ବର୍ଷା ହେବା ନେଇ ଆଗୁଆ ସୂଚନା ଥିବା ସତ୍ତ୍ୱେ ସରକାର କାହିଁକି ଆଗୁଆ ପଦକ୍ଷେପ ନେଲେ ନାହିଁ ବନ୍ୟା ବିପନ୍ନ ଲୋକଙ୍କୁ ସହାୟତା ଯୋଗାଇବା ଦେବା ପରିବର୍ତ୍ତ ସରକାର ନିଜ ପ୍ରଚାର ଓ ପ୍ରସାରରେ ବ୍ୟସ୍ତ । ବନ୍ୟା ପ୍ରଭାବିତ ଅଞ୍ଚଳରୁ ପ୍ରାୟ ୫୦ ହଜାର ଲୋକଙ୍କୁ ଉଦ୍ଧାର କରାଯାଇଥିବା ନେଇ ସରକାର ଦାବି କରୁଛନ୍ତି । କିନ୍ତୁ ଉଦ୍ଧାର କାର୍ଯ୍ୟରେ କେତୋଟି ହେଲିକପ୍ଟର ନିୟୋଜିତ ହୋଇଥିଲା ଓ ବନ୍ୟା ବିପନ୍ନ ଲୋକଙ୍କୁ କେତେ ସହାୟତା ଯୋଗାଇ ଦିଆଇଯାଇଛି, ତାହା ସାର୍ବଜନୀନ କରନ୍ତୁ ସରକାର । ବନ୍ୟା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବନ୍ୟା ପ୍ରଭାବିତ ଲୋକଙ୍କ ପାଖରେ ତୁରନ୍ତ ରନ୍ଧା ଖାଦ୍ୟ ପହଞ୍ଚାଇବା ସହ ରିଲିଫ ଓ ଥଇଥାନ ବ୍ୟବସ୍ଥାକୁ ତ୍ୱରାନିତ କରନ୍ତୁ ରାଜ୍ୟ ସରକାର ବୋଲି ପ୍ରଶ୍ନ କରିଥିଲେ । ସେହିପରି ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରତାପ ଜେନା



କହିଥିଲେ ଯେ, ଗଞ୍ଜାମ ଓ ଗଜପତି ଜିଲ୍ଲାର ହଜାର ହଜାର ଲୋକ ବନ୍ୟା ଯୋଗୁଁ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି । ସରକାରଙ୍କ ପ୍ରସ୍ତୁତିକୁ ନେଇ ଦାବି ଓ ବାସ୍ତବ ସ୍ଥିତି ମଧ୍ୟରେ ଆକାଶ ପାତାଳ ପାର୍ଥକ୍ୟ ରହିଛି । ଅନେକ ବନ୍ୟା ବିପନ୍ନ ପରିବାର ପାଖରେ ରିଲିଫ୍ ସାମଗ୍ରୀ ପହଞ୍ଚି ପାରିନାହିଁ । ସରକାର ତୁରନ୍ତ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ବନ୍ୟା ପ୍ରଭାବିତ ଲୋକଙ୍କୁ ବିନା ପକ୍ଷପାତିତାରେ ସହାୟତା ଯୋଗାଇ ଦିଅନ୍ତୁ । ରନ୍ଧା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଓ ଅତ୍ୟାବଶ୍ୟକ ସାମଗ୍ରୀ ସମୟୋଚିତ ଭାବେ ବଣ୍ଟନ କରାଯାଉ । ବନ୍ୟା ପରବର୍ତ୍ତୀ କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ପରିବାର ଗୁଡ଼ିକୁ ଯଥେଷ୍ଟ କ୍ଷତିପୂରଣ ପ୍ରଦାନ କରନ୍ତୁ ସରକାର । ଦୁର୍ବଳ ନଦୀ ବନ୍ଧ ଗୁଡ଼ିକର ତୁରନ୍ତ ମରାମତି ଓ ସୁଦୃଢ଼ୀକରଣ କରାଯାଉ । ଅବୈଧ ବାଲି ଉତ୍ତୋଳନ କରି ନଦୀବନ୍ଧ କ୍ଷତିଗ୍ରସ୍ତ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ ।

ସରକାର ଯଦି ବନ୍ୟା ପ୍ରଭାବିତ ଲୋକଙ୍କ ପ୍ରତି ଅବହେଳା କରିବେ, ତେବେ ବିଜୁ ଜନତା ଦଳ ସରକାରଙ୍କ ବିରୋଧରେ ନିଜର ଗଣତାନ୍ତ୍ରିକ ଆନ୍ଦୋଳନକୁ ଆହୁରି ତୀବ୍ର କରିବ । ମୁଖ୍ୟମନ୍ତ୍ରୀ ଓ ସମ୍ପୃକ୍ତ ମନ୍ତ୍ରୀ ମାନେ ରାଜନୈତିକ ବିଚାର ଧାରାରୁ ଊର୍ଦ୍ଧ୍ୱରେ ରହି ଗଞ୍ଜାମ ଓ ଗଜପତି ଜିଲ୍ଲାର ଲୋକଙ୍କ ସୁରକ୍ଷା, ଜୀବିକା ଓ ଥଇଥାନକୁ ପ୍ରାଥମିକତା ଦିଅନ୍ତୁ ବୋଲି ପ୍ରତିକ୍ରିୟା ପ୍ରକାଶ କରିଥିଲେ । ଶେଷରେ ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜୁ ଜନତା ଦଳର ଜିଲ୍ଲା ସଭାପତି ବିକ୍ରମ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଜ୍ଞାନ ଆଦାନପ୍ରଦାନ ମାଧ୍ୟମରେ ବନ୍ୟଜନ୍ତୁ ସଂରକ୍ଷଣ



ଅନୁଗୋଳ(ମନ୍ଥନ): ଅନୁଗୋଳ ବନଖଣ୍ଡ ପକ୍ଷରୁ ଓଡ଼ିଶା ର ୧୮ଟି ବନଖଣ୍ଡର ୧୦ ଜଣ ବନପାଳ ଓ ୮ ଜଣ ବନରକ୍ଷୀ କୁଲାସିଙ୍ଗା ଉଦ୍ଧାର କେନ୍ଦ୍ର ପରିଦର୍ଶନ କରି ବନ୍ୟଜନ୍ତୁ ଉଦ୍ଧାର, ପୁନର୍ବାସ ଓ ପରିଚାଳନା ସମ୍ପର୍କରେ ବ୍ୟବହାରିକ ଜ୍ଞାନ ଆହରଣ କରିଥିଲେ । ଏହି ପରିଦର୍ଶନ ମାଧ୍ୟମରେ ଏୟାରାଓ୍ୱତ ରେସ୍କ୍ୟୁ ଟ୍ରକ୍, ଗଠଟ, ଜଜଞ୍ଜ ଉପକରଣ, ଏଲିଫ୍ୟାଣ୍ଟ କ୍ରାଲ୍ ଓ ଏଲିଫ୍ୟାଣ୍ଟ ମୋଟ୍ ସମ୍ପର୍କରେ ଅନୁଭୂତି ହାସଲ କରିଥିଲେ ।

ସୀମା ନଗରରେ ସେକ୍ସ ରାକେଟ୍ ଠାବ

କୁକୁଡାଖଣ୍ଡି,୩୦/୧୦: ଏକ ବିଶେଷ ସୂତ୍ରରୁ ଖବର ପାଇ ବ୍ରହ୍ମପୁର ପୁଲିସ୍ ର ଏକିକୃତମାନବ ଚାଲଣ ୟୁନିଟ (ଆଇଏଏଚ୍ ଟିୟୁ)ଏବଂ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଙ୍କ ମିଳିତକ ଭାବେ ନିମଖଣ୍ଡି ଥାନା ଅନ୍ତର୍ଗତ ସୀମା ନଗର ଦ୍ୱିତୀୟ ଗଳିରେ ଚାଲିଥିବା ସ୍ୟାକ୍ସ ରାକେଟ ଉପରେ ଚଢାଉ କରିଥିଲେ । ଚଢାଉ ସମୟରେ ଦୁଇଜଣ ଦେହଜୀବୀ ଏବଂ ଚାରି ଜଣ ଗ୍ରାହକ ଅସଂଜତ ଅବସ୍ଥାରେ ଉଦ୍ଧାର କରିଥିଲା ପୁଲିସ । ସେଠାରେ ୧୭ ଟି କଣ୍ଡୋମ,୭ଟି ଟିସୁ ପେପର,୭ଟି ମୋବାଇଲ,୧୨୦୦ ଶହ ଟଙ୍କା ଜବତ କରିଛି ପୁଲିସ୍ ? । ଏହି ଦେହ ବ୍ୟବସାୟକୁ ପାଟପୁର ଥାନା ଅନ୍ତର୍ଗତ ରଘୁନାଥପୁରର ପିଣ୍ଟୁ ଡାକୁଆ ନାମକ ଜଣେ ଯୁବକ ଚଳାଉ ଥିବା ପୁଲିସ୍ ଜାଣିବା ପରେ ତାକୁ ଗିରଫ କରିଛି କରିଛି । ଏହାସହିତ ଦିଗପହଣ୍ଡି ଥାନା ଅନ୍ତର୍ଗତ ମହୁଡା ଗ୍ରାମ ର ଅଚ୍ୟୁତା ନନ୍ଦ ଖଟୁଆ, ଅନ୍ତର୍ଯ୍ୟୋମୀ ଖଟୁଆ, ସନ୍ତୋଷ ନାହାକ ଏବଂ ହିଞ୍ଜିଳିକାଟୁ ମୋହନାପଲୀ ଗ୍ରାମର ଇଂ ସଞ୍ଜୟ କୁମାର କୁ ଗିରଫ କୋର୍ଟ ଚାଲାଣ କରିଥିବା ବ୍ରହ୍ମପୁର ଏସପି ଅଭିନବ ସୋନଙ୍କର ସୂଚନା ଦେଇଛନ୍ତି । କରିଛି ।

ଦୁର୍ଘଟଣାରୁ ଧରାପଡିଲା ଗଞ୍ଜେଇ

ନବରଙ୍ଗପୁର,୩୦।୧୦: ସଡ଼କ ଦୁର୍ଘଟଣାରୁ ଧରାପଡ଼ିଲା ଗଞ୍ଜେଇ ଚାଲାଣ,୨ ବାଇକ୍ ଜବତ, ଜଣେ ଅଟକ ଓ ୩ ଆହତ ।ନବରଙ୍ଗପୁର ସହରସ୍ଥିତ ଏଫ୍ ?ସିଆଇ (ରଉଓ) ଗୋଦାମ ନିକଟ ୨୬ ନମ୍ବର ଜାତୀୟ ରାଜପଥରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଗଞ୍ଜେଇ ଚାଲାଣର ପର୍ଦ୍ଦାଫାସ ହୋଇଛି । ପ୍ରାପ୍ତ ସୂଚନା ଅନୁଯାୟୀ,



କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ଗୁଣ୍ଡିଗୁଡ଼ା ଗ୍ରାମର ଲୋକନାଥ ନାୟକ (ଓରଫ ଅରୁଣ) ଏବଂ ତାଙ୍କ ସମ୍ପର୍କୀୟ ଜ୍ୱାଇଁ ହେମନ୍ତ ନାୟକ ଏକ ବାଇକ୍ ଡିକିରେ ମାଲକାନଗିରିରୁ କଳାହାଣ୍ଡିକୁ ବେଆଇନ ଭାବେ ଗଞ୍ଜେଇ ଚାଲାଣ କରୁଥିଲେ । ନବରଙ୍ଗପୁର ସହରରେ ପୋଲିସ ପାଟ୍ରୋଲିଂ ଗାଡ଼ି ଦେଖି ସେମାନେ ଦ୍ରୁତ ଗତିରେ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଏଫ୍ ?ସିଆଇ ଗୋଦାମ ନିକଟସ୍ଥ ରୋକିସାନ ହୋଟେଲ ସମ୍ମୁଖରେ ସାମ୍ନାପଟୁ ଆସୁଥିବା ଅନ୍ୟ ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଏହି ଧକ୍କା ଏତେ ଜୋରଦାର ଥିଲା ଯେ ଗଞ୍ଜେଇ ବୋଝେଇ ବାଇକ୍ ?ର ଡିକି ଭାଙ୍ଗି ରାସ୍ତା ସାରା ଗଞ୍ଜେଇ ପ୍ୟାକେଟ୍ ବିଛାଡ଼ି ହୋଇ ପଡ଼ିଥିଲା । ଘଟଣାସ୍ଥଳରୁ ଫେରାର ହେବାକୁ ଉଦ୍ୟମ କରୁଥିବା ଅଭିଯୁକ୍ତ ହେମନ୍ତଙ୍କୁ ମାଝୀଗୁଡ଼ା ନିକଟରୁ ପୋଲିସ କାବୁ କରି ଅଟକ ରଖିଥିବା ବେଳେ ଗୁରୁତର ଆହତ ଅନ୍ୟତମ ଅଭିଯୁକ୍ତ ଲୋକନାଥଙ୍କୁ ପୋଲିସ ହେପାଜତରେ ମେଡିକାଲରେ ଭର୍ତ୍ତି କରାଯାଇଛି । ସେହିପରି ଅନ୍ୟ ଏକ ବାଇକ୍ରେ ଥିବା ତାରାଗାଁର ଉଗ୍ରସେନ ହରିଜନ ଏବଂ ଧାରଣାବେଡାର ଗୁପ୍ତ ହରିଜନ ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ପୋଲିସ ଘଟଣାସ୍ଥଳରୁ ଗଞ୍ଜେଇ ସମେତ ଉଭୟ ଦୁର୍ଘଟଣାଗ୍ରସ୍ତ ବାଇକ୍କୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି ।

ଅବକାରୀ ବିଭାଗ ପଞ୍ଝାରେ ନିଶାବେପାରୀ

ଜଗତସିଂହପୁର ,୩୦।୧୦(ନି.ପ୍ର.): ଗ୍ରାମର ହେରୋଇନ ସହ ୯୪୦ ଗ୍ରାମର ଗଞ୍ଜେଇ ଜବତ । ୩୦ ତାରିଖ ଶୁକ୍ରବାର ସକାଳ ସମୟରେ ବାଲିକୁଦା ଥାନା ଅଞ୍ଚଳର ଆମ୍ବଶାଳ ଚାରି ଛକରେ ଚଢାଉ କରି ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ରେଞ୍ଜ।

ଆମ୍ବଶାଳ ବଜାର ରେ ଦୀର୍ଘ ଦିନ ହେବ ବ୍ରାଉନସୁଗାର କାରବାର ଲୁଚାଛପାରେ ଚାଲୁଥିବାର ଏକ ଅଭିଯୋଗକୁ ଭିତ୍ତି କରି ଜଗତସିଂହପୁର ଅବକାରୀ ରେଞ୍ଜ ର ଇନ୍ସପେକ୍ଟର ଖିତୀଶ ଦାସଙ୍କ ନେତୃତ୍ୱରେ ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ସବ୍ଇନ୍ସପେକ୍ଟର ଭାଗ୍ୟଲକ୍ଷ୍ମୀ ଦଲାଇ ଏବଂ କର୍ମଚାରୀମାନଙ୍କ ସହଯୋଗରେ ଏକ ଟିମ ଚଢାଉ କରିଥିଲେ । ଅଭିଯୁକ୍ତ ଜଣଙ୍କ ଘଟଣାସ୍ଥଳ ରୁ ଖସି ପଳାଇବାକୁ ଚେଷ୍ଟା କରୁଥିବାବେଳେ ତାଙ୍କୁ ଆମ୍ବଶାଳ ବଜାର ସ୍ଥିତ ଚାରିଛକ ନିକଟରୁ କାବୁ କରିନେଇଥିଲେ । ଯାଞ୍ଚ ପରେ ତାଙ୍କ ନିକଟରୁ ୫୫ ଗ୍ରାମର ବେଆଇନ ହେରୋଇନ, ଏକ ବଜାଜ ପଲସର ମୋଟରସାଇକେଲ (ନଂ- ଓଡି-୨୧-କ୍ୟୁ-୦୦୮୩) ଏବଂ ଏକ ଆଣ୍ଡ୍ରଏଡ ଫୋନ ଜବତ କରାଯାଇଥିଲା । ଗିରଫ ଅଭିଯୁକ୍ତ ଜଣକ ହେଲେ ଆମ୍ବଶାଳ ଗ୍ରାମର ହେମନ୍ତ ସାହୁଙ୍କ ଙ୍କ ପୁଅ ଶିବାନୀ ସାହୁ (୩୮) । ଜବତ ହେରୋଇନ ସହ ମୋଟରସାଇକେଲ ର ଆନୁମାନିକ ମୂଲ୍ୟ ୬ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବାର ପ୍ରକାଶ କରିଛନ୍ତି ଜଗତସିଂହପୁର ରେଞ୍ଜ ଇନ୍ସପେକ୍ଟର ଖିତୀଶ ଦାସ । ଅଭିଯୁକ୍ତଙ୍କୁ ଜଗତସିଂହପୁର ଅବକାରୀ ରେଞ୍ଜ କେସ୍ ନଂ



୫୫ ?୨୦୨୬-୨୭ରେ ଗିରଫ କରାଯାଇ ଏନ ଡି ପି ଏସ୍ ଆକ୍ଟ ୧୯୮୫ ଅନୁସାରେ ମାମଲା ରଜୁ କରାଯାଇ ଜିଲ୍ଲା ରୈରାଜଜ ଙ୍କ ଅଦାଲତକୁ ଚାଲାଣ କରାଯାଇଛି । ସେହିପରି ଅନ୍ୟ ଏକ ଘଟଣାକ୍ରମେ ତିର୍ତ୍ତୋଲ ଅବକାରୀ ଥାନାର ସବ୍ଇନ୍ସପେକ୍ଟର ରବି ବେହେରାଙ୍କ ନେତୃତ୍ୱରେ ଅଉ ଗୋଟିଏ ଟିମ୍ ତିର୍ତ୍ତୋଲ ଥାନା ଅନ୍ତର୍ଗତ ତେନ୍ତୁଳିପଦା ଗ୍ରାମର ଗାଦି ମହାପୁରୁଷ ମନ୍ଦିର ପାଖରେ ଚଢାଉ କରି ୯୪୦ ଗ୍ରାମର ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତ ସେହି ଗ୍ରାମର ନରେନ୍ଦ୍ର କୁମାର ସାହୁଙ୍କୁ ତିର୍ତ୍ତୋଲ ଅବକାରୀ ଥାନାର କେସ୍ ନଂ ୮୭ ?୨୦୨୬-୨୭ରେ ଗିରଫ କରି ଏନ ଡି ପି ଏସ୍ ଆକ୍ଟ ୧୯୮୫ ଅନୁସାରେ ମାମଲା ରଜୁ କରାଯାଇ ଜିଲ୍ଲା ରୈରାଜଜ୍ ଙ୍କ ଅଦାଲତକୁ ଚାଲାଣ କରାଯାଇଛି । ଗିରଫ ଦୁଇ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି ।ଆଜିର ଏହି ଚଢାଉ ରେ ଜଗତସିଂହପୁର ଅବକାରୀ ରେଞ୍ଜ ର କନଷ୍ଟେବଲ ଅନୁରାଗ ସୂର୍ଯ୍ୟବଂଶୀ, ଲକ୍ଷ୍ମୀନାରାୟଣ ମଲ୍ଲିକ, ଜିଲ୍ଲା ଭ୍ରାମ୍ୟମାଣ ସଂସ୍ଥାର କନଷ୍ଟେବଳ ବିଶ୍ୱରଞ୍ଜନ ସ୍ୱାଇଁ, ସୁକାନ୍ତ ମାଝୀ, ପ୍ରମୁଖ ସାମିଲ ଥିଲେ । ନାର୍କ ?ଟିକ୍ସ ବ୍ୟବସାୟ ବିରୋଧରେ ଚଢାଉ ଅଧିକ ତୀବ୍ରତର କରାଯିବ ସହ ଶୂନ୍ୟସହନଶୀଳ ନୀତିରେ ସମସ୍ତ ଅଭିଯୁକ୍ତଙ୍କୁ ଦମନ କରିବା ପାଇଁ ଆଗାମୀ ଦିନରେ ଅବକାରୀ ବିଭାଗ ତାର ପ୍ରୟାସ ଜାରି ରଖିବ ବୋଲି ଅବକାରୀ ଅଧିକ୍ଷିକା ଶ୍ରୀମତି ଅନିତା ପ୍ରଧାନ ପ୍ରକାଶ କରିଛନ୍ତି ।

'ଅର୍ଣ୍ଣବ'ର ପ୍ରହାର: ଚାଷ ବିଲରେ ଲୋଉଟିଲା ପାଚିଲା ଧାନ, ଚିନ୍ତାରେ ଚାଷୀ

କୁକୁଡାଖଣ୍ଡି, ୩୦/୧୦: ରାଜ୍ୟର ଭାତହାଣ୍ଡି ଗଞ୍ଜାମ ଜିଲ୍ଲା ଉପରେ 'ଅର୍ଣ୍ଣବ'ର ପ୍ରହାର । ବାତ୍ୟା ପ୍ରଭାବରେ ହୋଇଥିବା ଲଗାଣବର୍ଷା ଓ ପବନରେ ବିଲରେ ଲୋଟିପଡ଼ିଛି ଅମଳକ୍ଷମ ଧାନ । ଅମଳ ଆରମ୍ଭ ପୂର୍ବରୁ ଏଭଳି ଦୁର୍ବିପାକ ଚାଷୀ ମୁଣ୍ଡରେ ଚଢ଼କ ପକାଇଛି । ପାଚିଲା ଧାନ ପାଣିରେ ବୁଡ଼ି ରହିଲେ ନଷ୍ଟ ହେବା ଓ ଉତ୍ପାଦନ ପ୍ରଭାବିତ ହେବା ଆଶଙ୍କା ଥିବାରୁ ଚାଷୀକୁଳ ଧୈର୍ଯ୍ୟହରା ହୋଇପଡ଼ିଛନ୍ତି ।



କୁକୁଡାଖଣ୍ଡି ବ୍ଲକ ର ୨୨ ପଞ୍ଚାୟତ ର କୁକୁଡାଖଣ୍ଡି, ଲାଠି, ଜଗଦଳପୁର, ଆଙ୍କୁଶପୁର, ପାଣ୍ଡିଆଝାଳି, ବାଲିପଦ୍ରା, ଦକ୍ଷିଣପୁର, ଲାଞ୍ଜିଆ, ବନ୍ଧପଲ୍ଲୀ, ବୋରିଗାଁ, ହୁଗୁଲାପଟା, ରୋହିଗାଁ, ନଳିହାଡ, ଅନନ୍ତେଇ,ସିହଳା, ସମେତ ବ୍ଲକର ବିଭିନ୍ନ ପଞ୍ଚାୟତ ରେ ବର୍ଷା ଜାରି ରହିଛି । ତୁହାକୁ ତୁହା ପବନ ଝଡରେ ଅଧିକାଂଶ ସ୍ଥାନରେ ଫଳନ୍ତି ଧାନ ଗଛ ଜମିରେ ଶୋଇପଡ଼ିଛି ।ବର୍ଷା ଓ ପବନରେ ଗଛରୁ ଧାନ ଝଡ଼ି ପଡ଼ିଥିବା ଦେଖିବାକୁ ମିଳିଛି । କିଛି ଜମିରେ ଧାନ ଗଛରେ ଫୁଲ ଧରିବା ସହ ଧାନପୁଡ଼ା ହେଉଥିବା ଯୋଗୁଁ ବର୍ଷା ପବନ ଯୋଗୁ ସେଗୁଡିକ ନଷ୍ଟ ହୋଇଯାଇଛି । ଯାହା ଫଳରେ ଚାଷୀ ବାପୁଡା ଚିନ୍ତିତ ଅବସ୍ଥାରେ ମୁଣ୍ଡରେ ହାତ ଧରି ଜମି ହିଡରେ ବସିଥିବା ଦେଖିବାକୁ ମିଳିଛି । ବର୍ଷା ଜଳ ଧାନ ଫସଲ ଉପରେ ଲହଡି ମାରୁଥିବାରୁ ଧାନ ଫସଲରେ ବ୍ୟାପକ କ୍ଷତି ହେବ ।ଦେଖିବାକୁ ମିଳିଛି । ସେପଟେ ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଏଭଳି ପରିସ୍ଥିତିରେ ଚାଷୀ ବାପୁଡ଼ା ଋଣ କରଜ କରି ବିହନ, ସାର କ୍ରୟ କରି ଜମିରେ ଧାନ ଚାଷ କରିଥିଲେ । ଧାନ ଅମଳ ହେଲେ ତାହାକୁ ବିକ୍ରି କରି ପରିବାରର ଭରଣପୋଷଣ ମେଣ୍ଟାଇବା ସହ କରଜ ସୁଝିଥାନ୍ତେ । ଏବେ କିପରି ଚାଷୀ ବାପୁଡା ଋଣ କରଜ ସୁଝିବେ ତାକୁ ନେଇ ଚିନ୍ତିତ ହୋଇପଡିଛନ୍ତି । ଆହୁରି ବର୍ଷା ଆଶଙ୍କା ଥିବାରୁ ବ୍ୟାପକ କ୍ଷତି ହେବା ଆଶଙ୍କାରେ ଅତଙ୍କିତ ହୋଇପଡ଼ିଛନ୍ତି ଚାଷୀ । ଚାଷୀଙ୍କ କହିବା କଥା, ଲଗାଣବର୍ଷାରେ ଧାନ ଚାଷ ବିଶେଷ ଭାବେ ପ୍ରଭାବିତ ହୋଇଛି । ଏ ନେଇ ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ସୁବ୍ରତ କୁମାର ବାରିକ କହିଛନ୍ତି, ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ବାତ୍ୟା ପାଇଁ କୃଷି ବିଭାଗ ତରଫରୁ ଆଗୁଆ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି । ଅଧିକାରୀ ଓ କର୍ମଚାରୀମାନେ ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତର ଜଳମଗ୍ନ ଚାଷ ଜମି ବୁଲି ରିପୋର୍ଟ ପ୍ରସ୍ତୁତ ଜାରି ରଖିଛନ୍ତି । କ୍ଷୟକ୍ଷତି ଆକଳନ କରି ସରକାରଙ୍କୁ ଚୂଡ଼ାନ୍ତ ରିପୋର୍ଟ ଦିଆଯିବ । ସେପଟେ ରାଜସ୍ୱ ବିଭାଗର କର୍ମଚାରୀ ମଧ୍ୟ .ସମସ୍ତ ଅଞ୍ଚଳ ବୁଲି ଧାନ ଫସଲର କ୍ଷୟକ୍ଷତି ଆକଳନ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ତହସିଲଦାର ରାଜକିଶୋର ପଟ୍ଟନାୟକ ସୂଚନା ଦେଇଛନ୍ତି ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104 , Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ